R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୧୩
ତିଥି: ଷଷ୍ଠୀ
୧୮ ଅଗଷ୍ଟ ୨୦୨୬, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 313
18 August 2026, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ବନ୍ୟାରେ ୬ ଜିଲ୍ଲାର ୭.୮୫ ଲକ୍ଷ ପ୍ରଭାବିତ

ଭୁବନେଶ୍ୱର, ୧୭।୮ (ସବ୍ୟୁ): ଓଡ଼ିଶାରେ ବନ୍ୟା ପିଛା ଛାଡୁନି । ଗୋଟିଏ ପରେ ଗୋଟିଏ ବନ୍ୟା, ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ାଇ ଦେଇଛି। ଗତ ୧୫ ଦିନ ହେବ ବନ୍ୟା ପାଣିରେ ଯନ୍ତ୍ରଣା ଭୋଗୁଛନ୍ତି ୬ ଜିଲ୍ଲାର ଅଞ୍ଚଳବାସୀ। ବନ୍ୟାରେ ପୁଣି ୪୪୮ ପଞ୍ଚାୟତର ୭ ଲକ୍ଷ ୮୫ ହଜାର ୧୯୯ ଲୋକ ପ୍ରଭାବିତ ହୋଇଛନ୍ତି ।



- ୩୯ ଓଡ୍ରାଫ, ୭ ଏନ୍‌ଡିଆର୍‌ଏଫ୍, ୫୩ ଅଗ୍ନିଶମ ଟିମ
- ୨ ଲକ୍ଷ ୭୭ ହଜାରଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର
- ୬୬ ବ୍ଲକର ୪୪୮ ପଞ୍ଚାୟତ, ୧୦ ପୌରାଞ୍ଚଳ କ୍ଷତିଗସ୍ତ

ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି)ଙ୍କ ତଥ୍ୟ ଅନୁଯାୟୀ, ଦ୍ୱିତୀୟ (୯ ପୃଷ୍ଠାରେ)

## ବୈତରଣୀରେ ପୁଣି ଆସୁଛି ବଡ଼ ବନ୍ୟା

ଭଦ୍ରକ/ଧାମନଗର/ଦୋବଲ, ୧୭।୮ (ଜିପ୍ର/ସବ୍ୟୁ) : ବୈତରଣୀ ନଦୀର ଉପରମୁଣ୍ଡରେ ଲଘୁଚାପ ଜନିତ ପ୍ରବଳ ବର୍ଷା ହେତୁ ବୈତରଣୀ ନଦୀରେ ପୁଣି ଏକ ବଡ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବିଗତ ଏକ ମାସ ମଧ୍ୟରେ ବୈତରଣୀ ନଦୀରେ ତିନୋଟି ବନ୍ୟା ଆସି ଧାମନଗର ଅଂଚଳରେ ନାହିଁ ନଥିବା କ୍ଷୟକ୍ଷତି ଘଟାଇଥିବାବେଳେ ବନ୍ୟାଞ୍ଚଳ ଲୋକେ ଚରମ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି । ବୈତରଣୀରେ ଆସୁଥିବା ଚତୁର୍ଥ ବନ୍ୟା ଲୋକଙ୍କୁ ଆତଙ୍କିତ କରିଛି । ଗେଙ୍ଗୁଟି ନଦୀର ବନ୍ୟା ସ୍ରୋତରେ ଭାସିଯାଇ ଧାମନଗର ବ୍ଲକ ଅନ୍ତର୍ଗତ ପାହାଡପୁର ଗ୍ରାମର ନିଖୋଜ ଗଣେଶ ଯେନାଙ୍କ ମୃତଦେହ ଚାରିଦିନ ପରେ ଘଟଣାସ୍ଥଳର ପ୍ରାୟ ଦେଢ କିଲୋମିଟର ଦୂର ଗାଇଛନ୍ଦା ଚଟାଣ ନିକଟରୁ ଉଦ୍ଧାର କରାଯାଇଛି ।

ବିଗତ ୨୪ଘଣ୍ଟା ମଧ୍ୟରେ ବୈତରଣୀ ନଦୀର ଉପରମୁଣ୍ଡ କେନ୍ଦୁଝର ଠାରେ ୨୦.୪ (୯ ପୃଷ୍ଠାରେ)

## ବନ୍ୟାଞ୍ଚଳରେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୭।୮,(ସବ୍ୟୁ): ଲଗାଣ ବର୍ଷା ଯୋଗୁଁ ଯାଜପୁର ଓ ବାଲେଶ୍ୱର ଜିଲ୍ଲାରେ ଯୋଗୁଁ ଯାଜପୁର ଓ ବାଲେଶ୍ୱର ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ସମ୍ପର୍କରେ ଅନୁଧ୍ୟାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗସ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ବନ୍ୟାଞ୍ଚଳକୁ ପ୍ରତ୍ୟକ୍ଷ ଭାବେ ଯାଇ ବିପନ୍ନଙ୍କ ସହ ଆଲୋଚନା କରିଛନ୍ତି। ବୋର୍ଡରେ ବନ୍ୟାଞ୍ଚଳକୁ ଯାଇ ଭେଟିବା ସହ ସେମାନଙ୍କ ସହିତ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ବେଳେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରି ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଅଛନ୍ତି ।

ମୁଖ୍ୟମନ୍ତ୍ରୀ ପ୍ରଥମେ (୯ ପୃଷ୍ଠାରେ)

## ଛାତ୍ରଙ୍କ ଦାବି ମାନିଲେ ଝାଡ଼ଖଣ୍ଡ ସରକାର

ନୂଆଦିଲ୍ଲୀ,୧୭।୮: ଝାଡଖଣ୍ଡ ସରକାର ଆନ୍ଦୋଳନରତ ଛାତ୍ରଙ୍କ ଦାବିକୁ ମାନି ନେଇଛନ୍ତି । ଜେଏସ୍ଏସ୍‌ସି-ସିଜିଏଲ୍ ପରୀକ୍ଷାକୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ବାତିଲ କରିଛନ୍ତି । ଏହାଛଡ଼ା ୨୦୧୪ରୁ ଡିଡିପିଏଲ୍ ଦ୍ୱାରା ହୋଇଥିବା ସମସ୍ତ ପରୀକ୍ଷାର ସିଆଇଡି ତଦନ୍ତ ହେବ ବୋଲି ଘୋଷଣା କରିଛନ୍ତି । ଏହି ତଦନ୍ତ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଦ୍ୱାରା କରାଯିବ । ଟିଡିପିଏଲ୍ ଦ୍ୱାରା ଯେଉଁ ଫଳ ପ୍ରକାଶ ପାଇଛି ତାହାକୁ ବାତିଲ କରାଯାଇଛି । ସରକାର ଓ ପ୍ରତିବାଦକାରୀ ଛାତ୍ରଙ୍କ ମଧ୍ୟରେ ଆଲୋଚନା ପରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଏହି ନିଷ୍ପତ୍ତି ନେଇଛନ୍ତି ।

### ହେମନ୍ତଙ୍କୁ ରାହୁଲଙ୍କ ଚିଠି

ସୂଚନାଯୋଗ୍ୟ ଝାଡଖଣ୍ଡର ଆନ୍ଦୋଳନରତ ଛାତ୍ରଙ୍କ ସହ ଆଲୋଚନା କରିବା ପାଇଁ (୯ ପୃଷ୍ଠାରେ)

## ସାର ସଙ୍କଟ : ରାତି ଅଧରୁ ଚାଷୀଙ୍କ ଲମ୍ବା ଧାଡ଼ି

ସୁନ୍ଦରଗଡ଼, ୧୭।୮ (ସବ୍ୟୁ) : ପଶ୍ଚିମ ଓଡ଼ିଶାରେ ସାରର କୃତ୍ରିମ ଅଭାବ ସୃଷ୍ଟି ହୋଇଛି । ଘରୋଇ ସାର ଦୋକାନରେ ସାର ମିଳୁନଥିବା ବେଳେ କଳାବଜାରୀ ଜୋର ଧରିଛି । ଏପରିକି ସରକାରୀ ବା ସମବାୟ ମାଧ୍ୟମରେ ମିଳୁଥିବା ସାର ପାଇଁ ଚାଷୀଙ୍କ ନିଦ ହଜିଯାଉଛି । ଫଳରେ ସାର ପାଇଁ ରାତି ଅନିଦ୍ରା ହେଉଛନ୍ତି ଚାଷୀ । ଧାଡ଼ିରେ ପଥର, ଆଧାର ରଖି ସମବାୟ ସଂସ୍ଥା ଉପରେ ଆଶା ବାନ୍ଧି ବସିଛନ୍ତି । ସୁନ୍ଦରଗଡ଼ ଜିଲ୍ଲା ଆରସିଏମ୍ଏସ୍ କେନ୍ଦ୍ରରୁ ଏଭଳି ସ୍ଥିତି ସାମ୍ନାକୁ ଆସିଛି । ଏହି ଦୃଶ୍ୟ ସତରେ ଚାଷୀଙ୍କ ଚିନ୍ତା ବଢ଼ାଇଛି ।

ଚଳିତ ଚାଷ ଋତୁ ଆରମ୍ଭରୁ ୟୁରିଆ ଏବଂ ଡିଏପି ସାରର ଭୟାବହ ସଙ୍କଟ ଦେଖାଯାଇଛି । ଖୋଲାବଜାରରେ ସାର ମିଳୁନଥିବାରୁ ଚାଷୀମାନେ ସମବାୟ ସଂସ୍ଥା (ପ୍ୟାକ୍ସ) ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇପଡ଼ିଛନ୍ତି । ସୋମବାର ସୁନ୍ଦରଗଡ଼ ଆରସିଏମଏସ କେନ୍ଦ୍ରରେ ପଞ୍ଜିକୃତ ଚାଷୀଙ୍କୁ ସାର ବଣ୍ଟନ କରାଯିବାର ବ୍ୟବସ୍ଥା ଥିଲା । ମାତ୍ର ସାର ପାଇବା ଆଶାରେ ଚାଷୀମାନେ ରାତି ୨ଟା ଓ ୩ଟାରୁ ଆସି କେନ୍ଦ୍ର ଆଗରେ ପଥର, କାଗଜ ଏବଂ ଜରି ବ୍ୟାଗ ରଖି ଲାଇନରେ ଅପେକ୍ଷା କରିଥିବା ଦେଖିବାକୁ ମିଳିଛି । ସକାଳ ୧୦ଟାରେ କେନ୍ଦ୍ର ଖୋଲିବାକୁ ଥିବାବେଳେ ରାତି ଅନିଦ୍ରା ହୋଇ ଚାଷୀମାନେ (୯ ପୃଷ୍ଠାରେ)

## ଇଡି, ସିବିଆଇକୁ ସୁପ୍ରିମ୍‌କୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୧୭।୮: ସୁପ୍ରିମକୋର୍ଟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଆଶ୍ୱସ୍ତି ମିଳିଛି । ଏହାଛାଡ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି ମୋହନାକୁ ନେଇ ଗଠିତ ଖଣ୍ଡପୀଠ ନୋଟିସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସିବିଆଇ ଓ ଇଡିକୁ ସୁପ୍ରିମକୋର୍ଟ ଭର୍ତ୍ସନା କରିବା ସହ ଯଦି ଏତେ ଗୁରୁତର ଥିଲା ଚୁପ କାହିଁକି ରହିଥିଲା । ଏହାଛଡା ଆହ୍ଲାବାଦ ହାଇକୋର୍ଟ ଆଦେଶ ଅନୁସାରେ ସିବିଆଇ ଇଡି କିମ୍ବା ଅନ୍ୟ କୌଣସି ସଂସ୍ଥା କୌଣସି ରିପୋର୍ଟ ଦାଖଲ କରିପାରିବେ ନାହିଁ । ଖଣ୍ଡପୀଠ ମଧ୍ୟ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କୌଣସି (୯ ପୃଷ୍ଠାରେ)



# ଅସୁସ୍ଥ ଅଛନ୍ତି ରଶ୍ମିକା



ସାଉଥ୍ ଓ ବଲିଉଡ୍‌ର ଚର୍ଚ୍ଚିତ ଅଭିନେତ୍ରୀ ରଶ୍ମିକା ମନ୍ଦାନା ନିକଟରେ ଫିଲ୍ମ 'ମାୟସା'ର ଏକ ଡ୍ୟାନ୍ସ ସିକ୍ୱେନ୍ସ ସୁଟିଂ ସମୟରେ ଆହତ ହୋଇଛନ୍ତି । ତାଙ୍କ ଡାହାଣ ଅଣ୍ଟାରେ ଗମ୍ଭୀର ଭାବେ ଆଘାତ ଲାଗିଥିବା ଜଣା ପଡିଛି । ଯାହାଫଳରେ ସେ ଏବେ ଘରେ ବିଶ୍ରାମ ନେଇ ସୁସ୍ଥ ହେଉଥିବା ସୂଚନା ଦେଇଛନ୍ତି । କ୍ରମାଗତ ତୃତୀୟ ଥର ପାଇଁ ଶରୀରରେ ଆଘାତ ଲାଗିଥିବାରୁ ସେ ନିଜ ନିୟମିତ ୱର୍କଆଉଟ୍ ଓ ଦୌଡ଼ାଦୌଡ଼ିରୁ ଦୂରେଇ ରହି ପରିବାର ସହ ସମୟ ବିତାଉଛନ୍ତି । ଏହି ମାଧ୍ୟମରେ ସେ ନିଜ ସ୍ୱାସ୍ଥ୍ୟାବସ୍ଥା ପୂର୍ବ ଅପେକ୍ଷା ଭଲ ଥିବା ସୋସିଆଲ ମିଡିଆରେ ଜଣାଇ ସମସ୍ତ ପ୍ରଶଂସକଙ୍କୁ ଧନ୍ୟବାଦ ଦେଇଛନ୍ତି । ରଶ୍ମିକାଙ୍କ ଏହି ଆଘାତ କାରଣରୁ ନିର୍ମାଣାଧୀନ ବଡ଼ ବଡ଼ ସିନେମାର ସୁଟିଂ ଓ ମୁକ୍ତିଲାଭ ତାରିଖ ପ୍ରଭାବିତ ହୋଇଛି । ବିଜୟ ଦେବରକୋଣ୍ଡାଙ୍କ ସହ ତାଙ୍କର ବହୁପ୍ରତୀକ୍ଷିତ ଫିଲ୍ମ 'ରଣାବାଲୀ'ର ମୁକ୍ତିଲାଭ ସେପ୍ଟେମ୍ବର ୨୦୨୬ରୁ ଅକ୍ଟୋବରକୁ ଘୁଞ୍ଚିବା ପୂର୍ବାନୁମାନ କରାଯାଉଛି । ସେହିଭଳି ଅଲ୍ଲୁ ଅର୍ଜୁନ ଓ ନିର୍ଦ୍ଦେଶକ ଅଟଲିଙ୍କ ଆଗାମୀ ଫିଲ୍ମ 'ରାକା'ର ସୁଟିଂ ପ୍ରାୟ ୪୫ ଦିନ ବିଳମ୍ବିତ ହୋଇଛି, କାରଣ ନିର୍ଦ୍ଦେଶକ ତାଙ୍କର ସମ୍ପୂର୍ଣ୍ଣ ଆରୋଗ୍ୟକୁ ପ୍ରାଥମିକତା ଦେବାକୁ ନିଷ୍ପତ୍ତି ନେଇଛନ୍ତି ।

# ୧୦ଟି ନାକ ଥିବା ମହିଳା



ବ୍ରିଟେନ୍‌ର ଜେନ୍ ହାର୍ଡ଼ମ୍ୟାନ୍ ନାମ୍ନୀ ଜଣେ ମହିଳା ଏକ ଦୁର୍ଲଭ ଅଟୋଇମ୍ୟୁନ୍ ରୋଗ କାରଣରୁ ନିଜର ପ୍ରାକୃତିକ ନାକ ହରାଇଥିଲେ । ଯାହାପରେ ଏବେ ଚୁମ୍ବକ ସାହାଯ୍ୟରେ ସେ ୧୦ରୁ ଅଧିକ ପ୍ରକାରର କୃତ୍ରିମ ନାକ ଲଗାଉଛନ୍ତି । ରୋଗ ଯୋଗୁଁ ନାକର ଆକୃତି ନଷ୍ଟ ହୋଇଯିବାରୁ ସେ ପ୍ରାୟ ୧୮ ମାସ ଧରି ଘରୁ ବାହାରି ନଥିଲେ । ଡାକ୍ତରମାନେ ପ୍ରଥମେ ଲଗାଉଥିବା ଗ୍ଲୁ-ଆଧାରିତ ନାକ ମଧ୍ୟ ଚେହେରାର ବଦଳୁଥିବା ଗଠନ ଯୋଗୁଁ କାମ ଦେଇ ନଥିଲା । ପରବର୍ତ୍ତୀ ସମୟରେ ଡାକ୍ତରମାନେ ତାଙ୍କ ମୁହଁର ହାଡ଼ରେ ଛୋଟ ଛୋଟ ମ୍ୟାଗ୍ନେଟିକ୍ ଇମ୍ପ୍ଲାଣ୍ଟ ବସାଇବା ପରେ ସେ ନିଜେ ସହଜରେ ବିଭିନ୍ନ ସ୍କିନ୍ ଟୋନ୍ ଓ ଅବସର ଅନୁସାରେ ଏହି ନାକଗୁଡ଼ିକୁ ବଦଳାଇ ପାରୁଛନ୍ତି । ବର୍ତ୍ତମାନ ଜେନ୍ ସୋସିଆଲ ମିଡିଆରେ ଭିଡିଓ ସେୟାର କରି ନିଜ ଅନୁଭୂତି ଜଣାଇବା ସହ ଅନ୍ୟ ପ୍ରୋସ୍ଥେଟିକ୍ ବ୍ୟବହାରକାରୀଙ୍କୁ ସଚେତନ ଓ ଉତ୍ସାହିତ କରୁଛନ୍ତି ।

# ସୁନାରେ ସଜାଯାଇଥିବା ମିଠା



ଜୟପୁରର 'ତ୍ୟୋହାର ସ୍ୱିଟ୍ସ' ପକ୍ଷରୁ ତିଜ୍ ପର୍ବ ନିମନ୍ତେ ପ୍ରସ୍ତୁତ 'ସ୍ୱର୍ଣ୍ଣ ଶୃଙ୍ଗାର' ନାମକ ଏକ ସ୍ୱତନ୍ତ୍ର ଘେବର ବର୍ତ୍ତମାନ ତାହାର ଆକର୍ଷଣୀୟ ମୂଲ୍ୟ ଓ ଉପାଦାନ ପାଇଁ ଚର୍ଚ୍ଚାରେ ରହିଛି । ଏହାକୁ ୨୪ କ୍ୟାରେଟ୍ ଖାଇବା ଉପଯୋଗୀ ସୁନା, ଇରାନୀ କେଶର, ଗୋଲ୍ଡେନ୍ ୱର୍କ ଏବଂ ପିସ୍ତା, କାଜୁ, ବାଦାମ ଭଳି ପ୍ରିମିୟମ୍ ଡ୍ରାଇ ଫ୍ରୁଟ୍ସରେ ସଜାଯାଇଥିଲା । ଏହି ଘେବରର ଗୋଟିଏ ପିସ୍‌ର ଓଜନ ପ୍ରାୟ ୩୮୦ ରୁ ୪୦୦ ଗ୍ରାମ୍ ହୋଇଥିବା ବେଳେ ଏହାର ମୂଲ୍ୟ ୨୧ ହଜାର ଟଙ୍କା (କିଲୋପ୍ରତି ୫୧ ହଜାର ଟଙ୍କା) ରଖାଯାଇଛି । ଦୋକାନର ମାଲିକାଣୀ ଅଞ୍ଜଳି ଜୈନଙ୍କ ଅନୁସାରେ, ଲଞ୍ଚ୍ ହେବାର ମାତ୍ର ଗୋଟିଏ ଦିନ ମଧ୍ୟରେ ଏହାର ଦୁଇଟି ପିସ୍ ବିକ୍ରି ହୋଇସାରିଥିବା ବେଳେ ଏବେ ଜୟପୁର ବାହାରେ ଥିବା ଗ୍ରାହକଙ୍କ ପାଖକୁ ମଧ୍ୟ ଏହାକୁ ପହଞ୍ଚାଇବା ପାଇଁ ପ୍ରସ୍ତୁତି ଚାଲିଛି ।

# ଚୋରାଚାଲାଣ ଅଭିଯୋଗରେ ଘୋଡା ଅଟକ



ବିହାରର ମୋତିହାରୀସ୍ଥିତ ପହାଡ଼ପୁର ଥାନା ପୋଲିସ ମଦ ଚୋରା ଚାଲାଣ ଅଭିଯୋଗରେ ଜଣେ ଯୁବକଙ୍କ ସହ ଏକ ଘୋଡ଼ାକୁ ଅଟକ ରଖି ଥାନାକୁ ନେଇଛି । ପୋଲିସ ସୂଚନା ଆଧାରରେ ଘେରାବନ୍ଦୀ କରି ନୌତନ ନିବାସୀ ରାହୁଲ କୁମାର ନାମକ ଯୁବକଙ୍କୁ ଘୋଡ଼ା ସହ ଧରିଥିଲା । ଘୋଡା ପିଠିରେ ଲଦାଯାଇଥିବା ଅଖାରୁ ୫୨.୫୬୦ ଲିଟର ବିଦେଶୀ ମଦ ଜବତ କରାଯାଇଛି । ରାହୁଲ ପୂର୍ବରୁ ବାହାଘର ପାଇଁ ଘୋଡ଼ା ଭଡ଼ାରେ ଦେଉଥିବା ବେଳେ ବାହାଘର ଋତୁ ଶେଷ ହେବା ପରେ ଆର୍ଥିକ ସଙ୍କଟର ସାମ୍ନା କରିଥିଲେ । ତେବେ ବିହାରରେ ମଦ ନିଷେଧ ଥିବାରୁ କାହାର ସନ୍ଦେହ ହେବ ନାହିଁ ଭାବି ଘୋଡ଼ାରେ ଉତ୍ତର ପ୍ରଦେଶରୁ ମଦ ଚୋରା ଚାଲାଣ ଆରମ୍ଭ କରିଥିଲେ । ଏହି ଘଟଣାରେ ପୋଲିସ ମାମଲା ରୁଜୁ କରି ଯୁବକଙ୍କ ସହ ଘୋଡ଼ାଟିକୁ ପୋଲିସ ହେପାଜତରେ ରଖି ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ।

# ସୋସିଆଲ କୋଟ୍ସ



ମୋତେ ମୋ ଗର୍ଲଫ୍ରେଣ୍ଡଙ୍କ ସହିତ ଥିବା ଏଜ ଗ୍ୟାପର ଫରକ କେବେ ପଡିନି । ମୁଁ ତାଙ୍କ ସହିତ ବହୁତ ଖୁସି ଅଛି । ମୁଁ ତାଙ୍କ ସହିତ ରହିବାକୁ ଚାହୁଁଛି, ଏଥିପାଇଁ ଯାହା ବି କରିବାକୁ ପଡିବ କରିବି ।

**ଅନୁରାଗ କଶ୍ୟପ, ଫିଲ୍ମ ମେକର**



ଅଭିନୟ ପାଇଁ ଅନେକ ପରିଶ୍ରମ କରିଛି । ତେବେ ଯେତେବେଳେ ଶାହରୁଖ ଖାନ ମୋ କାମର ପ୍ରଶଂସା କଲେ, ସେତେବେଳେ ଲାଗିଲା କି ଠିକ କାମ କରୁଛି ।

**ମିହିର ଅହୁଜା, ଅଭିନତା**



ପ୍ରେସରରେ ଆସି ଇସଲାମ ଗ୍ରହଣ କରିବାକୁ ଯାଉଥିଲି । ଆସିମ ମୋ ପୂଜା ପାଠ ଉପରେ ରୋକ ଲଗାଇଥିଲେ । ହେଲେ ସେତେବେଳେ ମୁଁ ଚାରିଧାମ ଯାତ୍ରା କରିବାକୁ ଚାହୁଁଥିଲି ।

**ହିମାଂଶୀ ଖୁରାନା, ଅଭିନେତ୍ରୀ**

# ସବୁଠାରୁ ଅସୁନ୍ଦର କୁକୁର

ଆମେରିକାର କାଲିଫୋର୍ନିଆସ୍ଥିତ ସୋନୋମା କାଉଣ୍ଟି ଫେୟାର୍‌ରେ ଆୟୋଜିତ ୨୦୨୬ 'ଦୁନିଆର ସବୁଠାରୁ ଅସୁନ୍ଦର କୁକୁର' ପ୍ରତିଯୋଗିତାରେ 'ଜିନ୍ନୀ ଲୁ' ନାମକ ଏକ ୬ ବର୍ଷୀୟ ପଗ୍ ପ୍ରଜାତିର କୁକୁର ବିଜେତା ହୋଇଛି । ବଡ଼ ବଡ଼ ଆଖି ଓ ବାହାରକୁ ବାହାରିଥିବା ଜିଭ ପାଇଁ ଚର୍ଚ୍ଚିତ ଜିନ୍ନୀକୁ ପ୍ରଥମ ପୁରସ୍କାର ଭାବେ ଟ୍ରଫି ସହ ୫ ହଜାର ଡଲାର (ପ୍ରାୟ ୪.୩ ଲକ୍ଷ ଟଙ୍କା) ମିଳିଛି । ଏହି ପ୍ରତିଯୋଗିତାରେ ସମୁଦାୟ ୯ଟି କୁକୁର ଅଂଶଗ୍ରହଣ କରିଥିଲେ; ଯେଉଁଥିରେ ଚିହୁଆହୁଆ ଓ ପୋମେରେନିଆନ୍ ମିଶ୍ରିତ ପ୍ରଜାତିର 'ପିଙ୍କି' ଦ୍ୱିତୀୟ ଏବଂ 'ଓଟୋ' ତୃତୀୟ ସ୍ଥାନ ହାସଲ କରିଛନ୍ତି । ଜିନ୍ନୀକୁ ପ୍ରାୟ ୪ ବର୍ଷ ପୂର୍ବେ ଏକ ରେସ୍କ୍ୟୁ ସେଣ୍ଟରରୁ ତା ମାଲିକାଣି ଉଦ୍ଧାର କରିଥିଲେ । ବିଗତ ୫୦ ବର୍ଷ ଧରି ଆୟୋଜିତ ହୋଇଆସୁଥିବା ଏହି ବିଶେଷ ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୁକୁରମାନଙ୍କ ନିଆରା ଗୁଣକୁ ସାମ୍ନାକୁ ଆଣିବା ଏବଂ ରେସ୍କ୍ୟୁ ସେଣ୍ଟରରୁ ପଶୁମାନଙ୍କୁ ଆପଣାଇବା ପାଇଁ ଲୋକଙ୍କୁ ଉତ୍ସାହିତ କରିବା ।



## ଇତିହାସ

୧୭୦୦- ମରାଠା ସାମ୍ରାଜ୍ୟର ମହାନ ସେନାନାୟକ ବାଜିରାଓ ପ୍ରଥମଙ୍କ ଜନ୍ମ ।

୧୮୦୦- ଲର୍ଡ ୱେଲେସ୍‌ଲିଙ୍କ ଦ୍ୱାରା କୋଲକାତାରେ ଫୋର୍ଟ ୱିଲିୟମ୍ କଲେଜ୍ ସ୍ଥାପିତ ।

୧୮୭୨- ମହାରାଷ୍ଟ୍ରର ଶାସ୍ତ୍ରୀୟ ଗାୟକ ତଥା ନେତ୍ରହୀନ ମହାନ ସଂଗୀତଜ୍ଞ ପଣ୍ଡିତ ବିଷ୍ଣୁ ଦିଗମ୍ବରଙ୍କ ଜନ୍ମ ।

୧୮୬୮- ଫ୍ରାନ୍ସର ଜ୍ୟୋତିର୍ବିଦ ପିୟରେ ଜେନ୍‌ସିନ୍ ହିଲିୟମ୍‌ର ସନ୍ଧାନ କଲେ ।

୧୯୦୦- ଜୱାହରଲାଲ୍ ନେହରୁଙ୍କ ଭଉଣୀ ତଥା ମହିଳା ସ୍ୱତନ୍ତ୍ରତା ସେନାନୀ ଏବଂ ୟୁଏନ୍ ଜେନେରାଲ୍ ଆସେମ୍ବ୍ଲିର ପୂର୍ବତନ ସଭାପତି ବିଜୟଲକ୍ଷ୍ମୀ ପଣ୍ଡିତଙ୍କ ଜନ୍ମ ।

୧୯୨୩- ପରମବୀର ଚକ୍ର ସମ୍ମାନିତ ଭାରତୀୟ ସୈନିକ ଏ.ବି. ତାରାପୋରେଙ୍କ ଜନ୍ମ ।

୧୯୪୦- ପ୍ରଥମକରି ଟିଭିରେ ମୌସୁମୀ ମାନଚିତ୍ର ପ୍ରସାରଣ ।

୧୯୫୧- ପଶ୍ଚିମବଙ୍ଗରେ ଖଡଗପୁର ଆଇଆଇଟି ସ୍ଥାପିତ ।

୧୯୭୩- ଆମେରିକାର ବୋଷ୍ଟନ୍‌ରେ ପ୍ରଥମ ଏଫ୍‌ଏମ୍ ରେଡିଓ ଷ୍ଟେସନ୍ ନିର୍ମାଣକୁ ମଞ୍ଜୁରୀ ।

୧୯୯୯- ତୁର୍କୀ ଭୂକମ୍ପରେ ୪୫ ହଜାର ଲୋକଙ୍କ ମୃତ୍ୟୁ ।



**ମେଷ:** ସୁସମ୍ପର୍କରହିବ, ଶରୀର ସୁସ୍ଥ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭ ଆଲୋଚନା, ଦ୍ରବ୍ୟଲାଭ, ପାରିବାରିକ ସାହାଯ୍ୟ, ଶତ୍ରୁସମସ୍ୟା, ସମ୍ପତ୍ତିଲାଭ, କର୍ମକ୍ଷେତ୍ରେ ଶାନ୍ତି, ଦ୍ୱିଜା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ପ୍ରଭୁ ଗଣେଶ ।

**ବୃଷ:** ଖୁସିଖବର, ବିବାଦ ସମାଧାନ, କିଛି କାର୍ଯ୍ୟରେ ବିରୋଧ, ଲୋକସମ୍ପର୍କ ବୃଦ୍ଧି, ଦାମ୍ପତ୍ୟଖୁସି, ଦୂରଯାତ୍ରା, ଅର୍ଥଲାଭ, କାର୍ଯ୍ୟରେ ପରିଶ୍ରମ, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୬, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ଦେବକାର୍ଯ୍ୟରେ ଖୁସି, ଅଳ୍ପଲାଭ, ପାରିବାରିକ ଶାନ୍ତି, ଶତ୍ରୁ ପରାଜିତ, ଶୁଭସମାଚାର, କର୍ମକ୍ଷେତ୍ରେ ଶାନ୍ତି, ନୂତନ ବନ୍ଧୁଲାଭ, ଦାମ୍ପତ୍ୟସୁଖ, ବିଦ୍ୟାରେ ସଫଳତା, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ପ୍ରଭୁ ହନୁମାନ ।

**କର୍କଟ:** ଅଯଥାଖର୍ଚ୍ଚ, ମାନସିକ ଅଶାନ୍ତି, ବ୍ୟବସାୟରେ ସଫଳ, ପାରିବାରିକ ସହଯୋଗ, ଦୂରଯାତ୍ରାରେ ଖୁସି, ବନ୍ଧୁଲାଭ, ବିଶିଷ୍ଟ ବ୍ୟକ୍ତି ସହାୟତା, ଶତ୍ରୁସମସ୍ୟା, ଶରୀରସୁସ୍ଥ, ସନ୍ତାନଖୁସି, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ସିଂହ:** ସହଯୋଗ ମିଳିବ, ଅର୍ଥଲାଭ, ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, ସ୍ୱଜନ ବିବାଦ, କର୍ମେ ପରିଶ୍ରମ, ବନ୍ଧୁଲାଭ, ଦାମ୍ପତ୍ୟଖୁସି, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଭୁବନେଶ୍ୱରୀ ।

**କନ୍ୟା:** ସମ୍ମାନମିଳିବ, ଶତ୍ରୁପରାଜିତ, ଲୋକସମ୍ପର୍କବୃଦ୍ଧି, ଯାତ୍ରା ସଫଳ, ସୁମିଷ୍ଟ ଭୋଜନ, ଶୁଭ ଆଲୋଚନା, ଅର୍ଥଲାଭ, ବିଦ୍ୟାରେ ସଫଳତା, ଗୃହେ ଅତିଥି ଚର୍ଚ୍ଚା, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୬, ଆରାଧନା-ଲୋକନାଥ ମହାପ୍ରଭୁ ।

**ତୁଳା:** ଗବେଷଣାରେ ସଫଳ, ବନ୍ଧୁସହାୟତା, କିଛିକାର୍ଯ୍ୟରେ ଅଯଥା ଅଶାନ୍ତି, ସନ୍ତାନଖୁସି, କଳହ ସମାଧାନ, ଅର୍ଥଲାଭ, ନୂତନ ଖବର, ଶତ୍ରୁସମସ୍ୟା, ଅଳ୍ପଲାଭ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ବିଛା:** ବନ୍ଧୁମନାନ୍ତର, କର୍ମକ୍ଷେତ୍ରେ ଅଶାନ୍ତି, ଶରୀର ସୁସ୍ଥ, ଦୂରଯାତ୍ରା, ବିଶିଷ୍ଟ ବ୍ୟକ୍ତିସହାୟତା, ଅନୁଷ୍ଠାନରୁ ଲାଭ, ଗାଡ଼ିଚାଳନାରେ ସତର୍କ, ବ୍ୟବସାୟରେ ସ୍ୱଳ୍ପ ଲାଭ, ପେଟସମସ୍ୟା, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ଅର୍ଥଲାଭ,ଶୁଭଖବର, ମାନସିକଶାନ୍ତି, କର୍ମକ୍ଷେତ୍ରେ ପ୍ରଶଂସା କଳହ ସମାଧାନ, ଶରୀର ସୁସ୍ଥ, ବନ୍ଧୁଲାଭ, ନୂତନ ବାଣିଜ୍ୟ ଆରମ୍ଭ, ପରିବାରରେ ଉତ୍ସବକୁ ନେଇ ଖୁସି, ଶତ୍ରୁ ପରାଜିତ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**ମକର:** ମାନସିକ ଉଦବେଗ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ହେବାକାର୍ଯ୍ୟ ବିଳମ୍ବ, ଲୋକସମ୍ପର୍କବୃଦ୍ଧି, ଅଯଥାଖର୍ଚ୍ଚ, ଦ୍ରବ୍ୟନଷ୍ଟ, ଦାମ୍ପତ୍ୟ କଳହ, ସନ୍ତାନଚିନ୍ତା, ବହୁପରିଶ୍ରମ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା-ଲକ୍ଷ୍ମୀନାରାୟଣ ।

**କୁମ୍ଭ:** ଖୁସିଖବର, ମାନସିକ ଶାନ୍ତି, ଅର୍ଥଲାଭ, ନୂତନ କାର୍ଯ୍ୟରେ ଖୁସି, ସମ୍ପର୍କରେ ଉନ୍ନତି, ବନ୍ଧୁ ସହଯୋଗ, ଶରୀର ସୁସ୍ଥ, ଶୁଭ ଆଲୋଚନା, ଦାମ୍ପତ୍ୟଖୁସି, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୧୦, ଆରାଧନା-ଶଙ୍କର ଭଗବାନ ।

**ମୀନ:** ଶରୀର ଅସୁସ୍ଥ, ମାନସିକକଷ୍ଟ, ବନ୍ଧୁଲାଭ, ବିଶିଷ୍ଟ ବ୍ୟକ୍ତିସାହାଯ୍ୟ, ଦୂରଯାତ୍ରାରେ କଷ୍ଟ, ସନ୍ତାନଖୁସି, ଅଯଥା ଖର୍ଚ୍ଚାନ୍ତ, ଶୁଭଖବର, ସୁମିଷ୍ଟ ଭୋଜନ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା-ମା' ଉଗ୍ରତାରା ।

**ଶ୍ରାବଣ ଶୁକ୍ଳପକ୍ଷ ଷଷ୍ଠୀ**
**୧୮.୮.୨୦୨୬, ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



ତରପଡା ପଞ୍ଚାୟତ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରିଲିଫ ଖାଦ୍ୟର ତଦାରଖ କରୁଛନ୍ତି ।



ଭଦ୍ରକ ଜିଲ୍ଲାର ତିହିଡି ବ୍ଲକ୍ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ୟା ଅଞ୍ଚଳ ବୁଲି ଦେଖୁଛନ୍ତି । ଇଶାନପୁର, ଶ୍ୟାମସୁନ୍ଦରପୁର, ବାଲିଘାଇ, କଣପା ଆଦି ନିକଟସ୍ଥ ଗ୍ରାମର ଲୋକମାନଙ୍କ ସହ ଆଲୋଚନା କରୁଛନ୍ତି ।



ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ୍ ଅନ୍ତର୍ଗତ କସପା ପଞ୍ଚାୟତ ଓ ତରପଡା ପଞ୍ଚାୟତ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ୟା ଅଞ୍ଚଳ ବୁଲି ଦେଖୁଛନ୍ତି । ଏହି ଅବସରରେ ରାମଚନ୍ଦ୍ରପୁର, ବାଲଦା, ଦୋଭାବିଲ୍ ଗ୍ରାମର ଲୋକଙ୍କ ସହିତ ଆଲୋଚନା କରୁଛନ୍ତି ।

### ନିଯୁକ୍ତି ପାଇଥିବା ସ୍ଥାନକୁ ମୁଖ୍ୟ କାର୍ଯ୍ୟାଳୟ ବୋଲି ଧରାଯିବ

# ୮% ଘର ଭଡ଼ା ଭତ୍ତା ଆବେଦନ ଖାରଜ କଲେ ହାଇକୋର୍ଟ

କଟକ,(ସବ୍ୟୁ): ପୌର ସଂସ୍ଥା ଅଧୀନରେ ଘର ଅଛି। ଯେଉଁ ସଂସ୍ଥା ଅଧୀନରେ କାର୍ଯ୍ୟ କରୁଛନ୍ତି ଉକ୍ତ ସଂସ୍ଥାର କାର୍ଯ୍ୟାଳୟ ମଧ୍ଯ ପୌର ସଂସ୍ଥା ଅଧୀନରେ ଆସୁଛି। ଏଥିପାଇଁ ତାଙ୍କୁ ଘର ଭଡ଼ା ଭତ୍ତା ୪%ରୁ ୮% ଦିଆଯିବା ଲାଗି କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ହାଇକୋର୍ଟ କହିଛନ୍ତି ଯେ, ପ୍ଲେସ୍ ଅଫ ହେଡକ୍ୱାର୍ଟର ଅର୍ଥାତ ନିଯୁକ୍ତି ମୁଖ୍ୟାଳୟର ଅର୍ଥ ମୁଖ୍ୟ କାର୍ଯ୍ୟାଳୟ ନୁହେଁ । ଯେଉଁ ସଂସ୍ଥାରେ ଜଣେ କର୍ମଚାରୀ କାମ କରୁଛନ୍ତି ଉକ୍ତ ସ୍ଥାନଟି ହେଉଛି ନିଯୁକ୍ତି ମୁଖ୍ୟାଳୟ। ତେଣୁ ଆବେଦନକାରୀଙ୍କୁ ୮% ଭତ୍ତା ନଦେବା ଲାଗି ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତି ଠିକ୍ ବୋଲି ହାଇକୋର୍ଟ ମତଦେବା ସହ ଆବେଦନକାରୀଙ୍କ ପିଟିସନ୍‌କୁ ଖାରଜ କରି ଦେଇଛନ୍ତି। ସୁରେଶ ଚନ୍ଦ୍ର ପରିଡାଙ୍କ ପକ୍ଷରୁ ଆଗତ ମାମଲାକୁ ଖାରଜ କରିବା ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବି.ପି. ରାଉତରାୟ ଏହି ଆଦେଶ ଦେଇଛନ୍ତି। ମାମଲାରୁ ଜଣାଯାଇଛି ଯେ, ଆବେଦନକାରୀ ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ୭ନମ୍ବର ୱାର୍ଡର ଓହଳ ଗ୍ରାମରେ ରହୁଥିବାବେଳେ ସ୍ଥାନୀୟ ସମଙ୍ଗର ବକ୍ର ସେହ୍ନା ସରକାରୀ ଉଚ୍ଚ ବିଦ୍ୟାଳୟରେ କନିଷ୍ଠ ସହାୟକ ଭାବେ ନିଯୁକ୍ତି ପାଇଛନ୍ତି। ତାଙ୍କର ଯୁକ୍ତି ହେଉଛି ଯେ, ସେ ପୌରାଞ୍ଚଳ ଭିତରେ ରହୁଥିଲାବେଳେ ତାଙ୍କ ମୁଖ୍ୟ କାର୍ଯ୍ୟାଳୟ ଅର୍ଥାତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମଧ ପୌରାଞ୍ଚଳ ମଧ୍ୟରେ ଆସୁଛି। ତେଣୁ ସେ ନିୟମ ଅନୁଯାୟୀ, ୪% ଘରଭଡ଼ା ଭତ୍ତା ପରିବର୍ତ୍ତେ ୮% ଘରଭଡ଼ା ଭତ୍ତା ପାଇବା ଉଚିତ୍। ଏଥିରେ ରାଜ୍ୟ ସରକାର ଜବାବ ରଖି ଦର୍ଶାଇଥିଲେ ଯେ, ଆବେଦନକାରୀଙ୍କ ମୁଖ୍ୟ କାର୍ଯ୍ୟାଳୟ ହେଉଛି ତାଙ୍କ ସ୍କୁଲ୍ । ଯାହାକି ପୌରାଞ୍ଚଳ ଅଧୀନରେ ଆସୁ ନାହିଁ । ହାଇକୋର୍ଟ ଉଭୟ ପକ୍ଷଙ୍କୁ ଶୁଣିବା ପରେ ରାୟରେ କହିଛନ୍ତି ଯେ, କୌଣସି କର୍ମଚାରୀଙ୍କ ମୁଖ୍ୟ କାର୍ଯ୍ୟାଳୟ ହେଉଛି ସେ ଯେଉଁଠି ନିଯୁକ୍ତି ପାଇଥାନ୍ତି ବା ଯେଉଁଠି କାର୍ଯ୍ୟ କରୁଥାନ୍ତି। ଯେଉଁଠି ତାଙ୍କ ନିୟନ୍ତ୍ରଣ ଅଧିକାରୀ(କଣ୍ଟ୍ରୋଲିଂ ଅଫିସର) ରହୁଛନ୍ତି ତାହା ତାଙ୍କର ମୁଖ୍ୟ କାର୍ଯ୍ୟାଳୟ କୁହାଯାଇ ପାରିବ ନାହିଁ । ତେଣୁ ଆବେଦନକାରୀଙ୍କ ମୁଖ୍ୟ କାର୍ଯ୍ୟାଳୟ ସମଙ୍ଗ ଛଡ଼ା ଅନ୍ୟ କୌଣସି ସ୍ଥାନକୁ କୁହାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିବା ସହ ଆବେଦନକାରୀଙ୍କ ପିଟିସନ୍‌କୁ ଖାରଜ କରି ଦେଇଛନ୍ତି।

## ନାଁ ବାଳିକା ଛାତ୍ରୀ ୬ମାସର ଗର୍ଭବତୀ, ଯୁବକ ଗିରଫ

ନିମାପଡା,(ସବ୍ୟୁ) : ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୬ ବର୍ଷିୟା ଛାତ୍ରୀକୁ ୬ମାସି ଗର୍ଭବତୀ କରିଥିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତ ଯୁବକକୁ ପୁଲିସ ଗିରଫ କରି ପକସୋ କୋର୍ଟ କୁ ଚାଲାଣ କରିଛି । କିଛି ମାସ ତଳେ ନାଁ ବାଳିକାକୁ ଜିତୁନ ଭୋଇ(୨୫) ନାମକ ଯୁବକ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ତା ସହ ଦୁଷ୍କର୍ମ କରିଥିଲା । ନା ବାଳିକା ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ମେଡିକାଲ ନେଇଥିଲେ । ଚିକିତ୍ସା ପରେ ସେଠାରେ ଡାକ୍ତରଙ୍କ ଠାରୁ ଜାଣିବାକୁ ପାଇଥିଲେ ଝିଅ ୬ ମାସର ଗର୍ଭବତୀ ଥିବା କଥା । ନା ବାଳିକାର ପିତା ଏ ସଂମ୍ପର୍କରେ ନିମାପଡ଼ା ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରିବା ସହ ଦୁଷ୍କର୍ମ କାରୀ ଯୁବକ ଜିତୁନକୁ ଗିରଫ କରିଥିଲା । ପୁଲିସ ପୀଡ଼ିତା ଏବଂ ଅଭିଯୁକ୍ତ ଜିତୁନ ଉଭୟଙ୍କୁ ଡାକ୍ତରୀ ମାଇନା କରାଇବା ସହ ଅଭିଯୁକ୍ତକୁ ପୁରୀ ପକସୋ କୋର୍ଟ ଚାଲାଣ କରିଛି ।

### ଅନ୍‌ଲାଇନ୍ ଡ୍ରାଇଭର ମିଳିତ ମଞ୍ଚର ଆନ୍ଦୋଳନ

# ଲୋକଙ୍କୁ ସହଯୋଗ କଲା ପୋଲିସ

ଭୁବନେଶ୍ୱର, (ସବ୍ୟୁ) : ଅନ୍‌ଲାଇନ୍ ଡ୍ରାଇଭର ମିଳିତ ମଞ୍ଚ ପକ୍ଷରୁ ଦୈତନଗରୀରେ ଆନ୍ଦୋଳନ ଜାରି ରହିଛି । ଓଲା-ଉବେରକୁ ବିରୋଧ କରି କ୍ୟାପ୍ ଡ୍ରାଇଭରମାନଙ୍କ ଆନ୍ଦୋଳନ ଯୋଗୁ ସୋମବାର ଏୟାରପୋର୍ଟ, ରେଳ ଷ୍ଟେସନ ପ୍ରଭୃତି ସ୍ଥାନରେ ଲୋକେ ନାହିଁନଥିବା ହିନସ୍ତା ହୋଇଛନ୍ତି । କେବଳ ଭୁବନେଶ୍ୱର ନୁହେଁ କଟକରେ ମଧ ଅନୁରୂପ ଭାବେ ହଇରାଣ ହୋଇଛନ୍ତି ଯାତ୍ରୀମାନେ ।

ଆନ୍ଦୋଳନକୁ ଲକ୍ଷ୍ୟ କରି ହଇରାଣ ହେଉଥିବା ଲୋକଙ୍କୁ ପୋଲିସ ପିସିଆର୍ ଗାଡିରେ ଡାକ୍ତରଖାନା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ନେଇ ଛାଡିଥିଲା । କେବଳ ଓଲା-ଉବେରକୁ ବିରୋଧ କରି ନୁହେଁ, ଅନ୍‌ଲାଇନ୍ ଡ୍ରାଇଭର ମିଳିତ ମଞ୍ଚ ତାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସରକାରଙ୍କ ପାଖରେ ଦାବି ରଖିଛନ୍ତି । ପୋଲିସ ସେମାନଙ୍କୁ ବୁଝାସୁଝା କରିଥିଲେ ମଧ ସେମାନେ ଟ୍ୟାକ୍ସିରେ ଲୋକଙ୍କୁ ଏୟାରପୋର୍ଟ କିମ୍ବା ରେଳ ଷ୍ଟେସନରୁ କୌଣସି ସ୍ଥାନକୁ ପରିବହନ କରିନଥିଲେ । ଅଧିକ ସମସ୍ୟାର ସମ୍ମୁଖୀନ ହୋଇଥିଲେ ବିମାନ ଯାତ୍ରୀମାନେ ।



ପୋଲିସ ମଧ ଘୋଷଣା କରି କହିଥିଲା, ଯେଉଁମାନଙ୍କର ଗୁରୁତ୍ୱପୂର୍ଣ୍ଣ କାମ ଅଛି ୧୧୨କୁ ଫୋନ୍ କଲେ ତାଙ୍କୁ ନିର୍ଦ୍ଧାରିତ ସ୍ଥାନମାନଙ୍କରେ ଛାଡି ଦିଆଯିବ । ପୋଲିସ ଏହା ଘୋଷଣା କରିବା ସହ ପିସିଆର୍‌ରେ ସୋମବାର ଦିନ ବିଭିନ୍ନ ଲୋକଙ୍କୁ ହସ୍ପିଟାଲ ଓ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ପରିବହନରେ ସହାୟତା କରିଥିଲା । ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ ବୋଲି ଅନ୍‌ଲାଇନ ଡ୍ରାଇଭର ମିଳିତ ମଞ୍ଚ ପକ୍ଷରୁ ସୂଚନା ମିଳିଛି ।

## ଓକେସିଏଲ୍‌ରେ 'ରୋଟାରୀ କନେକ୍ଟ ୩୬୦' ୱେବ୍ ଆପ୍ଲିକେସନ୍ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ (ଓକେସିଏଲ୍) ଏବଂ ରୋଟାରୀ ଇଣ୍ଟରନ୍ୟାସନାଲ୍ ଡିଷ୍ଟ୍ରିକ୍ଟ ୩୨୬୨ର ମିଳିତ ଉଦ୍ୟମରେ ପ୍ରସ୍ତୁତ 'ରୋଟାରୀ କନେକ୍ଟ ୩୬୦' ୱେବ୍ ଆପ୍ଲିକେସନ୍ ଭୁବନେଶ୍ୱରସ୍ଥିତ ଓକେସିଏଲ୍ ମୁଖ୍ୟ କାର୍ଯ୍ୟାଳୟରେ ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଯାଇଛି। ବିଭିନ୍ନ ରୋଟାରୀ କ୍ଲବ୍ ମଧ୍ୟରେ ଡିଜିଟାଲ୍ ଯୋଗାଯୋଗ, ସମନ୍ୱୟ ଏବଂ ପ୍ରଯୁକ୍ତିଭିତ୍ତିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ। ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ୍ ଅନିଲ କୁମାର ସାମଲ ଏବଂ ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଳ ମିଳିତ ଭାବେ ଏହି ଆପ୍ଲିକେସନ୍‌କୁ ଉନ୍ମୋଚନ କରିଥିଲେ। ଏହି ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ରୋଟାରୀ କ୍ଲବ୍‌ଗୁଡ଼ିକ ପରସ୍ପର ସହ ସହଜରେ ଯୋଡ଼ି ହୋଇ ନିଜର କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ସୁବ୍ୟବସ୍ଥିତ ଢଙ୍ଗରେ ପରିଚାଳନା କରିପାରିବେ। କାର୍ଯ୍ୟକ୍ରମର ଆରମ୍ଭରେ ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର (ପିଡିଜି) ଶିବବ୍ରତ ଦାଶ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଓକେସିଏଲ୍‌ର ଏମ୍ଡି ଡ. ମନୋରଞ୍ଜନ ପୁଥାଳ କହିଥିଲେ ଯେ, ସଂଗଠନଗୁଡ଼ିକର କାର୍ଯ୍ୟଦକ୍ଷତା ବଢ଼ାଇବା ପାଇଁ ଡିଜିଟାଲ୍ ରୂପାନ୍ତରଣ ଏବଂ ପ୍ରଯୁକ୍ତିବିଦ୍ୟାର ସଠିକ୍ ପ୍ରୟୋଗ ଏକାନ୍ତ ଆବଶ୍ୟକ। ସେହିପରି ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ୍ ଅନିଲ କୁମାର ସାମଲ ଏହି ମିଳିତ ପଦକ୍ଷେପକୁ ପ୍ରଶଂସା କରିବା ସହ ରୋଟାରୀ ନେଟୱାର୍କକୁ ଡିଜିଟାଲ୍ ମାଧ୍ୟମରେ ସକ୍ରିୟ କରିବାରେ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ।


### ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା କମିବାରେ ଲାଗିଛି

# ରାଷ୍ଟ୍ରପତି ଓ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଭେଟିବ ବାର୍ ଆସୋସିଏସନ

କଟକ,(ସବ୍ୟୁ): ଗୋଟିଏ ପଟେ ହାଇକୋର୍ଟରେ ମାମଲା ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଅନ୍ୟପଟେ ହାଇକୋର୍ଟର ବିଚାରପତି ପଦ ପୂରଣ କରାଯିବା ପରିବର୍ତ୍ତେ ଜଣେ ପରେ ଜଣେ ବିଚାରପତିଙ୍କୁ ଅନ୍ୟ ହାଇକୋର୍ଟକୁ ବଦଳି କରାଯାଉଛି । ବର୍ତ୍ତମାନ ଏଭଳି ଏକ ସ୍ଥିତି ଉପୁଜିଛି ଯେଉଁଠି ହାଇକୋର୍ଟର ମଞ୍ଜୁରପ୍ରାପ୍ତ ପଦର ଅଧାରୁ ଅଧିକ ବିଚାରପତି ପଦ ଖାଲି ପଡିଛି । ଏହାଦ୍ୱାରା ବିଚାର ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି । ସାଧାରଣ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ହାଇକୋର୍ଟରେ ବିଚାରପତି ପଦ ପୂରଣ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନଥିବାରୁ ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଏନେଇ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି।

ଆଜି ଏହି ମର୍ମରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ଲଲାଟେନ୍ଦୁ ସାମନ୍ତରାୟ କହିଛନ୍ତି ଯେ, ଆସୋସିଏସନ ପକ୍ଷରୁ ଗତ କାଲି ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇ କେତେକ ପ୍ରସ୍ତାବ ଗୃହୀତ ହୋଇଛି । ହାଇକୋର୍ଟରେ ଅଧିକରୁ ଅଧିକ ବିଚାରପତି କିପରି ନିଯୁକ୍ତି ହୋଇପାରିବେ ସେଥିପାଇଁ ଭାରତର ରାଷ୍ଟ୍ରପତି, ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଓ ଅନ୍ୟାନ୍ୟ କଲେଜିୟମ ବିଚାରପତିଙ୍କୁ ସ୍ମାରକପତ୍ର ପଠାଯିବ। ହାଇକୋର୍ଟ ବାର୍ ଆସୋସିଏସନର ପ୍ରତିନିଧିମାନେ ଭାରତର ରାଷ୍ଟ୍ରପତି ଏବଂ ଭାରତର ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତିଙ୍କୁ ସାକ୍ଷାତ କରି ଉପରୋକ୍ତ ଅଭିଯୋଗଗୁଡ଼ିକ ଉପସ୍ଥାପନ କରିବେ। ଆବଶ୍ୟକ ସ୍ଥଳେ ଓଡ଼ିଶା ହାଇକୋର୍ଟରେ ନୂତନ ବିଚାରପତି ନିଯୁକ୍ତି ପାଇଁ ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ସୁପ୍ରିମ୍‌କୋର୍ଟରେ ଏକ ରିଟ୍ ଆବେଦନ ମଧ ଦାଖଲ କରାଯିବ ବୋଲି ସେ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ଶ୍ରୀ ସାମନ୍ତରାୟ ଆହୁରି କହିଛନ୍ତି ଯେ, ହାଇକୋର୍ଟରେ ବର୍ତ୍ତମାନ ୧ଲକ୍ଷ ୭୦ ହଜାର ମାମଲା ବିଚାର ଅପେକ୍ଷାରେ ପଡି ରହିଛି। ପୁଣି ପ୍ରତିଦିନ ଶହଶହ ସଂଖ୍ୟାରେ ନୂତନ ମାମଲା ହାଇକୋର୍ଟରେ ରୁଜୁ ହେଉଛି। ବର୍ତ୍ତମାନ ଦୁଇଜଣ ବିଚାରପତିଙ୍କୁ ବଦଳି କରାଯାଇଛି। ସେମାନଙ୍କ ବଦଳି ପରେ ହାଇକୋର୍ଟରେ ମାତ୍ର ୧୫ଜଣ ବିଚାରପତି ରହିବେ। ଆଉ ଦୁଇ ମାସ ପରେ ଆହୁରି ଦୁଇଜଣ ବିଚାରପତି ହାଇକୋର୍ଟରୁ ଅବସର ଗ୍ରହଣ କରିବେ। ସେମାନଙ୍କ ପରେ ବିଚାରପତି ସଂଖ୍ୟା ୧୩କୁ ଚାଲି ଆସିବ। ଏଭଳି ସ୍ଥିତିରେ ଜଣେ ଲୋକ ହାଇକୋର୍ଟରୁ କିପରି ତ୍ୱରିତ ନ୍ୟାୟ ପାଇବ ବୋଲି ଆଶା କରିବ। ବର୍ତ୍ତମାନ ମାମଲାଗୁଡ଼ିକର ଭାରରେ ଅଦାଲତ ଅତ୍ୟଧିକ ଚାପଗ୍ରସ୍ତ ହୋଇପଡ଼ିଛି ଏବଂ ନୂତନ ଭାବେ ଦାଖଲ ହୋଇଥିବା ତଥା ଜରୁରୀ ମାମଲାଗୁଡ଼ିକ ଶୁଣାଣି ପାଇଁ ତାଲିକାଭୁକ୍ତ ହେବାରେ ବିଳମ୍ବ ହେଉଛି। ଏହାଦ୍ୱାରା ରାଜ୍ୟବାସୀଙ୍କ ନ୍ୟାୟ ପାଇବା ଭଳି ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଉଛି ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏହି ଜଟିଳ ସମସ୍ୟାର ସମାଧାନ ଲାଗି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ହୃଦାନନ୍ଦ ମହାପାତ୍ର, ଉପସଭାପତି ପ୍ରଦୀପ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।





# ୩୦ ହଜାର ଲାଞ୍ଚ ନେଇ କ୍ୟାପିଟାଲ ହସ୍ପିଟାଲ ଡାକ୍ତର ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜଣେ ଏନ୍‌ଜିଓ କର୍ମଚାରୀଙ୍କ ଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଇ କ୍ୟାପିଟାଲ ହସ୍ପିଟାଲ ଡାକ୍ତର ସତ୍ୟଜିତ ବେହେରା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି । ଭିଜିଲାନ୍ସ ତାଙ୍କୁ ଲାଞ୍ଚ ନେବା ବେଳେ ଧରିବା ପରେ ତିନୋଟି ସ୍ଥାନରେ ଚଢାଉ କରିଥିଲା । ଚଢାଉ ଶେଷ ହେବା ପରେ ସୋମବାର ଅପରାହ୍ନରେ ଡାକ୍ତର ସତ୍ୟଜିତଙ୍କୁ କୋର୍ଟଚାଲାଣ କରାଯାଇଥିବା ଭିଜିଲାନ୍ସ କହିଛି । ଏକ ଏନ୍‌ଜିଓର ଜଣେ କର୍ମଚାରୀ କ୍ୟାପିଟାଲ ହସ୍ପିଟାଲରେ କାମ କରନ୍ତି । ଗରିବ ଅସହାୟ ରୋଗୀଙ୍କ ପାଖରେ ଆଟେଣ୍ଡାଣ୍ଟ କାମ କରିବା ସହ ସେମାନଙ୍କ ଖାଇବା, ପିଇବା ଓ ଲୁଗାପଟା କଥା ବୁଝନ୍ତି ସେହି ଏନ୍‌ଜିଓ କର୍ମଚାରୀ । ଏପରିକି ଯେଉଁ ଗରିବ ଅସହାୟ



ଯୋଗୁ ଔଷଧ କିଣିପାରନ୍ତି ନାହିଁ ଏନ୍‌ଜିଓ ପକ୍ଷରୁ ସେମାନଙ୍କୁ ସେ ଔଷଧ କିଣି ମଧ ଯୋଗାଇଥାନ୍ତି । ଏହି କାମ ସେ କରୁଛନ୍ତି ବୋଲି ଦୁଇ ମାସର ଦରମା ପାଇଁ ୱାର୍କ ସାର୍ଟିଫିକେଟ୍ ଦେବାକୁ ଡାକ୍ତର ସତ୍ୟଜିତ ବେହେରା ତାଙ୍କୁ ୩୦ ହଜାର ଟଙ୍କା ମାଗିଥିଲେ ।

ଜୁନ୍, ଜୁଲାଇ ମାସର ଦରମା ପାଇଁ ସମ୍ପୃକ୍ତ କର୍ମଚାରୀଙ୍କୁ ସେ ସାର୍ଟିଫିକେଟ୍ ନିମନ୍ତେ ୩୦ ହଜାର ଟଙ୍କା ମାଗିବା କଥା ସମ୍ପୃକ୍ତ ଏନ୍‌ଜିଓ କର୍ମଚାରୀ ତାଙ୍କ ଅଫିସ୍‌ରେ କହିଥିଲେ । ଅଫିସ୍‌ରେ ଏକଥା ଶୁଣିବା ପରେ ଭିଜିଲାନ୍ସରେ ଅଭିଯୋଗ କରି ସୋମବାର ଡାକ୍ତରଙ୍କୁ ଧରାଇ ଦେଇଥିଲେ । ଭିଜିଲାନ୍ସ ଡାକ୍ତରଙ୍କୁ ଗିରଫ କରିବା ପରେ କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ମଦ୍ୟପ ଚାଳକଙ୍କ ଠାରୁ ବାଇକ ଜବତ

ଠାକୁରମୁଣ୍ଡା, (ସବ୍ୟୁ) : ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା - ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥ ଘୁଲୁଘୁଲିଆ ଛକ ନିକଟରେ ପରିବହନ ବିଭାଗ ଓ ମହୁଲଡିହା ଥାନା ପୁଲିସ ମିଳିତ ଭାବେ ଯାନବାହନ ଯାଞ୍ଚ କରିଥିଲେ । ଏହି ସମୟରେ ପାଞ୍ଚ ଜଣ ମଦ୍ୟପ ବାଇକ ଚାଳକ ବ୍ରେସ ଆନାଲାଇଜର ମେସିନ ଫୁଙ୍କି ପାରି ନ ଥିଲେ । ଫଳରେ ୫ ଟି ବାଇକ ଓଡି ୩୪ ଏକ୍ସ ୩୯୫୫ ହୋଣ୍ଡା ଏସପି ସାଇନ, ଓଡି ୩୪ ଭି ୩୨୯୮ ହିରୋ, ଓଡ଼ି ୧୧ ଏନ ୪୫୩୧ ହିରୋ, ଓଡ଼ି ୩୪ ଏଚ ୦୧୩୫ ହୋଣ୍ଡା ଏସପି ଓ ଓଡ଼ି ୩୪ ଜେଡ ୫୪୨୫ ବଜାଜ ପଲସର ଜବତ ହୋଇ କେଶ ରୁଜୁ ହୋଇଥିବା ପୁଲିସ କହିଛି ।

ସମ୍ବାଦ



ମୋଟରସାଇକେଲ୍‌ରେ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

# ନାଲ୍‌କୋ ପକ୍ଷରୁ ସତ୍ୟନିଷ୍ଠାରୁ ସମୃଦ୍ଧି ବିଷୟବସ୍ତୁ ଆଧାରିତ ସତର୍କତା ସଚେତନତା ଅଭିଯାନ ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ଼(ନାଲକୋ) ପକ୍ଷରୁ ଆଗାମୀ ତିନି ମାସ ଯାଏ ଚାଲିବାକୁ ଥିବା ସତର୍କତା ସଚେତନତା ଅଭିଯାନ ର ଶୁଭାରମ୍ଭ କରାଯାଇଛି । ସତ୍ୟନିଷ୍ଠାରୁ ସମୃଦ୍ଧି ବିଷୟବସ୍ତୁ ଆଧାରିତ ଏହି ଅଭିଯାନକୁ ସିଏମଡି ବିଜେନ୍ଦ୍ର ପ୍ରତାପ ସିଂ କମ୍ପାନୀର କର୍ପୋରେଟ କାର୍ଯ୍ୟାଳୟରେ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ(ଉତ୍ପାଦନ), ଜଗଦୀଶ ଅରୋରା, ନିର୍ଦ୍ଦେଶକ(ପ୍ରକଳ୍ପ ଓ ବୈଷୟିକ), ଡ. ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ(ମାନବ ସମ୍ବଳ), ଅଭୟ କୁମାର






ବେହୁରିଆ, ନିର୍ଦ୍ଦେଶକ(ବିତ୍ତ), ପ୍ରଣବଜ୍ୟୋତି ନାଥ, ମୁଖ୍ୟ ସତର୍କତା ଅଧିକାରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଗଣ ମଧ୍ୟ ଉପସ୍ଥିତ ଥିଲେ। ଏହି ପଦକ୍ଷେପ କେନ୍ଦ୍ରୀୟ ସତର୍କତା ଆୟୋଗର ନିର୍ଦ୍ଦେଶାବଳୀ ଅନୁଯାୟୀ ଆରମ୍ଭ କରାଯାଇଛି ଏବଂ ଏଥିରେ କ୍ଷମତା ନିର୍ମାଣ, ଡିଜିଟାଲ୍ ପଦକ୍ଷେପ ଏବଂ ଚୁକ୍ତି ପରିଚାଳନା ସମ୍ବନ୍ଧରେସଚେତନତା ସୃଷ୍ଟି କରାଯିବ। କର୍ମଚାରୀ, ଠିକା କର୍ମଚାରୀ, ଅଂଶୀଦାର ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ, ତାଲିମ ଅଧିବେଶନ ଏବଂ ପ୍ରତିଯୋଗିତାର ଆୟୋଜନ କରାଯିବ, ଯାହା ସଚ୍ଚୋଟତା, ସ୍ୱଚ୍ଛତା ଏବଂ ଦାୟିତ୍ୱବୋଧତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇପାରିବ। ବ୍ରିଜେନ୍ଦ୍ର ପ୍ରତାପ ସିଂହ, ସିଏମଡି, କେନ୍ଦ୍ରୀୟ ସତର୍କତା ଆୟୋଗର ନିର୍ଦ୍ଦେଶାବଳୀର ଦକ୍ଷ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ସାମୂହିକ କାର୍ଯ୍ୟକ୍ରମ ଏବଂ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ଦକ୍ଷତାକୁ ସୁଦୃଢ଼ କରିବାରେ ସତର୍କତା ବିଭାଗର ପ୍ରୟାସକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ, ପ୍ରଣବଜ୍ୟୋତି ନାଥ, ମୁଖ୍ୟ ସତର୍କତା ଅଧିକାରୀ, ଅଭିଯାନ ଅବଧି ସମୟରେ ପ୍ରସ୍ତାବିତ ବିଭିନ୍ନ ସତର୍କତା କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ ଏବଂ ଅଭିଯାନର ଗୁରୁତ୍ୱ ଏବଂ ପ୍ରସଙ୍ଗ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ।

# ଆନ୍ତଃଜିଲ୍ଲା ଲୁଟେରା ଗ୍ୟାଙ୍ଗ୍ ର ପର୍ଦ୍ଦାଫାସ୍ : ୨ ଗିରଫ, ୬ଲକ୍ଷର ସୁନା ଅଳଙ୍କାର ଜବତ

କଟକ,(ସବ୍ୟୁ): ଜଗତପୁର ଥାନା ଅଞ୍ଚଳରେ କ୍ରମାଗତ ଭାବେ ଘଟୁଥିବା ଘରୋଇ ଲୁଟ୍, ଚୋରି ଏବଂ ସିନ୍ଧି ଚୋରି ଘଟଣାରେ କମିସନରେଟ୍ ପୋଲିସକୁ ପୁଣି ଏକ ସଫଳତା ମିଳିଛି । ପୁଲିସ ଆନ୍ତଃଜିଲ୍ଲା ଲୁଟେରା ଗ୍ୟାଙ୍ଗର ୨ ଜଣ କୁଖ୍ୟାତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଗିରଫ ହୋଇଥିବା ୨ ଜଣ ଅଭିଯୁକ୍ତ ହେଲେ କେନ୍ଦୁଝର ଜିଲ୍ଲା ଟମକା ଥାନା ଅନ୍ତର୍ଗତ ବାଗପାଟିଆ ଗ୍ରାମର ରବୀନ୍ଦ୍ର ପାତ୍ର(୩୦) ଏବଂ ଯାଜପୁର ଜିଲ୍ଲା ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ଲକ୍ଷ୍ମୀନଗର ଗ୍ରାମର କୃଷ୍ଣ ଦାସ (୨୭) । ଏମାନଙ୍କ ନିକଟରୁ ପୁଲିସ ଆନୁମାନିକ ୬ ଲକ୍ଷରୁ ଅଧିକ ଟଙ୍କାର ଚୋରି ହୋଇଥିବା ସୁନା ଓ ରୂପା ଅଳଙ୍କାର ଜବତ କରିଛି । ଉଭୟ ରବୀନ୍ଦ୍ର ଏବଂ କୃଷ୍ଣ ଦୀର୍ଘ ଦିନ ହେବ ବିଭିନ୍ନ ଜିଲ୍ଲାରେ ଏପରି ଚୋରି ଓ ଅପରାଧିକ କାର୍ଯ୍ୟକଳାପ ଚଳାଇ ଆସୁଥିଲେ ।

ଗତ ଅଗଷ୍ଟ ୧୧ ତାରିଖ ଦିନ ଜଗତପୁର ଥାନା ଅନ୍ତର୍ଗତ ତାରୋଳ ରାମାଦେବୀ ନଗର ଅଞ୍ଚଳର ବାସିନ୍ଦା ଭାସ୍କର ପାଢ଼ୀ ଜଗତପୁର ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରିଥିଲେ । ଅଭିଯୋଗରେ ସେ ଦର୍ଶାଇଥିଲେ ଯେ, ସେହିଦିନ ସକାଳ ପ୍ରାୟ ୪ଟା ସମୟରେ ସେ ନିଜ ଦୋକାନକୁ ଯାଇଥିଲେ । ଘରେ କେହି ନଥିବାର ସୁଯୋଗ ନେଇ ଅଜ୍ଞାତ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ଆଲମାରି ଭାଙ୍ଗି ସେଥିରେ ରଖାଯାଇଥିବା ସୁନା ଓ ରୂପା ଗହଣା ଲୁଟି ନେଇଥିଲେ । ଏହି ଲିଖିତ ଅଭିଯୋଗ ଆଧାରରେ ଜଗତପୁର ଥାନାରେ କେସ୍ ନଂ ୫୨୯/୨୦୨୬ ବିଏନଏସ୍‌ର ଧାରା ୩୩୧(୪) ଏବଂ ୩୦୫(ଏ)) ଅନୁଯାୟୀ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ତେବେ କେବଳ ଏହି ଗୋଟିଏ ଘଟଣା ନୁହେଁ, ଏହା ପୂର୍ବରୁ ମଧ୍ୟ ଜଗତପୁର ଥାନା ଅଞ୍ଚଳରେ ସମାନ ଢଙ୍ଗରେ କେତେକ ଘରୁ ଚୋରି ହୋଇଥିବା ପୁଲିସ ଦୃଷ୍ଟିଗୋଚର ହୋଇଥିଲା । ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜଗତପୁର ଥାନା ଆଇଆଇସି ପ୍ରଶାନ୍ତ କୁମାର ଶାସମଲଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଏକ ତଦନ୍ତକାରୀ ଟିମ୍ ଗଠନ କରାଯାଇଥିଲା । ଘଟଣାସ୍ଥଳ ପରିଦର୍ଶନ କରି ଜିଲ୍ଲା ଫୋରେନ୍ସିକ୍ ଟିମ୍ ସହାୟତାରେ ପ୍ରମାଣ ସଂଗ୍ରହ କରାଯାଇଥିଲା । ତଦନ୍ତକାରୀ ଦଳ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ଆସିବା ଓ ଯିବା ରାସ୍ତାର ସମସ୍ତ ସିସିଟିଭି ଫୁଟେଜ୍‌କୁ ଅତି ସୂକ୍ଷ୍ମ ଭାବେ ଯାଞ୍ଚ କରିଥିଲେ । ସନ୍ଦିଗ୍ଧମାନଙ୍କ ଚାଲିଚାଲଣ ଏବଂ ବ୍ୟବହୃତ ଗାଡ଼ିଗୁଡ଼ିକର ସୂଚନା ବିଶ୍ଳେଷଣ କରାଯାଇଥିଲା । ଏଥିପାଇଁ ଆରଟିଓ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ସହ ପୁଲିସ ସମନ୍ୱୟ ରକ୍ଷା କରିଥିଲା । ଏହା ସହିତ ଡିଜିଟାଲ୍ ତଥ୍ୟର ବିସ୍ତୃତ ବିଶ୍ଳେଷଣ କରାଯାଇ ସନ୍ଦିଗ୍ଧ ଅପରାଧୀମାନଙ୍କୁ ଚିହ୍ନଟ କରାଯାଇଥିଲା । ଏହି ସମସ୍ତ ମିଳିତ ଉଦ୍ୟମ ଫଳରେ ପୋଲିସ ଚୋର ଗ୍ୟାଙ୍ଗକୁ ଠାବ କରି ଅଭିଯୁକ୍ତମାନଙ୍କୁ କାବୁ କରିବାରେ ସଫଳ ହୋଇଥିଲା । ଜେରା ସମୟରେ ଅଭିଯୁକ୍ତମାନେ ନିଜର ଆପରାଧିକ କାର୍ଯ୍ୟକଳାପ ସ୍ୱୀକାର କରିଥିଲେ ଏବଂ ଚୋରି ହୋଇଥିବା ସୁନା ଓ ରୂପା ଗହଣା ଜବତ କରିବାରେ ପୁଲିସ ସଫଳ ହୋଇଥିଲା ।

## ଶିକ୍ଷାର ବିକାଶ କ୍ଷେତ୍ରରେ ରାଜକିଶୋର ରାମ୍‌ଙ୍କ ଅବଦାନ ଅତୁଳନୀୟ

# ଚୌଦ୍ୱାରା ମହାବିଦ୍ୟାଳୟର ୪୮ ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷାର ବିକାଶ କ୍ଷେତ୍ରରେ ପ୍ରାକ୍ତନ ବିଧାୟକ ସ୍ୱର୍ଗତ ରାଜକିଶୋର ରାମ୍‌ଙ୍କ ବଳିଷ୍ଠ ଭୂମିକା ଏବଂ ଉଲ୍ଲେଖନୀୟ ଅବଦାନ ଅବିସ୍ମରଣୀୟ । ୧୯୭୮ ମସିହାର ଆଜିର ଦିବସରେ ସ୍ୱର୍ଗତ ରାମଙ୍କ ନିଷ୍ଠାପର ଉଦ୍ୟମ ଓ ଶିକ୍ଷାର ପ୍ରସାର ପାଇଁ ପ୍ରତିବଦ୍ଧତା ବଳରେ ଶିଳ୍ପନଗରୀ ଚୌଦ୍ୱାରଠାରେ ପ୍ରତିଷ୍ଠା ହୋଇଥିବା ଚୌଦ୍ୱାର ମହାବିଦ୍ୟାଳୟ ଆଜି ସମଗ୍ର ଓଡ଼ିଶାରେ ବିଶେଷକରି କଟକ ଜିଲ୍ଲାରେ ଏକ ବୃହତ୍ ତଥା ଅଗ୍ରଣୀ ଉଚ୍ଚଶିକ୍ଷା ଅନୁଷ୍ଠାନ ଭାବେ ପରିଗଣିତ ହେଉଛି ବୋଲି ବହୁ ବିଶିଷ୍ଟ ବକ୍ତା ମତପ୍ରକାଶ କରିଛନ୍ତି । ଚୌଦ୍ୱାର ମହାବିଦ୍ୟାଳୟର ୪୮ ତମ ପ୍ରତିଷ୍ଠା ଦିବସ ସମାରୋହ ଆଜି ପୂର୍ବାହ୍ନରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ସଭାପତି ତଥା ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା ଅଧ୍ୟକ୍ଷତା କରିଥିଲେ । ବିଶିଷ୍ଟ ସମାଜସେବୀ ଶ୍ରୀ ଶ୍ରୀମନ୍ତ ପ୍ରଧାନ, ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ହରପ୍ରିୟା ମହାପାତ୍ର, ସ୍ୱର୍ଗତ ରାମ୍‌ଙ୍କ ପୁତ୍ର ତଥା ବରିଷ୍ଠ ଅଧିକାରୀ ବାପୁପ୍ରିୟ ରାମ୍, ବୋହୂ ସମାଜସେବୀ ରୀନା ରାମ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚୌଦ୍ୱାରା ମହାବିଦ୍ୟାଳୟର ପ୍ରତିଷ୍ଠା ଏବଂ ଶିକ୍ଷାର ପ୍ରସାର କ୍ଷେତ୍ରରେ ସ୍ୱର୍ଗତ ରାମ୍‌ଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ପ୍ରତିଷ୍ଠା କରାଯାଇଥିବା ପ୍ରତିଷ୍ଠାତା ସ୍ୱର୍ଗତ ରାଜକିଶୋର ରାମ୍‌ଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦ ସମ୍ପାଦକ କେଶବ ଚନ୍ଦ୍ର ସାହୁ, ବରିଷ୍ଠ କର୍ମକର୍ତ୍ତା ରେଣୁବାଳା ସ୍ୱାଇଁ, ଝୁଲେନ୍ଦ୍ର ନାୟକ, ଚୌଦ୍ୱାର ମହାବିଦ୍ୟାଳୟ ପ୍ରତିଷ୍ଠାର ଇତିହାସ ଉପରେ ସ୍ମୃତି ବଖାଣିଥିଲେ । ବରିଷ୍ଠ କର୍ମକର୍ତ୍ତା ରବୀନ୍ଦ୍ର କୁମାର ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର କାନ୍ଥ

ଠାକୁରମୁଣ୍ଡା,(ସବ୍ୟୁ):ଲଘୁଚାପ ଓ ଅବପାତ ପ୍ରଭାବରେ ଠାକୁରମୁଣ୍ଡା ଅଞ୍ଚଳରେ ଭାରି ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି । ଠାକୁରମୁଣ୍ଡା ବ୍ଲକ ସ୍ଥିତ ବଡଦାଣ୍ଡ ସାହିରେ ମନୋଜ କୁମାର ପାତ୍ର ଙ୍କ ଖପର ଘରର କାନ୍ଥ ହଠାତ ପଡିଯାଇ ଆଜବେଷ୍ଟସ ଘରେ ବାଜି ସମ୍ପୂର୍ଣ୍ଣ ଘରର କାନ୍ଥ ପଡ଼ି ଯାଇ ବିପଦଜନକ ଅବସ୍ଥାରେ ଝୁଲି ରହିଛି । ରବିବାର ରାତି ଦିନ ଲଗାଣ ପ୍ରବଳ ବର୍ଷାରେ ମାଟି ଓଦା ହୋଇ ଦବି ଯାଇଛି ଏବଂ ଜଙ୍ଗଲରୁ ପାଣି କେନାଲରେ ଘରର ଚାରି ପାଖରେ ଜମି ରହିଛି ।ସୋମବାର ଦିନ ରାଜସ୍ୱ ନିରୀକ୍ଷକଙ୍କୁ ଜଣାଇଥିଲେ । ମନୋଜ ସରକାରୀ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି ।

## ସରଳା ଦେବୀଙ୍କ ଜନ୍ମ ତାରିଖ ୯ ପରିବର୍ତ୍ତେ ୧୯ ତାରିଖ ହେଲା କିପରି ?

# ସରଳା ଦେବୀ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ସଂଶୋଧନ ପାଇଁ ଦାବି

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶାର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ନେତ୍ରୀ ଓ ସାହିତ୍ୟିକା କ୍ରାନ୍ତିକାରୀ ସରଳା ଦେବୀଙ୍କ ଜନ୍ମ ତାରିଖକୁ ନେଇ ସୃଷ୍ଟି ହୋଇଥିବା ବିଭ୍ରାନ୍ତି ସମ୍ପର୍କରେ ସରଳା ଦେବୀ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଦୀର୍ଘ ବର୍ଷ ଧରି ତାଙ୍କର ଜନ୍ମ ତାରିଖ ଅଗଷ୍ଟ ୯, ୧୯୦୪ ବୋଲି ସର୍ବଜନବିଦିତ ଓ ଐତିହାସିକ ଭାବେ ଗ୍ରହଣ କରାଯାଇଥିବା ବେଳେ ନିକଟରେ କେତେକ ସରକାରୀ ଓ ଏକାଡେମୀ ସ୍ତରରେ ଏହାକୁ ଅଗଷ୍ଟ ୧୯ ଭାବେ ପାଳନ କରାଯିବାକୁ ନେଇ କ୍ଷୋଭ ପ୍ରକାଶ ପାଇଛି ।

ୟୁନିଟ-୩ସ୍ଥିତ ସାମ୍ବାଦିକ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ ତରଫରୁ ପ୍ରଦୋଷ ପଟନାୟକ, ସଭାପତି, ଗୁରୁକଲ୍ୟାଣ ମହାପାତ୍ର, ସମ୍ପାଦକ ତଥା ସଭ୍ୟ ରାଧାନାଥ ପ୍ରହରାଜ କହିଛନ୍ତି, ଏପରିକି ରାଜ୍ୟ ସରକାର ଓ ବିଧାନସଭାକୁ ଭ୍ରମିତ କରାଯାଇଛି । ଫଳରେ ରାଜ୍ୟ ପାଇଁ ତଥା ରାଜ୍ୟର ମହିଳାଙ୍କ ପାଇଁ ତ୍ୟାଗ କରିଥିବା ସରଳା ଦେବୀଙ୍କ ଜନ୍ମ ତାରିଖକୁ ୯ ପରିବର୍ତ୍ତେ ୧୯ ତାରିଖ କରି କେତେକ ବ୍ୟକ୍ତି




କଟକରେ ସାରଳା ଭବନରେ ସରଳା ଦେବୀଙ୍କ ଜନ୍ମୋତ୍ସବ ପାଳନ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ ଏ ସଂକ୍ରାନ୍ତରେ ଓଡିଶା ବିଧାନସଭାର ସଚିବଙ୍କୁ ପତ୍ର ଲେଖି ବିଧାନସଭାର ୱେବ୍ ସାଇଟରେ ସରଳା ଦେବୀଙ୍କ ଜନ୍ମତାରିଖ ଅଗଷ୍ଟ ୧୯ ତାରିଖ,୧୯୦୪ ବୋଲି କେଉଁ ପ୍ରମାଣ ଆଧାରରେ ଉଲ୍ଲେଖ କରାଯାଇଛି, ତାହାକୁ ଚ୍ୟାଲେଞ୍ଜ କରିଛନ୍ତି । ସୂଚନା ଅଧିକାର ଆଇନ ଆଧାରରେ ଟ୍ରଷ୍ଟର ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ରଙ୍କୁ ବିଧାନସଭା କର୍ତ୍ତୃପକ୍ଷ ପ୍ରଥମ ଓ ଦ୍ୱିତୀୟ ଉତ୍ତରରେ ସଠିକ ତଥ୍ୟ ଦେଇପାରିଲେ ନାହିଁ । ଅବଶ୍ୟ ପୂର୍ବ ବର୍ଷମାନଙ୍କରେ ବିଧାନସଭା ଗବେଷଣା ଶାଖା ପକ୍ଷରୁ ଅଧିକାରୀମାନେ ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରିଥିଲେ ବୋଲି କହିଥିଲେ । ସେହି ତଥ୍ୟ ଆଧାରରେ ଓଡିଶା ବିଧାନସଭା ୱେବ୍‌ସାଇଟକୁ ତଥ୍ୟ ପ୍ରଦାନ କରି ବିଧାନସଭା ୱେବ୍‌ସାଇଟରେ ଦିଆଯାଇଛି ବୋଲି ଉଲ୍ଲେଖ କରିଛନ୍ତି । ମାତ୍ର କୌଣସି ସଠିକ ରେକର୍ଡ ମିଳୁନାହିଁ ଏବଂ ଆମକୁ ମଧ୍ୟ ବିଧାନସଭା ତଥ୍ୟ ଦେବାକୁ ଅସମର୍ଥ ହୋଇଥିବା ଯୋଗୁଁ ୱେବ୍‌ସାଇଟରେ ସରଳା ଦେବୀଙ୍କ ଜନ୍ମ ତାରିଖ ୯କୁ ବିଭ୍ରାନ୍ତ କରୁଛି ।

ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯିଏ କି ଗୃହର ନେତା ଓ ବିରୋଧୀ ଦଳର ନେତା ନବୀନ ପଟନାୟକଙ୍କର ଦୃଷ୍ଟି ଆକର୍ଷଣ କରୁଛୁ । ଏହାର ବିଧିବଦ୍ଧ ତଦନ୍ତ ଲାଗି ବାଚସ୍ପତିଙ୍କ ନିକଟରେ ନିବେଦନ କରୁଛୁ । ଗତ ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ଅନ୍ୟାନ୍ୟ ମହିଳା ସ୍ୱାଧୀନତା ସଂଗ୍ରାମୀ ମହିଳାଙ୍କ ଫଟୋ ରାଜ୍ୟ ସରକାର ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ସ୍ଥାନିତ ଫଟୋ ପ୍ରଦର୍ଶନୀ କରିଥିବାବେଳେ ସରଳା ଦେବୀଙ୍କ ଫଟୋ ନଥିବା ଘଟଣା କେବଳ ସମସ୍ତଙ୍କୁ ବିସ୍ମିତ କରିନାହିଁ, ରାଜ୍ୟ ସରକାରଙ୍କୁ ମଧ୍ୟ ବଦନାମ କରିଛି ।

ବହୁ ସାହିତ୍ୟିକ ତଥା ଇତିହାସକାର ମାନେ ସରଳା ଦେବୀଙ୍କର ଜନ୍ମ ତାରିଖ ଅଗଷ୍ଟ ୯,୧୯୦୪ ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି । ଏପରିକି ରାଜ୍ୟ ସରକାରଙ୍କର ପାଠ୍ୟ ପୁସ୍ତକରେ ମଧ୍ୟ ଜନ୍ମ ତାରିଖ ଅଗଷ୍ଟ ୯,୧୯୦୪ ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ , କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କ ସମେତ ପ୍ରାୟ ସମସ୍ତ ମନ୍ତ୍ରୀମଣ୍ଡଳ ବିଧାୟକ ମାନେ ଅଗଷ୍ଟ ୯ ତାରିଖରେ ସରଳା ଦେବୀଙ୍କର ଜନ୍ମଦିନରେ ଦୀର୍ଘଦିନରୁ ଅଭିନନ୍ଦନ ଜଣାଇ ଆସୁଛନ୍ତି । ତେଣୁ ବିଧାନସଭାର ୱେବ୍‌ସାଇଟର ଯେଉଁ ତଥ୍ୟ ଟାମ୍ପରିଙ୍ଗ କରାଯାଇଛି ତାହାର ବିଧିବଦ୍ଧ ତଦନ୍ତ କରି ୱେବ୍‌ସାଇଟକୁ ସଂଶୋଧନ କରାଯାଉ ବୋଲି ଟ୍ରଷ୍ଟ ପକ୍ଷରୁ ଦାବି କରାଯାଇଛି ।

# ମାଲାବାର ଗୋଲ୍ଡ ର ବ୍ରାଣ୍ଡ ଆମ୍ବାସାଡର ହେଲେ ଏମ୍‌ଏସ୍ ଧୋନି

ଭୁବନେଶ୍ୱର, (ସବ୍ୟୁ) : ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ଭାରତୀୟ କ୍ରିକେଟର ତଥା ପୂର୍ବତନ ଅଧିନାୟକ ଏମ୍‌ଏସ୍ ଧୋନିଙ୍କୁ ନିଜର ବ୍ରାଣ୍ଡ ଆମ୍ବାସାଡର ଭାବେ ଘୋଷଣା କରିଛି। ଏହି ଦୀର୍ଘମିଆଦୀ ସହଭାଗିତାର ମୁଖ୍ୟ ବିଷୟବସ୍ତୁ ରହିଛି 'ଦ ରେସପନ୍ସିବଲ ଗ୍ରାହକକେନ୍ଦ୍ରିକ ନୀତି ଉପରେ କମ୍ପାନୀ ଗୁରୁତ୍ୱ ଦେଉଛି। କମ୍ପାନୀର 'ମାଲାବାର ପ୍ରମିସେସ୍' ଅଧୀନରେ ୧୦୦ ପ୍ରତିଶତ ବିଆଇଏସ୍ ହଲମାର୍କ ଅଳଙ୍କାର, ପ୍ରାକୃତିକ ହୀରା ପାଇଁ ୨୮ଟି ଗୁଣବତ୍ତା ଯାଞ୍ଚ, କୌଣସି ଲୁକ୍କାୟିତ ଶୁଳ୍କ ବିନା ସ୍ୱଚ୍ଛ ମୂଲ୍ୟ, ଗ୍ୟାରେଣ୍ଟିଯୁକ୍ତ ବାୟବ୍ୟାକ୍,



ଜୁଏଲର', ଯାହା ମାଧ୍ୟମରେ ଦାୟିତ୍ୱବାନ ଓ ସ୍ୱଚ୍ଛ ବ୍ୟବସାୟ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରାଯିବ। ଗ୍ରାହକମାନେ ଏବେ ଅଳଙ୍କାର କିଣିବା ସମୟରେ ସ୍ୱଚ୍ଛତା, ଗୁଣବତ୍ତା, ପ୍ରାମାଣିକତା ଓ ବିଶ୍ୱାସକୁ ଅଧିକ ଗୁରୁତ୍ୱ ଦେଉଥିବାରୁ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ଏହି ଦିଗରେ ନିଜର ପ୍ରତିବଦ୍ଧତାକୁ ଆଗକୁ ବଢ଼ାଇବ। ନୈତିକ ଉତ୍ସରୁ ସାମଗ୍ରୀ ସଂଗ୍ରହ, ଭରସାଯୋଗ୍ୟ ଗୁଣବତ୍ତା, ସ୍ୱଚ୍ଛ ମୂଲ୍ୟ ନିର୍ଦ୍ଧାରଣ, ଦାୟିତ୍ୱବାନ ଉତ୍ପାଦନ ଓ ଆଜୀବନ ମେଣ୍ଟେନାନ୍ସ, ମାଗଣା ବୀମା ଓ ଏକ୍ସଚେଞ୍ଜ୍ ସୁବିଧା ଭଳି ବିଭିନ୍ନ ଗ୍ରାହକକେନ୍ଦ୍ରିକ ପ୍ରତିଶ୍ରୁତି ରହିଛି। ଏମ୍‌ଏସ୍ ଧୋନିଙ୍କୁ ତାଙ୍କର ସଚ୍ଚୋଟତା, ଶୃଙ୍ଖଳା, ନିରନ୍ତରତା ଓ ନମ୍ରତା ପାଇଁ ବିଶେଷ ସମ୍ମାନ ମିଳିଛି। ଅନ୍ତର୍ଜାତୀୟ କ୍ରିକେଟରେ ଭାରତକୁ ତିନୋଟି ଆଇସିସି ହ୍ୱାଇଟ୍-ବଲ୍ ଟୁର୍ଣ୍ଣାମେଣ୍ଟରେ ବିଜୟୀ କରାଇଥିବା ସେ ଏକମାତ୍ର ଅଧିନାୟକ। ତାଙ୍କର ଏହି ଗୁଣଗୁଡ଼ିକ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସର ମୂଲ୍ୟବୋଧ ସହ ସମାନ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଉନ୍ନତି ଭବନରେ ୮୦ତମ ସ୍ୱାଧୀନତା ଦିବସ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରସ୍ଥିତ ଉନ୍ନତି ଭବନ ପରିସରରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି । ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତୀ ଉଷା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀମତୀ ପାଢ଼ୀ ସମସ୍ତଙ୍କୁ ସ୍ୱାଧୀନତା ଦିବସର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଦେଶର ସ୍ୱାଧୀନତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ମରଣ କରି ସେ ସେମାନଙ୍କ ଅମୂଲ୍ୟ ଅବଦାନ ଓ ବଳିଦାନ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱାଧୀନତା ଦିବସ ଆମକୁ ରାଜ୍ୟ ତଥା ଦେଶର ପ୍ରଗତି ପାଇଁ ନିଜକୁ ପୁନଃ ସମର୍ପିତ କରିବାର ସୁଯୋଗ ପ୍ରଦାନ କରେ ବୋଲି ସେ କହିଥିଲେ ।



ଗୃହ ଓ ନଗର ଉନ୍ନୟନ ବିଭାଗ ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କର ରାଷ୍ଟ୍ର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀମତୀ ପାଢ଼ୀ ଗୁରୁତ୍ୱାରୋପ କରିଥିଲେ । ନିଜ ନିଜ ଦାୟିତ୍ୱକୁ ନିଷ୍ଠା ଓ ସମର୍ପଣର ସହ ପାଳନ କରି ଦେଶର ପ୍ରଗତିରେ ଅର୍ଥପୂର୍ଣ୍ଣ ଯୋଗଦାନ ପାଇଁ ସମସ୍ତଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏକ ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ପାଇଁ ସାମୂହିକ ପ୍ରୟାସ, ସମାବେଶୀ ଅଂଶଗ୍ରହଣ ଓ ନାଗରିକଙ୍କ ସକ୍ରିୟ ଭାଗିଦାରିର ଗୁରୁତ୍ୱ ସେ ଉଲ୍ଲେଖ କରିଥିଲେ । ସ୍ୱାଧୀନତା ଦିବସର ପୂର୍ବସନ୍ଧ୍ୟାରେ ରାଷ୍ଟ୍ରପତିଙ୍କ ଅଭିଭାଷଣର ପ୍ରସଙ୍ଗ ଉଲ୍ଲେଖ କରି ଶ୍ରୀମତୀ ପାଢ଼ୀ କହିଥିଲେ ଯେ ଦେଶ ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିବା ସହ ବହୁ ମାଇଲଖୁଣ୍ଟ ଅତିକ୍ରମ କରିଛି । ତଥାପି ଆଗାମୀ ଦିନରେ ଆହୁରି ଅନେକ କାର୍ଯ୍ୟ କରିବାକୁ ରହିଛି । ସମାଜର ପ୍ରତ୍ୟେକ ବର୍ଗର ସକ୍ରିୟ ଅଂଶଗ୍ରହଣ ଓ ଯୋଗଦାନ ମାଧ୍ୟମରେ ଭାରତ ଏକ ବିକଶିତ ରାଷ୍ଟ୍ର ଭାବେ ନିଜ ଯାତ୍ରାକୁ ଆହୁରି ଦୃଢ଼ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ସ୍ୱାଧୀନତା ଦିବସ ପାଳନ ସମାରୋହରେ ଗୃହ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସମେତ ୱାଟକୋ , ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂଗଠନ ଏବଂ ଓଡ଼ିଶା ଜଳ ଯୋଗାଣ ଓ ସ୍ୱେରେଜ ବୋର୍ଡର ମୁଖ୍ୟମାନେ ଓ କର୍ମଚାରୀମାନେ ଯୋଗଦେଇଥିଲେ ।

## ଭାରତ ମସଲା ପରିସରରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

କଟକ,(ସବ୍ୟୁ): ପବିତ୍ର ୮୦ତମ ସ୍ୱାଧୀନତା ଦିବସ ଭାରତ ମସଲା ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଦିବସରେ ମୁଖ୍ୟ ଅତିଥି ଭାବରେ ଡି.କେ. ସାହୁ (ଅବସରପ୍ରାପ୍ତ ସେନା ଅଧିକାରୀ), ସମ୍ମାନିତ ଅତିଥି ଭାବରେ ସ୍ତମ୍ଭକାର ତଥା ସୁ-ଲେଖକ ବଲରାମ ସାହୁ, ଭାରତ ମସଲାର ପ୍ରତିଷ୍ଠାତା ସୁରେନ୍ଦ୍ରନାଥ ପଣ୍ଡା, ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ଜି.ଏମ୍ ବିପିନ୍ ରାଉତ, ଜେନେରାଲ ମ୍ୟାନେଜର(ଅପରେସନ୍) ଅରୁଣ କୁମାର ନାୟକ ଏବଂ କମ୍ପାନୀର ପ୍ରଡକ୍ସନ ମୁଖ୍ୟ ନବକୃଷ୍ଣ ପ୍ରଧାନ, ନିର୍ଦ୍ଦେଶକ ସୀମାନ୍ତ ପଣ୍ଡା, ଦିଗନ୍ତ ପଣ୍ଡା, ଆଶୁତୋଷ ପଣ୍ଡା ଏବଂ ନିର୍ଦ୍ଦେଶିକା ଏସ.ଏନ୍. ମିଲେନିୟମ ପ୍ରମୁଖ ଉପସ୍ଥିତ ରହି ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ଭାରତ ମସଲା ପକ୍ଷରୁ ବୃକ୍ଷରୋପଣ ଏବଂ କର୍ମଚାରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥି ସହିତ ସମାଜସେବୀ ନରହରି ସାହୁ ଏବଂ କଲ୍ୟାଣ ସାହୁ ମଧ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ କମ୍ପାନୀ ପକ୍ଷରୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । କାର୍ଯ୍ୟରତ ବିଭିନ୍ନ କଳା ଓ କୌଶଳରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାବାନମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ ଆର.ଜେ ନଳିନୀ କାନ୍ତ ବିଶ୍ୱାଳ ।

# ଦେଶର ବିକାଶ ଯୁବପିଢ଼ିଙ୍କ ପାଖରେ : ପ୍ରୀତି ମୋକ୍ଷା ପାଣିଗ୍ରାହୀ

ଭୁବନେଶ୍ୱର (ସବ୍ୟୁ): ଏବେ ମଧ୍ୟ ଦେଶର ଅନେକାଂଶରେ ଲୋକମାନେ ସ୍ୱାଧନତାର ପ୍ରକୃତ ସ୍ୱାଦରୁ ବହୁ ଦୁରରେ ଅଛନ୍ତି, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସମସ୍ତେ ସରକାରଙ୍କ ଉପରେ ନିର୍ଭରଶୀଳ, ପ୍ରତି କଥାରେ ସରକାରଙ୍କୁ ଦାୟୀ କରି ସମସ୍ତେ ଚୁପ୍ ରହିଯାଉଛନ୍ତି । କିନ୍ତୁ ବାସ୍ତବରେ ଲୋକମାନେ ଭୁଲି ଯାଉଛନ୍ତି ଯେ, ଆମ୍ଭମାନଙ୍କ କର୍ତ୍ତବ୍ୟ ଓ ଦାୟୀତ୍ୱବୋଧ ହିଁ ଏକ ବିକାଶଶୀଳ ରାଷ୍ଟ୍ର ଗଠନର ମୂଳଦୁଆ । ବର୍ତ୍ତମାନ ଜେନ୍- ଜେଡ୍ ଶିକ୍ଷାରେ ବ୍ୟାପକ ସଂସ୍କାର ପାଇଁ ଅଣ୍ଟା ଭିଡିଛନ୍ତି, କିନ୍ତୁ ଦେଶର ଅନେକ ସମସ୍ୟା ରହିଛି ଯାହାର ସମାଧାନ ବର୍ତ୍ତମାନର ଯୁବପିଢୀ ଚାହିଁଲେ ହିଁ ତ ହୋଇପାରିବ ଓ ଖୁବ୍ କମ୍ ବୟସରେ ପରିବେଶ ସନ୍ତୁଳନ ସହ ଗଛ ବଞ୍ଚିଲେ ଆମେ ବଞ୍ଚିବା ଆନ୍ଦୋଳନର ପ୍ରମୁଖ କର୍ଣ୍ଣଧାର ସାଜିଥିବା ମୋକ୍ଷା ଏକ ଦୈନିକ ଖବର କାଗଜର ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ମତ ରଖୁଛନ୍ତି ଓ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅକ୍ଷକ ଡକ୍ଟର ତିରୁପତି ପାଣିଗ୍ରାହୀଙ୍କୁ ନିଜ ଆଦର୍ଶ ମାନୁଥିବା ମୋକ୍ଷା କହନ୍ତି, ଜୀବନରେ କେବେ ବି ନ ହାରିବାକୁ ଶପଥ ନେବା ହିଁ ବିଜୟ ସୁନିଶ୍ଚିତ ହେବ। ନିକଟରେ ପ୍ରୀତି ମୋକ୍ଷା ପାଣିଗ୍ରାହୀ ପ୍ରସିଦ୍ଧ "ପ୍ରାଇଡ୍ ଅଫ୍ ଇଣ୍ଡିଆ ୨୦୨୬" ସମ୍ମାନରେ ସମ୍ମାନୀତ ହୋଇଥିଲେ, ବର୍ତ୍ତମାନ ସେ 'ଅର୍ଥ ଆଗେନ୍ ମୁଭମେଣ୍ଟ' 'ଦି ଚାଇଲ୍ଡ ମୁଭମେଣ୍ଟ' ଏବଂ 'ସିଟିଜିଟିଓ ୟୁଥ୍ ଗ୍ରୁପ୍' ର ଜଣେ ସକ୍ରିୟ ସଦସ୍ୟା ଭାବେ କାର୍ଯ୍ୟ କରି ସାରା ଦେଶରେ ପରିବେଶ ସଚେତନତା ସୃଷ୍ଟି କରୁଛନ୍ତି ଓ ମୋକ୍ଷା ହେଉଛନ୍ତି ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଏବଂ ହାଇଟେକ୍ ମେଡିକାଲ୍ କଲେଜ ଓ ହସପିଟାଲ୍‌ର ନିର୍ଦ୍ଦେଶିକା ଏବଂ ଟ୍ରଷ୍ଟି ଶ୍ରୀମତୀ ମଧୁସ୍ମିତା ତ୍ରିପାଠୀଙ୍କ ଜ୍ୟେଷ୍ଠା କନ୍ୟା ।



### ପିଆରଏମ୍ ମେଡିକାଲ କଲେଜ ସ୍ଥାନାନ୍ତର ପରେ ବଢ଼ୁଛି ଦୁର୍ଦ୍ଦଶା

# ଗୋଟିଏ ଜାଗାରେ ରୋଗୀଙ୍କ ଚିକିତ୍ସା, ଅନ୍ୟତ୍ର ପରୀକ୍ଷା




- ରୋଗୀଙ୍କୁ ଦୌଡ଼ାଉଛି ଅବ୍ୟବସ୍ଥା
- ଏମ୍ଆରଆଇ, ସିଟିସ୍କାନ୍ ପାଇଁ ୮ କି.ମି
- ଆମ୍ବୁଲାନ୍ସ ଥାଇ ମଧ୍ୟ ଡ୍ରାଇଭର ଅଭାବ

ବାରିପଦା, (**ସୌମ୍ୟ ରଞ୍ଜନ ପଟ୍ଟନାୟକ**) : ବାରିପଦା ମୁଖ୍ୟ ଚିକିତ୍ସାଳୟରୁ ପଣ୍ଡିତ ରଘୁନାଥ ମୁର୍ମୁ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ଚିକିତ୍ସା ସେବା ସ୍ଥାନାନ୍ତର ହେବା ପରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଦୁର୍ଦ୍ଦଶା ବଢ଼ିଥିବା ଅଭିଯୋଗ ହେଉଅଛି । ରଙ୍ଗାମାଟିଆ ନିକଟରେ ନୂତନ ମେଡିକାଲ କଲେଜକୁ ହସ୍ପିଟାଲ ସ୍ଥାନାନ୍ତର ହୋଇଥିଲେ ମଧ୍ୟ ସେଠାରେ ଏମ୍ଆରଆଇ ଓ ସିଟିସ୍କାନ୍ ଭଳି ଗୁରୁତ୍ୱପୂର୍ଣ୍ଣ ନିଦାନ ବ୍ୟବସ୍ଥା ଉପଲବ୍ଧ ନଥିବାରୁ ପ୍ରତିଦିନ ଶତାଧିକ ରୋଗୀଙ୍କୁ ପୁରୁଣା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପଡ଼ୁଛି । ଫଳରେ ଗୁରୁତର ରୋଗୀ, ବୃଦ୍ଧ ଓ ଅସୁସ୍ଥ ରୋଗୀଙ୍କ ପାଇଁ ଯାତାୟାତ ଏକ ବଡ଼ ସମସ୍ୟା ହୋଇଛି । ପ୍ରାୟ ୮ କି.ମିରୁ ଅଧିକ ଦୂରତା ଅଟୋ ଅଥବା ପ୍ରାଇଭେଟ୍ ଆମ୍ବୁଲାନ୍ସ ଯୋଗେ ଯାତାୟାତ କରିବାକୁ ପଡୁଥିବାରୁ ରୋଗୀଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡ଼ିବା ସହ ସମୟ ମଧ୍ୟ ନଷ୍ଟ ହେଉଛି । ଅନ୍ୟପକ୍ଷରେ ମେଡିକାଲ କଲେଜରେ ୪ଟି ଆମ୍ବୁଲାନ୍ସ ଥିଲେ ମଧ୍ୟ ଏହାକୁ ପରିଚାଳନା ପାଇଁ ମାତ୍ର ୩ ଜଣ ଡ୍ରାଇଭର ରହିଥିବା ଜଣାପଡ଼ିଛି । ୮ ଘଣ୍ଟିଆ ଡ୍ୟୁଟି ବ୍ୟବସ୍ଥା ଅନୁଯାୟୀ ଆବଶ୍ୟକ ସଂଖ୍ୟକ ଡ୍ରାଇଭର ନଥିବାରୁ ଆମ୍ବୁଲାନ୍ସ ଥାଇ ମଧ୍ୟ ତାହାର ସମ୍ପୂର୍ଣ୍ଣ ସୁବିଧା ରୋଗୀଙ୍କୁ ମିଳୁନାହିଁ । ଫଳରେ ଅନେକ ରୋଗୀ ବାଧ୍ୟ ହୋଇ ନିଜ ଖର୍ଚ୍ଚରେ ଗାଡିଭଡ଼ା କରି ପରୀକ୍ଷା ପାଇଁ ମୁଖ୍ୟ ଚିକିତ୍ସାଳୟକୁ ଯାଉଛନ୍ତି । ଏନେଇ ପିଆରଏମ୍ ସୁପରିଟେଣ୍ଡେଣ୍ଟ ରୀତାଞ୍ଜଳି ବେହେରାଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଥିଲେ ଯେ, ଆବଶ୍ୟକ ଆମ୍ବୁଲାନ୍ସ ଚାଳକ ନିଯୁକ୍ତ ହୋଇପାରିଲେ ରୋଗୀମାନେ ବହୁ ଉପକୃତ ହୋଇପାରିବେ । ମ୍ୟାନ୍‌ପାଓ୍ୱାର ଅଭାବ ସମ୍ପର୍କରେ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଆବଶ୍ୟକ ପଦକ୍ଷେପ ନିଆଯାଇନଥିବାରୁ ଏଭଳି ସମସ୍ୟା ଲାଗି ରହିଛି । ମେଡିକାଲ କଲେଜକୁ ସ୍ଥାନାନ୍ତର ପରେ ରୋଗୀଙ୍କୁ ଉନ୍ନତ ଓ ସୁଗମ ଚିକିତ୍ସା ସେବା ଯୋଗାଇବା ଲକ୍ଷ୍ୟ ଥିବାବେଳେ ଆବଶ୍ୟକ ନିଦାନ ବ୍ୟବସ୍ଥା ଓ ମାନବ ସମ୍ବଳର ଅଭାବ ଏହି ଲକ୍ଷ୍ୟକୁ ପ୍ରଶ୍ନବାଚୀରେ ପକାଇଛି । ତେଣୁ ତୁରନ୍ତ ମେଡିକାଲ କଲେଜରେ ଏମ୍ଆରଆଇ ଓ ସିଟିସ୍କାନ୍ ବ୍ୟବସ୍ଥା କରିବା ସହ ଆବଶ୍ୟକ ସଂଖ୍ୟକ ଆମ୍ବୁଲାନ୍ସ ଡ୍ରାଇଭର ନିଯୁକ୍ତ କରିବାକୁ ରୋଗୀ ଓ ସାଧାରଣ ଲୋକେ ଦାବି କରିଛନ୍ତି । ଏପରିକି ପିଆରଏମ୍‌ରେ ଏଯାବତ୍ ସ୍ୱତନ୍ତ୍ର ବ୍ଲଡ୍ ବ୍ୟାଙ୍କ ବ୍ୟବସ୍ଥା ନଥିବା ମଧ୍ୟ ଅନ୍ୟତମ ଚିନ୍ତାର ବିଷୟ ହୋଇଛି । ତେବେ ହସ୍ପିଟାଲ ସୁପରିଟେଣ୍ଡେଣ୍ଟଙ୍କ ଉଦ୍ୟମରେ ବର୍ଷକୁ ପ୍ରାୟ ୨ହଜାରୟୁନିଟ୍ ରକ୍ତ ସଂରକ୍ଷଣ କରିବା ପାଇଁ ବ୍ଲଡ୍ ଷ୍ଟୋରେଜ୍ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି । ବିଶେଷକରି ଜରୁରୀକାଳୀନ ଚିକିତ୍ସା, ଅସ୍ତ୍ରୋପଚାର ଓ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ କ୍ଷେତ୍ରରେ ରକ୍ତର ତୁରନ୍ତ ଆବଶ୍ୟକତା ଥିବାରୁ ଏହି ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି । ଏନେଇ ଜନପ୍ରତିନିଧିମାନେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସରକାରଙ୍କ ନିକଟରେ ଦାବି ଉଠାଇଲେ ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ମାଉଜର୍ ଏବଂ ଧାରୁଆ ଅସ୍ତ୍ର ଜବତ, ଦୁଇ ଅପରାଧୀ ଗିରଫ



ଭଞ୍ଜନଗର, (ସବ୍ୟୁ) : ମାଉଜର ସହ ୨ ଜଣ ଅପରାଧୀ କୁ କାବୁକଲା ଗଂଜାମ ଜିଲ୍ଲା ତାରାସିଂ ଥାନା ପୋଲିସ । ସେମାନଙ୍କ ଠାରୁ ଗୋଟିଏ ପିସ୍ତଲ ସହ ଗୋଟିଏ ବଡ ଧରଣର ଧାରୁଆ ଅସ୍ତ୍ର, ଦୁଇଟି ମୋବାଇଲ୍ ଏବଂ ଗୋଟିଏ ମଟର ସାଇକେଲ ଜବତ କରାଯାଇଛି । ଗିରଫ ଅପରାଧୀ ଦୁହେଁ ହେଲେ ଭଞ୍ଜନଗର ଥାନା ହାତୀଗଡା ଗ୍ରାମର ମୁନା ଗନ୍ତାୟତ ଓ ଦଶପଲ୍ଲା ଥାନା କର୍ଯ୍ୟାଁଡିହ ଗ୍ରାମର ମଦନ ମାଝି । ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ବହୁ ଅପରାଧୀକ ମାମଲାରେ ସଂପୃକ୍ତ ରହିଛନ୍ତି । ପୋଲିସ ପକ୍ଷରୁ କହିବା ପ୍ରକାରେ ଏହି ଅପରାଧୀ ଗୋଷ୍ଠୀ କୌଣସି ଏକ ସ୍ଥାନରେ ଅପରାଧ ଘଟାଇବା ପାଇଁ ଚାମା ମାରୁଥିବା ବେଳେ, ତାରାସିଂ ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଥାନାଧିକାରୀ ଅଭୟ କୁମାର ପ୍ରଧାନ ଓ ତାଙ୍କ ଟିମ ରବିବାର ବିଳମ୍ବିତ ରାତ୍ରରେ ଗାଲେରୀ, ବ୍ରାହ୍ମଣପଦର, ବଦାଙ୍ଗି ଆଦି ଅଞ୍ଚଳରେ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଗାଲେରୀ ଢେପସାହି ମୁଖ୍ୟରାସ୍ତା ନିକଟରେ ଥିବା ବ୍ରାହ୍ମଣଦେବୀ ମନ୍ଦିର ନିକଟରେ ଏହି ଦୁଇ ଅପରାଧୀ କାହାକୁ ଡକାୟତି ଉଦ୍ୟମ କରିବାପାଇଁ ଅପେକ୍ଷା କରିଥିଲେ । ହେଲେ ଏପଟେ ଚାଲିଥିବା ପୋଲିସ୍ ପେଟ୍ରୋଲିଂ ବେଳେ, ଏହି ଦୁଇ ଅପରାଧୀ ପୋଲିସ ଗାଡିକୁ ଦେଖି ପଳାୟନ କରୁଥିବା ସମୟରେ ପୋଲିସ ସେହି ଦୁହେଁକୁ ପୋଲିସ କାବୁ କରିବା ସହ ତାରାସିଂ ଥାନାକୁ ଆଣିଥିଲେ । ଥାନାରେ କେସନଂ ୨୮୦/ ୨୬ ମାମଲା ରୁଜୁ କରାଯାଇ ସୋମବାର କୋର୍ଟଚାଲଣ କରାଯାଇଥିବା ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ସୁଚନା ଦେଇଛନ୍ତି ।

## ଏମକେସିଜିରେ ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ

ବ୍ରହ୍ମପୁର, (ସବ୍ୟୁ) : ଏମକେସିଜିରେ ଜଣେ ଗୁରୁତର ରୋଗୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମର ଲଳିତା ନାୟକ । ସୂଚନାକ୍ରମେ ଶ୍ୱାସଜନତି ରୋଗରେ ଆକ୍ରାନ୍ତ ହୋଇ ଗତ ୧୦ ତାରିଖରୁ ଯକ୍ଷ୍ମା ବିଭାଗରେ ଚିକିତ୍ସିତ ହେଉଥିଲେ । ପରିବାରବର୍ଗଙ୍କ କହିବାନୁସାରେ ଆଜି ଚିକିତ୍ସା ପାଇଁ ଗୋଟିଏ ଶଯ୍ୟାରୁ ଅନ୍ୟ ଶଯ୍ୟାକୁ ସ୍ଥାନାନ୍ତର କରିବା ସମୟରେ ଅମ୍ଳଜାନ ଯୋଗାଣ ଠିକ ରୂପରେ କରାଯାଇନଥିଲା ଫଳରେ ସେ ମୃତ୍ୟୁବରଣ କରିଛନ୍ତି । ଚିକିତ୍ସା ଅବହେଳାକୁ ନେଇ ପରିବାରବର୍ଗଙ୍କ ପକ୍ଷରୁ ଏମକେସିଜି ଅଧୀକ୍ଷକଙ୍କୁ ଚିଠି ମାଧ୍ୟମରେ ସୂଚିତ କରାଯାଇଛି । ଏହା ସହ ଏହାର ବିଭାଗୀୟ ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି ।

### ମୟୂରଭଞ୍ଜ ବନ୍ୟା ପରିଚାଳନାର ଉଚ୍ଚସ୍ତରୀୟ ସମୀକ୍ଷା

## ବନ୍ୟା ପରବର୍ତ୍ତୀ ବ୍ୟବସ୍ଥା ସୁଦୃଢ଼ କରିବାକୁ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶ

ବାରିପଦା, (ସବ୍ୟୁ) : ନିକଟରେ ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି, କ୍ଷୟକ୍ଷତି, ଉଦ୍ଧାର, ରିଲିଫ୍ ଏବଂ ପୁନରୁଦ୍ଧାର କାର୍ଯ୍ୟର ସ୍ଥିତି ସମୀକ୍ଷା କରାଯାଇଛି । ଏନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକର ସ୍ଥିତି, ରିଲିଫ୍ ବଣ୍ଟନ, ଭିତ୍ତିଭୂମିର କ୍ଷୟକ୍ଷତି, ଯୋଗାଯୋଗ ବ୍ୟବସ୍ଥାର ପୁନଃସ୍ଥାପନ ଏବଂ ବନ୍ୟା ପରବର୍ତ୍ତି ପୁନରୁଦ୍ଧାର କାର୍ଯ୍ୟର ବିସ୍ତୃତ ସମୀକ୍ଷା କରାଯାଇଥିଲା । ବିଶେଷକରି ବଡ଼ସାହି, ବେତନଟୀ ଓ ରାସଗୋବିନ୍ଦପୁର ବ୍ଲକ ସମେତ ଅନ୍ୟାନ୍ୟ ପ୍ରଭାବିତ ଅଞ୍ଚଳର ସ୍ଥିତି ଉପରେ ଆଲୋଚନା କରାଯାଇଥିଲା । ମନ୍ତ୍ରୀ ଡଃ ମହାପାତ୍ର ବନ୍ୟା ପ୍ରଭାବିତ ଅଞ୍ଚଳରେ ଥିବା କଚ୍ଚା ଘରଗୁଡ଼ିକୁ ପର୍ଯ୍ୟାୟକ୍ରମେ ପକ୍କା ଘରରେ ରୂପାନ୍ତର କରିବା ଦିଗରେ ପ୍ରାଥମିକତା ଭିତ୍ତିରେ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବନ୍ୟା ପ୍ରଭାବିତ ଲୋକଙ୍କ ଆବାସ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ କ୍ଷତିଗ୍ରସ୍ତ ପରିବାରମାନଙ୍କୁ ତୁରନ୍ତ ସରକାରୀ ଆବାସ ଯୋଜନାରେ ସାମିଲ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ରାସ୍ତା ନିର୍ମାଣ ସମୟରେ ଜଳ ନିଷ୍କାସନ ବ୍ୟବସ୍ଥାକୁ ଉପଯୁକ୍ତ ଭାବେ ବିଚାରକୁ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ଅଥବା ଅବ୍ୟବସ୍ଥିତ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁଁ ଯେପରି ଜଳବନ୍ଦୀ କିମ୍ବା ମନୁଷ୍ୟକୃତ ବନ୍ୟା ପରିସ୍ଥିତି ସୃଷ୍ଟି ନହୁଏ, ସେଥିପ୍ରତି ସମ୍ପୃକ୍ତ ବିଭାଗ ସତର୍କ ରହିବା ସହ ଆବଶ୍ୟକ ସୁଧାରମୂଳକ ପଦକ୍ଷେପ ନେବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଥିଲେ । ବନ୍ୟା ସମୟରେ ଏବଂ ବନ୍ୟା ପରବର୍ତ୍ତୀ ସମୟରେ ରାସ୍ତା, ପାନୀୟ ଜଳ ଯୋଗାଣ, ଜଳସେଚନ ଓ ଅନ୍ୟାନ୍ୟ ମୌଳିକ ଭିତ୍ତିଭୂମିର ପୁନଃସ୍ଥାପନ କାର୍ଯ୍ୟ ତ୍ୱରିତ ଓ ଗୁଣାତ୍ମକ ଭାବେ ସମ୍ପାଦନ କରିବାକୁ ଗ୍ରାମ ନିର୍ମାଣ ବିଭାଜନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଜଳସେଚନ, କ୍ଷୁଦ୍ର ଜଳସେଚନ ସମେତ ସମସ୍ତ ସମ୍ପୃକ୍ତ ଲାଇନ୍ ବିଭାଗକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ସେହିପରି ବନ୍ୟା ପରେ ବିଦ୍ୟୁତ୍ ସେବା ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବାର ପୁନଃସ୍ଥାପନ ଓ ସ୍ୱାଭାବିକୀକରଣ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ସହ ଲୋକଙ୍କୁ ଆବଶ୍ୟକ ସେବା ଶୀଘ୍ର ଉପଲବ୍ଧ କରାଇବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ସେ ନିର୍ଦ୍ଦେଶ ଦେଇଥିଲେ ।

## ଲଗାଣ ବର୍ଷାରେ ଦବିଲା ରେଳଧାରଣା, ସୁପରଫାଷ୍ଟ ସମେତ ୩ ଟ୍ରେନ୍ ବାତିଲ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ ଲାଗି ରହିଥିବା ଲଗାଣ ବର୍ଷାର ପ୍ରଭାବ ଏବେ ରେଳ ଚଳାଚଳ ଉପରେ ପଡ଼ିଛି । ପ୍ରବଳ ବର୍ଷା ଯୋଗୁଁ ବାରିପଦା ଷ୍ଟେସନବଜାର-ଶୁନଗଡ଼ିଆ ନିକଟରେ ପ୍ରାୟ ୫୦ମିଟର ରେଳଧାରଣା ଦବିଯାଇଥିବାରୁ ବାଙ୍ଗିରିପୋଷି-ରୁପ୍‌ସା ରେଳପଥରେ ରେଳ ଚଳାଚଳ ସାମୟିକ ଭାବେ ଠପ୍ ହୋଇପଡ଼ିଛି । ଏହାର ପ୍ରଭାବରେ ବାଙ୍ଗିରିପୋଷି-ପୁରୀ ସୁପରଫାଷ୍ଟ ସମେତ ୩ଟି ଟ୍ରେନ୍ ବାତିଲ କରାଯାଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ରବିବାର ପୁରୀ-ବାଙ୍ଗିରିପୋଷି ସୁପରଫାଷ୍ଟ ଟ୍ରେନ୍ ବାଙ୍ଗିରିପୋଷି ଅଭିମୁଖେ ଯାତ୍ରା କରିବା ପରେ ରାତିରେ ଡିଏମ୍ୟୁ ଟ୍ରେନ୍ ଯାତାୟାତ ସମୟରେ ରେଳଧାରଣା ଦବିଥିବା ଜଣାପଡ଼ିଥିଲା । ଘଟଣା ଜଣାପଡ଼ିବା ପରେ ରେଳ ବିଭାଗ ପକ୍ଷରୁ ତୁରନ୍ତ ସତର୍କତାମୂଳକ ପଦକ୍ଷେପ ନିଆଯାଇ ଏହି ରୁଟ୍‌ରେ ରେଳ ଚଳାଚଳକୁ ବନ୍ଦ ରଖାଯାଇଛି । ଘଟଣାସ୍ଥଳରେ ରେଳ ମେଣ୍ଟେନାନ୍ସ ବିଭାଗର କର୍ମଚାରୀମାନେ ପହଞ୍ଚି ମଧ୍ୟରାତ୍ରିରୁ ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି । ଦବିଯାଇଥିବା ରେଳଧାରଣାକୁ ସୁଧାରିବା ସହ ଟ୍ରାକ୍‌ର ସ୍ଥିତି ଯାଞ୍ଚ କରାଯାଉଛି ।



ସମୟୋଚିତ ଭାବେ ଟ୍ରାକ୍‌ର ତ୍ରୁଟି ଚିହ୍ନଟ ହୋଇ ରେଳ ଚଳାଚଳ ବନ୍ଦ କରାଯାଇନଥାନ୍ତା ତେବେ ବଡ଼ଧରଣର ରେଳ ଦୁର୍ଘଟଣାର ଆଶଙ୍କା ଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ମୟୂରଭଞ୍ଜ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଓ ଜଳବନ୍ଦୀ ସ୍ଥିତି ମଧ୍ୟରେ ରେଳ ଚଳାଚଳକୁ ନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ଥିତି ସମୀକ୍ଷା କରିଛନ୍ତି । ଜଳବନ୍ଦୀ ଅଞ୍ଚଳ ଓ ରେଳଧାରଣାର ସ୍ଥିତି ଉପରେ ନିରନ୍ତର ନଜର ରଖିବା ସହ ରେଳ ଚଳାଚଳକୁ ସୁଗମ ଓ ନିରାପଦ ଭାବେ ଜାରି ରଖିବାକୁ ସେ ରେଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ବିଶେଷକରି ବାରିପଦା ଅଞ୍ଚଳରେ ନିରବିଚ୍ଛିନ୍ନ ଓ ନିରାପଦ ରେଳ ଚଳାଚଳ ସୁନିଶ୍ଚିତ କରିବାକୁ ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି । ବର୍ତ୍ତମାନ ରେଳ ବିଭାଗ ପକ୍ଷରୁ ଦବିଥିବା ଟ୍ରାକ୍‌ର ମରାମତି ସହ ସମଗ୍ର ଅଞ୍ଚଳର ରେଳଧାରଣାର ସ୍ଥିତି ଯାଞ୍ଚ କରାଯାଉଛି । ମରାମତି ଓ ସୁରକ୍ଷା ଯାଞ୍ଚ ସମ୍ପୂର୍ଣ୍ଣ ହେବା ପରେ ରୁଟ୍‌ରେ ରେଳ ଚଳାଚଳ ସ୍ୱାଭାବିକ କରାଯିବ ବୋଲି ଜଣାପଡ଼ିଛି ।

## ବେଆଇନ ଭାବେ ଆନ୍ଧ୍ର ଜମି ମାଫିଆଙ୍କ କବଜା, ଥାନାରେ ଲୋକଙ୍କ ଅଭିଯୋଗ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ଥାନା ତଥା ତହସିଲ ଇଲାକା ଅନ୍ତର୍ଗତ ମାଣିତରା ଓ ମକରାପଲ୍ଲୀର ରାଉତ ବଂଶର କଣ୍ଡରାଇ ମୋଜାରେ ଥିବା ଖାତା ନଂ ୨୭, ୨୪, ୬୨, ୩୦, ୫୮, ୧,୧୪, ୫୫ରେ ପଟ୍ଟାପ୍ରାପ୍ତ କେତେକ ଜମିକୁ ବେଆଇନ ଭାବେ ଆନ୍ଧ୍ରର ଜମି ମାଫିଆ ବଳପୂର୍ବକ ନିଜର କବଜାକୁ ନେଉଥିବା ନେଇ ସଂପୃକ୍ତ ଜମିର ମାଲିକମାନେ ତହସିଲ କାର୍ଯ୍ୟାଳୟ ଏବଂ ପୋଲିସ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି । ରାଉତ ବଂଶର ଲୋକେ ଅଭିଯୋଗ କରିଛନ୍ତି ଯେ, ଗତ କିଛି ଦିନ ହେଲା ଆନ୍ଧ୍ରର ଜଣେ ବ୍ୟକ୍ତି ଚାରଗୋଲା ଭିରା ଭେଙ୍କେଟା ସତ୍ୟନାରାୟଣ, ଅଳସୁ ଗ୍ରାମର ଦଲାଲ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଏବଂ ଆନ୍ଧ୍ର ବ୍ୟକ୍ତିଙ୍କ ଅଧିନରେ କାର୍ଯ୍ୟରତ କଣ୍ଡରାଇ ଗ୍ରାମର ସୁକାନ୍ତ ନାଇକ ଜୋରଜବରଦସ୍ତ କରି ସେମାନଙ୍କ ଜମିରେ ଜେସିବି ମେସିନ ଲଗାଇ ବହୁ ପୁରାତନ ମୂଲ୍ୟବାନ ଗଛଗୁଡ଼ିକୁ ଉପାଡି ସଫା କରୁଛନ୍ତି । ଏହାର ପ୍ରତିବାଦ କରିବାରୁ ଜବରଦଖଲକାରୀ ମାନେ ସେମାନଙ୍କୁ ନାନାଦି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଏବଂ ଧକ୍କା ତଣ୍ଟିଆ ମାରିବା ସହ ହତ୍ୟା ଧମକ ଦେଇଛନ୍ତି । ଏଣୁ, ରାଉତ ବଂଶର ଲୋକେ ସେମାନଙ୍କ ଧନ ଓ ଜୀବନର ସୁରକ୍ଷା ସହ ଜବରଦଖଲକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିବେଦନ କରିଛନ୍ତି । ଏଥିସହ ସେମାନେ ଭଞ୍ଜନଗର ଏସଡିପିଓ, ଗଞ୍ଜାମ ଏସପି ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ମଧ୍ୟ ଅଭିଯୋଗ ପତ୍ର ପ୍ରେରଣ କରିଛନ୍ତି । ତେବେ ଡିମାରକେସନ ପାଇଁ ପ୍ରଥମେ ଆବେଦନ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ତାପସ ରାଉତ ପ୍ରକାଶ କରିଛନ୍ତି ।

### ପଟ୍ଟା ସମସ୍ୟା ନେଇ ମହାମାୟୀପୁର ମୌଜାବାସୀଙ୍କ ଧାରଣା

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ନିର୍ଦ୍ଦେଶ ପାଳନ କରୁନାହାନ୍ତି ଅଧିକାରୀ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ତହସିଲ ଅଧୀନ ମହାମାୟୀପୁର ମୌଜାର ରଙ୍ଗୁଣିବନ୍ଧ ସାହି ସମେତ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳର ପ୍ରାୟ ୯୨ଟି ପରିବାର ଦୀର୍ଘଦିନର ଜମି ଅଧିକାର ସମସ୍ୟାର ସମାଧାନ ଓ ଆରଓଆର୍/ଘରବାରୀ ପଟ୍ଟା ପ୍ରଦାନ ଦାବିରେ ସୋମବାର ବ୍ରହ୍ମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ । ଧାରଣାରେ ସାମିଲ ହୋଇଥିବା ବାସିନ୍ଦାମାନେ ଅଭିଯୋଗ କରିଥିଲେ ଯେ, ଦୀର୍ଘବର୍ଷ ଧରି ଏହି ସମସ୍ୟାର ସମାଧାନ ପାଇଁ ସେମାନେ ବିଭିନ୍ନ ସ୍ତରରେ ଦାବି ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ମଧ୍ୟ ଦ୍ୱାରସ୍ଥ ହୋଇଛନ୍ତି । ୪ ଥର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏହି ପ୍ରସଙ୍ଗ ଉଠାଇ ଜମି ରେକର୍ଡର ସମାଧାନ ଏବଂ ଆରଓଆର୍/ଘରବାରୀ ପଟ୍ଟା ପ୍ରଦାନ କିମ୍ବା ସଂଶୋଧନ ପାଇଁ ଦାବି କରାଯାଇଥିବା ସେମାନେ କହିଛନ୍ତି । ବ୍ରହ୍ମପୁର ତହସିଲ ଅଧିନ ମହାମାୟୀପୁର ମୌଜାର ୯୨ ଜଣଙ୍କ ଜମି ତହସିଲ ରେକର୍ଡରେ ଭୁଲ ବଶତଃ ବ୍ରହ୍ମପୁର ମ୍ୟୁନିସିପାଲିଟି ନାମରେ ରେକର୍ଡ ରହିଥିବା ବେଳେ ଏହା ସଂଶୋଧନ ପାଇଁ ଅଞ୍ଚଳବାସୀ ଦୀର୍ଘ ଦିନ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେବେ ବ୍ରହ୍ମପୁର ମ୍ୟୁନିସିପାଲିଟି ପକ୍ଷରୁ ଜନୈକ ବ୍ୟକ୍ତିଙ୍କ ସପକ୍ଷରେ ୧୯ ଫେବୃଆରୀ ୧୯୯୯ରେ ଜାରି ହୋଇଥିବା ଏନ୍‌ଓସିରେ ମହାମାୟୀପୁର ମୌଜାର ହାଲ୍ ପ୍ଲଟ୍ ନଂ ୯୭୨ ସମ୍ପର୍କରେ ଆରଓଆର୍ ପରିବର୍ତ୍ତନ ପାଇଁ ମ୍ୟୁନିସିପାଲିଟିର କୌଣସି ଆପତ୍ତି ନଥିବା ଉଲ୍ଲେଖ ରହିଛି । ସେହି ଦଲିଲରେ ସମ୍ପୃକ୍ତ ଜମିର ଏକ ଅଂଶ ବ୍ରହ୍ମପୁର ମ୍ୟୁନିସିପାଲିଟି



ନାମରେ ରେକର୍ଡ ରହିଥିବା ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କ ସପକ୍ଷରେ ଆରଓଆର୍ ପରିବର୍ତ୍ତନ ପାଇଁ ଏନ୍‌ଓସି ଜାରି ସହ ଭୁଲ ବଶତଃ ମ୍ୟୁନିସିପାଲିଟି ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି । ସେପରି ୯୨ ଜଣଙ୍କ ଜମି ସଂଶୋଧନ କିମ୍ବା ଏନଓସି ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିବା ପରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଜୁନ୍ ୧୨, ୨୦୨୬ରେ ପତ୍ର ନମ୍ବର ୧୦୨୫୬ ମାଧ୍ୟମରେ ସ୍ପଷ୍ଟ କରାଯାଇଥିଲା ଯେ ଘରବାରୀ ପଟ୍ଟା ପ୍ରଦାନ କରିବାର କ୍ଷମତା ମହାନଗର ନିଗମର ନାହିଁ ଏବଂ ଏହା ରାଜସ୍ୱ ବିଭାଗର ଅଧିକାର କ୍ଷେତ୍ରଭୁକ୍ତ । ଏନେଇ ବ୍ରହ୍ମପୁର ତହସିଲଦାର, ଅତିରିକ୍ତ ତହସିଲଦାର କିମ୍ବା ଅନ୍ୟ ରାଜସ୍ୱ କର୍ତ୍ତୃପକ୍ଷଙ୍କ ଆଇନ ଅନୁଯାୟୀ ପଦକ୍ଷେପ ନେଇ ପଟ୍ଟା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ବାରମ୍ବାର ଅଭିଯୋଗ କରାଯାଉଥିବା ସେ%ୀ ମୂଳ ଜମି ରେକର୍ଡ ସଂଶୋଧନ ନହେବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଧାରଣା ମାଧ୍ୟମରେ ବାସିନ୍ଦାମାନେ ପୂର୍ବରୁ ନିଷ୍ପତ୍ତି ହୋଇଥିବା ଅଭିଯୋଗଗୁଡ଼ିକୁ ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ମାମଲାର ବିସ୍ତୃତ ଯାଞ୍ଚ ଦାବି କରିଛନ୍ତି । ଏଥିସହ ଜମିର ଦଖଲ, ସାବିକ ରେକର୍ଡ, ୧୯୯୯ରେ ବ୍ରହ୍ମପୁର ମ୍ୟୁନିସିପାଲିଟି ପକ୍ଷରୁ ଜାରି ଏନ୍‌ଓସି ଏବଂ ଅନ୍ୟ ସମସ୍ତ ସମ୍ପୃକ୍ତ ଦଲିଲ ଯାଞ୍ଚ କରି ଆଇନ ଅନୁଯାୟୀ ଆରଓଆର୍/ଘରବାରୀ ପଟ୍ଟା ପ୍ରଦାନ କିମ୍ବା ସଂଶୋଧନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି । ଦୀର୍ଘଦିନ ଧରି ପଟ୍ଟା ସମସ୍ୟାରେ ଜଡ଼ିତ ପରିବାରଗୁଡ଼ିକର ଦୁର୍ଦ୍ଦଶା ପ୍ରତି ପ୍ରଶାସନର ଦୃଷ୍ଟି ଆକର୍ଷଣ ଏବଂ ସମସ୍ୟାର ସମାଧାନ ଦାବିରେ ଏହି ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିବା ବାସିନ୍ଦାମାନେ କହିଛନ୍ତି ।

## ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି

ବ୍ରହ୍ମପୁର, (ସବ୍ୟୁ) : ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ଅବସରରେ ଆଜି ସ୍ଥାନୀୟ ରାମ ଲିଙ୍ଗେଶ୍ୱର ପାର୍କ ସ୍ଥିତ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅର୍ପଣ କରିଥିଲେ । ଅଗଷ୍ଟ ୧୬ ତାରିଖ ପବିତ୍ର ପୁଣ୍ୟତିଥି ଅବସରରେ ସକାଳ ୭ଟା ସମୟରେ ବ୍ରହ୍ମପୁର ସ୍ଥିତ ରାମଲିଙ୍ଗ ପାର୍କ ପରିସରରେ ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ, ମହାନ ଜନନାୟକ ଶ୍ରୀ ଅଟଳ ବିହାରୀ ବାଜପେୟୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି ଦ୍ୟାନସାମନ୍ତରା, ବିଜେପି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବରିଷ୍ଠ ନେତା ସୁନିଲ କୁମାର ସାହୁ, ଶରତ ପଟ୍ଟନାୟକ, ବନମାଳୀ ସେଠୀ, ପ୍ରଭାତ କିରଣ ତ୍ରିପାଠୀ, ମଧୁସୂଦନ ସାହୁ, ପୂର୍ବତନ କର୍ପୋରେଟର ବଦ୍ରି ନାରାୟଣ ନାୟକଙ୍କ ସମେତ ବହୁ ମହିଳା ନେତ୍ରୀ ମାନେ, ବରିଷ୍ଠ ନେତୃବୃନ୍ଦ ଏବଂ ବହୁ ସଂଖ୍ୟକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଅଟଳଜୀଙ୍କୁ ସ୍ମରଣ କରିଥିଲେ । ଅଟଳଜୀଙ୍କ ସୁସାହିତ୍ୟିକ, ଆଦର୍ଶ, ରାଷ୍ଟ୍ରପ୍ରେମ, ତ୍ୟାଗ ଓ ମହାନ ଦାର୍ଶନିକ ଜନନାୟକଙ୍କ ଆଦର୍ଶ ଆମକୁ ଜନସେବାର ପଥ



କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ସମେତ ଚିକିଟି ବିଧାୟକ ମନୋରଞ୍ଜନ ଆମ ସମସ୍ତଙ୍କୁ ସଦା ପ୍ରେରଣା ଦେଇଚାଲିବ ବୋଲି ମତବ୍ୟକ୍ତ କରିଥିଲେ ।

## ପୂର୍ବତନ ଉପନଗରପାଳ ଦୁର୍ଗାମଣୀ ଆଚାର୍ଯ୍ୟଙ୍କ ପରଲୋକ

ବାରିପଦା, (ସବ୍ୟୁ) : ବାରିପଦା ପୌରପରିଷଦର ପୂର୍ବତନ ଉପନଗରପାଳ ତଥା ୧ ନମ୍ବର ଓ୍ୱାର୍ଡର ପୂର୍ବତନ କାଉନ୍‌ସିଲର ଓ ସମାଜସେବୀକା ଦୁର୍ଗାମଣୀ ଆଚାର୍ଯ୍ୟଙ୍କର ସୋମବାର ଅପରାହ୍ନ ପ୍ରାୟ ୧ଟା ସମୟରେ ପରଲୋକଗମନ ହୋଇଛି । ସେ ୧ ନମ୍ବର ଓ୍ୱାର୍ଡସ୍ଥିତ ନିଜ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ବାରିପଦା ସହରରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ଖବର ପାଇ ବାରିପଦା ବିଧାୟକ



ପ୍ରକାଶ ସୋରେନ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଉପନଗରପାଳ ସୀମା ଦାସ, ସ୍ଥାନୀୟ କାଉନସିଲର ସୁକେଶିନୀ ସେଠୀ, ସମାଜସେବୀ ତଥା କବିବିଷ୍ଣୁ ଶତପଥି, ପୂର୍ବତନ ଉପନଗରପାଳ ଜୀତେନ୍ଦ୍ର ମହାନ୍ତି, ସମାଜସେବୀ ଅମର କୁମାର ସେଠୀ ଓ ସୋମନାଥ ସିଂହ, ବିଜେଡି ଯୁବ ଛାତ୍ର ନେତା ଅରୁଣ ବରାଡ଼ ଓ ସୁନୀଲ ନାୟକଙ୍କ ସମେତ ସହରର ବିଭିନ୍ନ ଅଞ୍ଚଳରୁ ଶତାଧିକ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ସମସ୍ତେ ଦିବଂଗତ ଦୁର୍ଗାମଣୀ ଆଚାର୍ଯ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ । ଦୁର୍ଗାମଣୀ ଆଚାର୍ଯ୍ୟ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଆଧ୍ୟାତ୍ମିକ ଚେତନାସମ୍ପନ୍ନ ମହିଳା ଭାବେ ପରିଚିତ ଥିଲେ । କାଉନ୍‌ସିଲର ଓ ଉପନଗରପାଳ ଭାବେ ଦାୟିତ୍ୱ ତୁଲାଇବା ସମୟରେ ସେ ସ୍ଥାନୀୟ ଅଞ୍ଚଳ ସମେତ ବାରିପଦା ସହରର ବିକାଶ ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିଥିଲେ । ଏଥିସହ ଗରିବ, ଅସହାୟ ଓ ଦୁଃଖୀ ଲୋକଙ୍କ ସେବାରେ ସେ ସର୍ବଦା ନିଜକୁ ନିୟୋଜିତ ରଖିଥିଲେ । ତାଙ୍କର ସରଳ ଓ ମିଷ୍ଟଭାଷୀ ବ୍ୟବହାର, ମାନବିକତା ଏବଂ ସମାଜସେବା ଯୋଗୁଁ ସେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ବାରିପଦାବାସୀଙ୍କ ମଧ୍ୟରେ ଜଣେ ପ୍ରିୟଭାଜନ ବ୍ୟକ୍ତିତ୍ୱ ଭାବେ ପରିଚିତ ଥିଲେ ।

## କ୍ଲବ ଟିଭି-୭୪ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ

ކ



କଟକ, (ସ୍ୱପ୍ର): ଟାଙ୍ଗୀ-ଚୌଦ୍ୱାର ବ୍ଲକ ପଦ୍ମିନୀ ବିହାର ଠାରେ ଥିବା ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂଘ କ୍ଲବ ଟିଭି-୭୪ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା । କ୍ଲବ ପରିସରରେ ଅନୁଷ୍ଠାନର ସଭାପତି ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଜାତୀୟ ପତାକା ଉତ୍ତୋଳନ କରି ସ୍ୱାଧୀନତା ଦିବସର ଅନୁଚିନ୍ତା ସଂପର୍କରେ ଉଲ୍ଲେଖ କରିବା ସହ କ୍ଲବର ଉନ୍ନତି ଦିଗରେ ସମ୍ମିଳିତ ପ୍ରଚେଷ୍ଟା ଜାରି ରଖିବାକୁ ସଦସ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ । ଉପସ୍ଥିତ ସଦସ୍ୟ ଜାତୀୟ ସଂଗୀତ ଗାନ କରିଥିଲେ । କାର୍ଯ୍ୟକ୍ରମରେ ରମେଶ ବେହେରା, ଦୈତାରୀ ସାହୁ, ଜଗବନ୍ଧୁ ସାହୁ, ରବିନ୍ଦ୍ର ଲେଙ୍କା, ନିମାଇଁ ମହାନ୍ତି, ଭରତ ଲେଙ୍କା, ଦେବେନ୍ଦ୍ର ନାୟକ, ଧନେଶ୍ୱର ସ୍ୱାଇଁ, ଧୂଳମଣି ସେଠୀ, ଡ୍ରିମ୍‌ସର ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳ-ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲାପାଳ ଏବଂ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ପୁଇଁନ୍ତଳା ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଉପସ୍ଥିତ ରହି ବିଭିନ୍ନ ପ୍ରାନ୍ତରୁ ଆସିଥିବା ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ପ୍ରତ୍ୟକ୍ଷ ଭାବେ ଶୁଣିଥିଲେ। ମୋଟ ୨୫ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୨୪ଟି ଏବଂ ସାମୂହିକ ସମସ୍ୟା ସମ୍ବନ୍ଧୀୟ ୦୧ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ଗ୍ରହଣ କରାଯାଇଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ୦୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି । ଶିବିରରେ ଉପସ୍ଥିତ ସମସ୍ତ ବିଭାଗର ଅଧିକାରୀମାନେ ଦାଖଲ ହୋଇଥିବା ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ । ବିଭିନ୍ନ ଗ୍ରାମରୁ ଆସିଥିବା ଲୋକମାନେ ନିଜ ନିଜର ସମସ୍ୟା ଉପସ୍ଥାପନ କରିଥିବା ବେଳେ, ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେଗୁଡ଼ିକର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଡେପୁଟି କଲେକ୍ଟର ନିବେଦିତା ସାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୋଭିନା ଭୋଇ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ ସିଂ ବରିହା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ବିଜୟଲକ୍ଷ୍ମୀ ନିଶାଙ୍କ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ପୁଇଁନ୍ତଳା ବିଡ଼ିଓ ଅମରେନ୍ଦ୍ର ସାଇଁ ତଥା ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ପ୍ରବଳ ବର୍ଷାରେ ଭାଙ୍ଗିଲା ଘର

# ରେଙ୍ଗାଲବେଡ଼ାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ

ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ଭୋଜପୁର ଗ୍ରାମ ପଞ୍ଚାୟତର ରେଙ୍ଗାଲବେଡ଼ା ଗ୍ରାମରେ ପ୍ରବଳ ଲଗାଣ ବର୍ଷା ଯୋଗୁଁ ଏକ ବାସଗୃହ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଛି । ଘର ଖପର ଛାତ ଓ କାନ୍ଥ ଭୁଶୁଡ଼ି ପଡ଼ିବା ଫଳରେ ଗରିବ ପରିବାରଟି ବାସହରା ହୋଇ ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ଏହି ଦୁଃଖଦ ଖବର ପାଇବାକ୍ଷଣି ରାଜ୍ୟ ପଞ୍ଚାୟତିରାଜ, ପାନୀୟ ଜଳ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଘଟଣାସ୍ଥଳରେ ପହଞ୍ଚି କ୍ଷେତ୍ର ପରିଦର୍ଶନ କରିଛନ୍ତି । ମନ୍ତ୍ରୀ ଶ୍ରୀ ନାଏକ ଗ୍ରାମର କାଦୁଅ ସନ୍ତସନ୍ତିଆ ରାସ୍ତା ଦେଇ ନିଜେ କ୍ଷତିଗ୍ରସ୍ତ ପରିବାର ନିକଟରେ ପହଞ୍ଚିଥିଲେ । ଭାଙ୍ଗି ଯାଇଥିବା ଘରର ସ୍ଥିତି ବୁଲି ଦେଖିବା ସହ ପ୍ରଭାବିତ ପରିବାରର ଲୋକଙ୍କ ସହ କଥା ହୋଇ ସେମାନଙ୍କ ଦୁଃଖ ବୁଝିଥିଲେ । ବିପର୍ଯ୍ୟୟ ସମୟରେ ସରକାର ସେମାନଙ୍କ ସହିତ ଅଛନ୍ତି ବୋଲି ଦୃଢ଼ ଆଶ୍ୱାସନା ଦେଇଥିଲେ । ମନ୍ତ୍ରୀ ଶ୍ରୀ ନାଏକ ସ୍ଥାନୀୟ ବ୍ଲକ ତଥା ଜିଲ୍ଲା ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। କ୍ଷୟକ୍ଷତିର ତୁରନ୍ତ ଆକଳନ କରି ପ୍ରଭାବିତ ପରିବାରକୁ ତୁରନ୍ତ ରିଲିଫ ସାମଗ୍ରୀ, ପଲିଥିନ ଏବଂ ଆବଶ୍ୟକୀୟ ଆର୍ଥିକ ତଥା ଥଇଥାନ ସହାୟତା ଯୋଗାଇଦେବା ସହ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ପ୍ରଶାସନିକ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ଷେତ୍ର ପରିଦର୍ଶନ ସମୟରେ ମନ୍ତ୍ରୀଙ୍କ ସହିତ ସ୍ଥାନୀୟ ଜନପ୍ରତିନିଧି, ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।



# ବିଭାଜନ ବିଭୀଷିକା ପୁସ୍ତକ ଉନ୍ମୋଚିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ହୋଟେଲରେ ବରିଷ୍ଠ ବିଜେପି ନେତା ଜୟବ୍ରତ ଦେଙ୍କ ଲିଖିତ ପୁସ୍ତକ ବିଭାଜନ ବିଭୀଷିକା ଉନ୍ମୋଚିତ ହୋଇଯାଇଛି। ସମାରୋହରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ସଂଘ ଚାଳକ ସନାତନ ପ୍ରଧାନ ମୁଖ୍ୟଅତିଥି ଓ ବିଶ୍ୱହିନ୍ଦୁ ପରିଷଦର ପଶ୍ଚିମପ୍ରାନ୍ତ ପ୍ରମୁଖ ଡା. ରାଜକୁମାର କୁମାର ବଡପଣ୍ଡା, ପ୍ରାନ୍ତ ପ୍ରଚାରକ ଶଙ୍କର ପଣ୍ଡା, ପୂର୍ବତନ ବିଧାୟକ ନାଉରୀ ନାଏକ, ଜିଲ୍ଲା ବିଜେପି ସଭାପତି ରାମଚନ୍ଦ୍ର ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏଭଳି ପୁସ୍ତକ ମାଧ୍ୟମରେ ଆମେ ଆମ ଇତିହାସକୁ ଜାଣିପାରିବା ବୋଲି କହିଥିଲେ । ଅଧ୍ୟାପକ ବିଶ୍ୱରଞ୍ଜନ ପୂଜାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଏହି ପୁସ୍ତକରେ ବିଭାଜନର ଅକୁହା ଦୁଃଖ, ଯନ୍ତ୍ରଣା ଓ ବିସ୍ଥାପନର କରୁଣ ଇତିହାସ ଲିପିବଦ୍ଧ କରାଯାଇଛି । ବିଭାଜନର ଭୟାବହ ଅଧ୍ୟାୟରେ ଅସଂଖ୍ୟ ଲୋକଙ୍କ ତ୍ୟାଗ, ଯନ୍ତ୍ରଣା ଓ ବିସ୍ଥାପନର ସ୍ମୃତିକୁ ସଂରକ୍ଷିତ କରିବା ଏବଂ ଆଗାମୀ ପିଢ଼ିକୁ ସେହି ଇତିହାସ ସମ୍ପର୍କରେ ସଚେତନ କରିବାର ଲେଖକଙ୍କ ମୂଳ ଉଦ୍ଦେଶ୍ୟ ଅଟେ ।

# ଥିପାଖୋଲ ଜଳପ୍ରପାତରେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଥିପାଖୋଲ ଜଳପ୍ରପାତରେ ଅଘଟଣ ଘଟିଛି । ଜଳପ୍ରପାତରେ ଗାଧୋଉଥିବା ବେଳେ ଜଣେ ପର୍ଯ୍ୟଟକ ନିଖୋଜ ହୋଇଯାଇଥିବା ପରେ ସୋମବାର ତାଙ୍କର ମୃତଦେହ ଉଦ୍ଧାର କରାଯାଇଛି ।

ସୂଚନା ଅନୁଯାୟୀ, ଛତିଶଗଡ଼ର ଗରିଆବନ୍ଧ ଜିଲ୍ଲା ଅମଲିପଦର ଅଞ୍ଚଳର ୬ ଜଣ ଯୁବକ ରବିବାର ବୋଲବମ ଯାତ୍ରା ଅବସରରେ ଥିପାଖୋଲ ଜଳପ୍ରପାତ ବୁଲିବାକୁ ଆସିଥିଲେ । ସେମାନେ ଜଳପ୍ରପାତରେ ଗାଧୋଉଥିବା ସମୟରେ ଜଣେ ଯୁବକ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ । ନିଖୋଜ ଯୁବକଙ୍କୁ ସାଙ୍ଗମାନେ ନିଜସ୍ୱ ଭାବେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇନଥିଲେ । ପରେ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ଖବର ପାଇ ସିନାପାଲି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତଲାସୀ ଅଭିଯାନ ଆରମ୍ଭ କରିଥିଲା ।

ରବିବାର ଦୀର୍ଘ ସମୟ ଧରି ଖୋଜାଖୋଜି ଚାଲିଥିଲେ ମଧ୍ୟ ସଫଳତା ମିଳିନଥିଲା । ସକାଳୁ ପୁଣିଥରେ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପୋଲିସ ପକ୍ଷରୁ ତଲାସୀ ଅଭିଯାନ ଜାରି ରହିଥିଲା । ଶେଷରେ ଜଳପ୍ରପାତରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ଜଣକ ଛତିଶଗଡ଼ ରାଜ୍ୟ ଗରିଆବନ୍ଧ ଜିଲ୍ଲା କୁର୍ଲାପଡ଼ା ଗାଁର ବସନ୍ତ ଧ୍ରୁବ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରୁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏହି ଦୁଃଖଦ ଘଟଣା ପରେ ମୃତକଙ୍କ ପରିବାର ଓ ସାଙ୍ଗସାଥୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି । ଏଥିସହ ବିପଦସଙ୍କୁଳ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା, ସତର୍କତାମୂଳକ ସୂଚନା ଫଳକ ଓ ଉଦ୍ଧାର ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ନେଇ ଦାବି ଜୋର ଧରିଛି ।

# ରକ୍ତଦାନ ଶିବିର, ୨୩୫ ୟୁନିଟ ସଂଗୃହୀତ




ରାୟଗଡ଼ା, (ସବ୍ୟୁ) : ସ୍ୱାଧୀନତା ଦିବସ ଉପଲକ୍ଷେ ଉତ୍କଳ ଆଲୁମିନାର ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ ସିଏସଆର୍ ବିଭାଗ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସହଯୋଗରେ ନୂଆପଡ଼ା ଟାଉନସିପ କ୍ଲବ ହାଉସରେ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଶିବିରରେ କମ୍ପାନୀ କର୍ମଚାରୀ ଓ ସ୍ଥାନୀୟ ସମୁଦାୟର ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଶିବିରରୁ ମୋଟ ୨୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ୟୁନିଟ ମୁଖ୍ୟ ରବି ନାରାୟଣ ମିଶ୍ର ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ବରିଷ୍ଠ ପରିଚାଳନା ଦଳ ସହ ସିଏସଆର୍ ମୁଖ୍ୟ ଲୋପାମୁଦ୍ରା ମିଶ୍ର, ପ୍ଲାଣ୍ଟ ସିଏସଆର୍ ବିଭାଗ ମୁଖ୍ୟ ଦିଗନ୍ତ ମହାନ୍ତି ଓ ସିଏସଆର୍ ଟିମର କସଦସ୍ୟମାନେ ଉପସ୍ଥିତ ଥିଲେ। ଉତ୍କଳ ହସ୍ପିଟାଲର ସିଏମଓ ଡା. ରଞ୍ଜନ କୁମାର ଲେଙ୍କା, ଡା. ରାଜେନ୍ଦ୍ର ମଣ୍ଡଳ ଓ ରିଫାଇନେରୀ ଇଞ୍ଜିନିୟରିଂର ଏଭିପି ଗିରିଜା ପଣ୍ଡା ଶିବିରର ତଦାରଖ କରିଥିଲେ । ସିଏସଆର୍ ଟିମର ସଦସ୍ୟମାନେ ଶିବିର ପରିଚାଳନାରେ ସକ୍ରିୟ ଭୂମିକା ନେଇଥିଲେ ।

# ଦେବଗିରି ମଠରେ ନାଗ ପଞ୍ଚମୀ

ନର୍ଲା,(ସବ୍ୟୁ): ନର୍ଲା ବ୍ଲକ ବୁଢ଼ୀପଦର ସ୍ଥିତ ଶ୍ରୀ ଶ୍ରୀ ଭଗବତ ସ୍ୱାମୀ ଦେବଗିରି ମଠ ଠାରେ ନାଗ ପଞ୍ଚମୀ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଶ୍ରାବଣ ମାସର ତୃତୀୟ ସୋମବାର ଦିନ ନାଗ ପଞ୍ଚମୀର ଅପୂର୍ବ ସଂଯୋଗ ଘଟିଛି । ଶ୍ରାବଣ ସୋମବାର ଏବଂ ନାଗ ପଞ୍ଚମୀର ଏହି ଦୁର୍ଲଭ ମିଶ୍ରଣ ଶିବ ଭକ୍ତଙ୍କ ମନରେ ଅପାର ଆନନ୍ଦ ଆଣିଦେଇଛି । ଦ୍ୱାପର ଯୁଗରେ ଜେନାବଳୀ ନଗ୍ରର ଅଧିଶ୍ୱର ଗୋସିଂହ ଦୈତ୍ୟ ଦେବଗିରି (କନକଗିରି) ଗୁମ୍ଫାରେ ତପସ୍ୟା କରିବା ସହ ଶିବ ଆରଧନା କରୁଥିଲେ । କିମ୍ବଦନ୍ତୀ ଅନୁସାରେ ଗୋସିଂହ ଦୈତ୍ୟ ନାଗ ଗୋତ୍ରୀୟ ବେଙ୍କା କନ୍ଧ ଥିଲେ । ତେଣୁ ନାଗ ପଞ୍ଚମୀ ଅବସରରେ ଟ୍ରଷ୍ଟ ବୋର୍ଡ ପକ୍ଷରୁ ମହାରାଜ ଗୋସିଂହ ଦୈତ୍ୟଙ୍କ ସ୍ତୁତିଚାରଣ କରାଯାଇଥିଲା। ମଠର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡାମାଝୀଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ପୂଜକ ସନ୍ତୋଷ ପାଢ଼ୀ, ସେବାୟତ ତପିବର ଦାସ, ସେବକ ଟିକେ ଗଉଡ, ପୁରାଣ ପାଠକ ପୂର୍ବା ଗଉଡ, ଧର୍ମେନ୍ଦ୍ର ଧଙ୍ଗଡାମାଝୀ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ବୋଲବମ ଭକ୍ତମାନଙ୍କ ରାତ୍ରି ରହଣୀର ବ୍ୟବସ୍ଥା ସହ ଟ୍ରଷ୍ଟ ବୋର୍ଡ ପକ୍ଷରୁ ହଜାର ହଜାର ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଟ୍ରଷ୍ଟ ବୋର୍ଡ଼ ସଦସ୍ୟ ବିଜୟ ଧଙ୍ଗଡାମାଝୀ, ବିଷ୍ଣୁ ଗଉଡ, ରଜନୀ ଗଉଡ, ସଞ୍ଜୟ ଧଙ୍ଗଡାମାଝୀ, ପ୍ରଦୀପ ଧଙ୍ଗଡାମାଝୀ, ସୁରେନ୍ଦ୍ର ମାଝୀ, ସତ୍ରୁଘନ ଧଙ୍ଗଡାମାଝୀ, ଭରତ ଧଙ୍ଗଡାମାଝୀ, ଦେବରାଜ ଗଉଡ ପ୍ରମୁଖ ସହଯୋଗ କରିଥିଲେ ।

# ଦରବାର ସାହିତ୍ୟ ସଂସଦ ପକ୍ଷରୁ ଯୁବ ଦିବସ ପାଳିତ



ନୂଆପଡ଼ା,(ସବ୍ୟୁ): ଯୁବ ଶକ୍ତି ସାମାଜିକ ପରିବର୍ତ୍ତନର ମୁଖ୍ୟ ଶକ୍ତି । ଆନ୍ତର୍ଜାତୀୟ ଯୁବ ଦିବସ ଅବସରରେ ଦରବାର ସାହିତ୍ୟ ସଂସଦ , ନୂଆପଡ଼ା ପକ୍ଷରୁ କୋମନା ବ୍ଲକରେ ବିଭିନ୍ନ ସଚେତନତାମୂଳକ ଓ ସମୁଦାୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯୁବପିଢ଼ିଙ୍କ ଭୂମିକା, ନେତୃତ୍ୱ, ଅଧିକାର ଏବଂ ସାମାଜିକ ଦାୟିତ୍ୱ ଉପରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କୋମନାସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଆୟୋଜିତ ଆଲୋଚନାଚକ୍ରରେ ୨ ଓ ୩ ଛାତ୍ରଛାତ୍ରୀ, ପାରାଲିଗାଲ ଭଲେଣ୍ଟିୟର୍ସ , କଲେଜ ଅଧ୍ୟାପକ ଏବଂ ସଦସ୍ୟ ମିସ ଲୋପାମୁଦ୍ରା ବଳ, ବୈଦେହୀ ସେଠିଆ, ନିବେଦିତା ମହାନ୍ତି, ବବିତା ପଟ୍ଟନାୟକ ସମେତ ପ୍ରାୟ ୧୭୦ ଜଣ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଯୁବମାନେ ପରିବାର, ସମାଜ ଓ ଦେଶର ଭବିଷ୍ୟତ ନେତୃତ୍ୱ ଶକ୍ତି ଭାବେ କିପରି ସକାରାତ୍ମକ ଭୂମିକା ନେଇପାରିବେ, ସେନେଇ ଆଲୋଚନା ହୋଇଥିଲା। ଏଥିସହିତ ବାଲ୍ୟବିବାହ, ମାନବ ଚାଲାଣ ଓ ଲିଙ୍ଗଭିତ୍ତିକ ହିଂସା ଭଳି ସାମାଜିକ ସମସ୍ୟାର ପ୍ରଭାବ ଉପରେ ମଧ୍ୟ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ , ନୂଆପଡ଼ାର ପ୍ରତିନିଧି ଯୋଗଦେଇ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ । ଆଲୋଚନାରେ ଯୁବମାନଙ୍କ ଆଇନଗତ ଅଧିକାର, ସମ୍ପର୍କିତ ଆଇନ, ଆଇନଗତ ସହାୟତା, ରୋଜଗାର ସୁଯୋଗ ଏବଂ ପରିବେଶ ସୁରକ୍ଷା ଭଳି ବିଷୟ ଉପରେ ତଥ୍ୟ ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀମାନେ ମଧ୍ୟ ପ୍ରଶ୍ନୋତ୍ତର ଓ ମୁକ୍ତ ଆଲୋଚନାରେ ସକ୍ରିୟ ଭାବେ ନିଜ ମତାମତ ରଖିଥିଲେ । ଯୁବପିଢ଼ିଙ୍କ ସକ୍ରିୟ ଅଂଶଗ୍ରହଣ, ସହଯୋଗ ଓ ସାମାଜିକ ପରିବର୍ତ୍ତନ ପ୍ରତି ସକାରାତ୍ମକ ମନୋଭାବ ଯୋଗୁଁ କୋମନା ବ୍ଲକରେ ଆୟୋଜିତ ଆନ୍ତର୍ଜାତୀୟ ଯୁବ ଦିବସ ପାଳନ ଏକ ସଫଳ ଓ ଅର୍ଥପୂର୍ଣ୍ଣ ପଦକ୍ଷେପ ଭାବେ ପରିଣତ ହୋଇଥିଲା। ଶେଷରେ ସମସ୍ତ ଅତିଥି, ଛାତ୍ରଛାତ୍ରୀ, କିଶୋର-କିଶୋରୀ ଓ ସହଯୋଗୀମାନଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମ ସମାପ୍ତ କରାଯାଇଥିଲା।

# ବସ୍ ଦୁର୍ଘଟଣା ପୀଡ଼ିତଙ୍କୁ ଭେଟିଲେ ଜିଲ୍ଲାପାଳ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ଗଡ଼ଗଡ଼ବାହାଲ ଠାରେ ଯାତ୍ରୀବାହୀ ବସ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ପୀ ଜିଲ୍ଲାପାଳ ଭେଟିଛନ୍ତି । ସୋମବାର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏକ ଘରୋଇ ନର୍ସିଂହୋମକୁ ଯାଇ ଆହତଙ୍କ ଚିକିତ୍ସା ବ୍ୟବସ୍ଥା ବୁଝିଥିଲେ । ଏଥିସହ ସେମାନଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବାକୁ ସି ନିର୍ଦ୍ଦେଶ ଦେଇଥିଲେ। ଚିକିତ୍ସିତ ଲୋକଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ ବୋଲି କହିଛନ୍ତି । ସୂଚନାଯୋଗ୍ୟ, ଭୁବନେଶ୍ୱରରୁ ସମ୍ବଲପୁର ଦେଇ ପଦ୍ମପୁରକୁ ଯାଉଥିବା ଯାତ୍ରୀବାହୀ ବସ ଗତ ୧୫ତାରିଖ ଭୋର୍ ସମୟରେ ଏକ ହାଇଓ୍ୱାକୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩ଜଣ ଗୁରୁତର ଆହତ ହୋଇଥିଲେ । ତେବେ ଆହତଙ୍କ ଚିକିତ୍ସା ଚାଲିଥିବା ବେଳେ ସମ୍ବଲପୁର ସିଭିଲ ସୋସାଇଟୀର ସଦସ୍ୟମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳଙ୍କ ତ୍ୱରିତ ପଦକ୍ଷେପ ଯୋଗୁଁ ସିଭିଲ ସୋସାଇଟି କର୍ମକର୍ତ୍ତା ମାନେ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ସରସତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବ୍ରଜ ବିହାର ଠାରେ ମାତୃ ସମ୍ମିଳନୀର ପ୍ରଥମ ପର୍ଯ୍ୟାୟ ଖୁବ ଆନନ୍ଦ ଉଲ୍ଲାସର ସହିତ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ମୁଣ୍ଡ ଓ ଶିଶୁ ବାଟିକା ପ୍ରମୁଖ ସୁକାନ୍ତି ଦାଶଙ୍କ ଅଧ୍ୟକ୍ଷତାରେ ମାତୃ ସମ୍ମିଳନୀର କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ସୁନାମ ଧନ୍ୟା ଲେଖିକା କଳ୍ପନା ରଥ ଯୋଗଦେଇଥିଲେ । ପରିଚାଳନା କମିଟିର ସମ୍ପାଦକ ଅଶୋକ କୁମାର ସିଂ ଉପସ୍ଥିତ ଥିଲେ । ମାତୃ ଭାରତୀର ସଭାନେତ୍ରୀ ଅମୃତାଞ୍ଜଳି ପଣ୍ଡାଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ସମ୍ମିଳନୀରେ ପ୍ରାୟ ୬୦ ଜଣ ମାଆ ଯୋଗଦାନ କରିଥିଲେ । ଶିଶୁଙ୍କ ଜନ୍ମ ଦିନ ପାଳନ ସମୟରେ କେକ ନ କାଟି କେମିତି ଶିଶୁ ଙ୍କୁ ମନ୍ଦିର ନେବା ପୂଜା କରିବା , କିଛି ଗଛ ଲଗାଇବା , ଗରିବ ଲୋକଙ୍କୁ ଦାନ ଆକାରରେ ସେବା କରିବା ଏହିଭଳି ଦେଶଭକ୍ତି ଭାବ ଜାଗ୍ରତ କରାଇବା ପାଇଁ ମାତୃ ଭାରତୀର ସଭାନେତ୍ରୀ ଅମୃତାଞ୍ଜଳି ପଣ୍ଡା ନିଜର ଅଭିଭାଷଣରେ କହିଥିଲେ । ସୁଧାରାଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# କନ୍ଧମାଳରେ ଭୀମଭୋଇ ସାମର୍ଥ୍ୟ ଶିବିର

କନ୍ଧମାଳ,(ସବ୍ୟୁ) : କନ୍ଧମାଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରସରରେ ସୋମବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ,ଜିଲ୍ଲା ଏସପି କୁଲଦୀପ ମୀନା,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ମାନଙ୍କ ପାଇଁ ଥିବା ସରକାରୀ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ । ଭିନ୍ନକ୍ଷମ ଶିବିରରେ ୧୮୯ ଜଣ ଦିବ୍ୟାଙ୍ଗ ପଞ୍ଜିକୃତ କରିଥିଲେ । ସେମାନଙ୍କ ମଧ୍ୟରୁ ୮୬ଜଣଙ୍କୁ ଭିନ୍ନକ୍ଷମ ସାର୍ଟିଫିକେଟ ,ଭିନ୍ନକ୍ଷମ ଭତ୍ତା ୦୬ ଜଣ ,ବିଧବା ଭତ୍ତା ୦୫ଜଣ , ଫ୍ରୀ ବସ ପାସ ୧୨ ଜଣ ଓ ୦୩ ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା । ବିଡ଼ିଓ ସାମ୍ପୀ ରେଢ୍ଡୀ ଜୟଶ୍ରୀ, ଆସିଷ୍ଟାଣ୍ଟ କଲେକ୍ଟର ଜ୍ୟୋତିରଞ୍ଜନ ଭୁଏ, ସୁଶ୍ରୀ ରଶ୍ମୀ ରେଖା ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବ୍ଲକ ପରିସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯାଇଥିଲା । ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ,ଲାଇନ ବିଭାଗ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଓ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

## ନାଗାବଳୀ ଛାତ୍ରାବାସ ଅସୁରକ୍ଷିତ

# ମରାମତି ଦାବି କଲେ ବିଧାୟକ




ରାୟଗଡ଼ା,(ସବ୍ୟୁ) : ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧୀନ ନାଗାବଳୀ ଛାତ୍ରାବାସର ଭିତ୍ତିଭୂମି ତଦାରଖ କରିଛନ୍ତି ବିଧାୟକ କାଡ୍ରାକା ଆପାଲାସ୍ୱାମୀ । ଏହି ସମୟରେ ଛାତ୍ରମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିଥିଲେ । ଛାତ୍ରାବାସର ଛାତରୁ ବର୍ଷାଜଳ ଝରିବା, ଅନେକ ଶୌଚାଳୟ ଅନୁପଯୋଗୀ ହୋଇପଡ଼ିବା, ପାଣି ଯୋଗାଣ ପାଇପ ନଷ୍ଟ ହେବା ଓ ଡ୍ରେନେଜ ବ୍ୟବସ୍ଥା ନଥିବା ନେଇ ଛାତ୍ରମାନେ ଅଭିଯୋଗ କରିଥିଲେ । ଡ୍ରେନେଜ ଅବ୍ୟବସ୍ଥା ଯୋଗୁ ଅପରିଷ୍କାର ପରିବେଶ ସହ ମଶାଙ୍କ ଉପଦ୍ରବ ବଢୁଥିବାରୁ ଛାତ୍ରଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ନେଇ ଚିନ୍ତା ପ୍ରକାଶ ପାଇଛି । ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ ସହ ଶୌଚାଳୟ, ପାଣି ଯୋଗାଣ ଓ ଡ୍ରେନେଜ ବ୍ୟବସ୍ଥାର ସୁଧାର ପାଇଁ ବିଧାୟକ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏଥିସହ ଛାତ୍ର ସଂଖ୍ୟା ବଢୁଥିବାରୁ ମହାବିଦ୍ୟାଳୟ ଅଧୀନରେ ୩୦୦ ଶଯ୍ୟା ବିଶିଷ୍ଟ ନୂତନ ଛାତ୍ରାବାସ ନିର୍ମାଣ ପାଇଁ ସରକାରଙ୍କ ନିକଟରେ ସେ ଦାବି ଜଣାଇଛନ୍ତି । ଏହି ସମୟରେ କଲେଜ ଅଧ୍ୟାପକ ଉଦୟ କୁମାର ନାୟକ ଛାତ୍ରାବାସର ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ ।

# କୋମନାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ନୂଆପଡ଼ା,(ସବ୍ୟୁ) : ପ୍ରଶାସନିକ ସେବାକୁ ତୃଣମୂଳ ସ୍ତରରେ ଅଧିକ କ୍ରିୟାଶୀଳ ତଥା ଲୋକାଭିମୁଖୀ କରିବା ଲକ୍ଷ୍ୟରେ କୋମନା ବ୍ଲକ ପରିସରରେ ନୂଆପଡ଼ା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୬୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା (୪୮ଟି ବ୍ୟକ୍ତିଗତ ଓ ୧୨ଟି ଗୋଷ୍ଠୀଗତ)। ଜିଲ୍ଲାପାଳ ପ୍ରତ୍ୟେକ ଅଭିଯୋଗକାରୀଙ୍କ ସମସ୍ୟା ଶୁଣି ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ଅସହାୟ ହିତାଧିକାରୀଙ୍କ ମଧ୍ୟରେ ରେଡକ୍ରସ ପାଣ୍ଠିରୁ ତତ୍କାଳୀନ ସହାୟତା ରାଶି ପ୍ରଦାନ କରାଯାଇଛି । ଲଳିତା ଦୁରିଆ ୧୦,୦୦୦ ଟଙ୍କା, କୁନ୍ତୀଦେଇ ଶବର, ଅମ୍ବିକା ମାଝୀ, ଭୂମିସୂତା ଦୀପ ଓ ପ୍ରେମ ସୁନା ପ୍ରତ୍ୟେକଙ୍କୁ ୫,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । ଏହି ଅବସରରେ ବ୍ଲକ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ତଥା ଆୟୁଷ୍ମାନ ଆରୋଗ୍ୟ ଶିବିରର ଆୟୋଜନ କରାଯାଇଥିଲା । ଶିବିରରେ ଜିଲ୍ଲାପାଳ ମଧୁସୁଦନ ଦାଶ , ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ସିଡ଼ିଏମଓ ଡା. ଦ୍ୱାରିକାନାଥ ଶତପଥୀ, ଡିଏଫଓ ଅଜିଜ ଖାନ , କୋମନା ବ୍ଲକ ଅଧକ୍ଷା ଅନୁସୂୟା କୁମ୍ଭାର, ଉପାଧକ୍ଷ ଜୟଦେବ ପ୍ରଧାନ, ଡେପୁଟି ଜିଲ୍ଲାପାଳ ଶେଖ ନସୀମ, ବିଡିଓ ପବିତ୍ର କୁମାର ସାମଲ, ତହସିଲଦାର ସର୍ବେଶ୍ୱର ଜାଲଙ୍କ ସମେତ ସମସ୍ତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

# ରକ୍ତଭଣ୍ଡାର କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢାଖୋଲ ଉପଖଣ୍ଡ ଡାକ୍ତରଖାନାରେ ଥିବା ରକ୍ତଭଣ୍ଡାର ଦୀର୍ଘ ମାସ ହେଲା ବନ୍ଦ ପଡିଛି । ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତେବେ ବନ୍ଦ ପଡିଥିବା ଏହି ରକ୍ତଭଣ୍ଡାରକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ନାକଟିଦେଉଳ ଠାରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ରକ୍ତଭଣ୍ଡାର ଉପରେ ନିର୍ଭର କରି ନାକଟିଦେଉଳ, ଯୁଯୋମୋରା, ରେଢାଖୋଲ, ଆଠମଲ୍ଲିକ ବ୍ଲକର ହଜାର ହଜାର ଲୋକ ଏବଂ ଗର୍ଭବତୀ ମହିଳା, ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ଏବଂ ଜରୁରୀକାଳୀନ ରୋଗୀ ରେଢାଖୋଲ ଡାକ୍ତରଖାନାକୁ ଚିକିତ୍ସିତ ହେବା ପାଇଁ ଆସିଥାନ୍ତି। ହେଲେ ଏହି ରକ୍ତଭଣ୍ଡାର ଏବେ ବନ୍ଦ ରହିଥିବାରୁ ଲୋକ ମାନେ ସମ୍ବଲପୁର, ଅନୁଗୋଳ, ବୁର୍ଲା, ଦେବଗଡ, ବୌଦ୍ଧ ଡାକ୍ତଖାନାକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେବା ସହ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ।

ଏହି ସମସ୍ୟା ସଂପର୍କରେ ଜିଲ୍ଲା ପ୍ରଶାସନ ପାଖରେ ଖବର ରହିଥିଲେ ହେଁ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ତେବେ ରକ୍ତଭଣ୍ଡାରରେ ଆବଶ୍ୟକ ଉପକରଣ ସୁବିଧା ଓ ବିଦ୍ୟୁତ୍ ସଂଯୋଗ ନଥିବାରୁ ରକ୍ତଭଣ୍ଡାର ଲାଇସେନ୍ସ ମିଳୁନାହିଁ ବୋଲି ଅନୁସନ୍ଧାନରୁ ଜଣାଯାଇଛି । ଆବଶ୍ୟକ ଉପକରଣ, ଗୃହ ମରାମତି ଓ ବିଦ୍ୟୁତ ସଂଯୋଗ ପାଇଁ କାର୍ଯ୍ୟ କରିବା ପାଇଁ ପୂର୍ତ୍ତ ବିଭାଗକୁ ଦିଆଯାଇଛି । ହେଲେ ପୂର୍ତ୍ତ ବିଭାଗ ଏହି କାର୍ଯ୍ୟ ସଂପାଦନ କରିବାରେ ବିଳମ୍ବ କରୁଥିବା ଯୋଗୁଁ ରକ୍ତଭଣ୍ଡାର ଲାଇସେନ୍ସ ମିଳିପାରୁନାହିଁ । ତୁରନ୍ତ ଏସବୁ କାର୍ଯ୍ୟ ଶେଷକରି ବନ୍ଦ ଥିବା ରକ୍ତଭଣ୍ଡାରକୁ କାର୍ଯ୍ୟକ୍ଷମ କରିବାପାଇଁ ଡଇଁଚା ସମିତି ସଭ୍ୟ ପ୍ରବୀଣ କୁମାର ପ୍ରଧାନ, ସେଚ୍ଛାସେବୀ ନନ୍ଦକିଶୋର ପ୍ରଧାନ, ଗୋଗୁଆ ସମିତି ସଭ୍ୟ ଅମୂଲ୍ୟ ପ୍ରଧାନ ଜିଲ୍ଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ ଆଗାମୀ ୨୪ ତାରିଖ ସୁଦ୍ଧା ଯଦି କାର୍ଯ୍ୟକ୍ଷମ କରାନଯାଏ ତାହେଲେ ୨୫ ତାରିଖ ଦିନ ରେଢାଖୋଲ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ କର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଉଲ୍ଲେଖ କରିଛନ୍ତି । ଅଭିଯୋଗପରେ ରକ୍ତଭଣ୍ଡାର ଗୃହ କାର୍ଯ୍ୟ ଶୀଘ୍ର ଶେଷ କରି ବାକୁ ପୂର୍ତ୍ତ ବିଭାଗ ଓ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲପାଳ ।

### ଭଡ଼ା ଟଙ୍କା ପାଇବାରେ ଅସୁବିଧା
## ବ୍ୟାଙ୍କକୁ ପୁଅକୁ କାନ୍ଧରେ ବୋହି ଆଣିଲେ ବାପା



ରେଢ଼ାଖୋଲ,(ସବ୍ୟୁ): ପୁଅର ଭଡ଼ା ଟଙ୍କା ପାଇବାରେ ଅସୁବିଧା ହେବାରୁ ବ୍ୟାଙ୍କକୁ କାନ୍ଧରେ ବୋହି ଆଣିଲେ ବାପା । ଏଭଳି ଘଟଣା ଦେଖିବାକୁ ମିଳିଛି ରେଢ଼ାଖୋଲରେ । ନାକଟିଦେଉଳ ବ୍ଲକ ବାଟଗାଁ ପଂଚାୟତ ହିତସରା ଗାଁ ମଠ ସାହିର ସୁମନ୍ତ ଭୋଇଙ୍କ ପୁଅ ବୀଣାକର ଭୋଇ( ୨୭) । ଜନ୍ମରୁ ସେ ଅନ୍ଧ । ସେ ଜମାରୁ ଚାଲି ବୁଲି ପାରୁ ନାହାନ୍ତି । ସବୁବେଳେ ବାପା ଓ ମାଆ ତାଙ୍କୁ ନେବା ଆଣିବା କରିଥାନ୍ତି । ଭିନ୍ନକ୍ଷମ ହିସାବରେ ସେ ସରକାର ତରଫରୁ ଭିନ୍ନକ୍ଷମ ଭତ୍ତା ପାଉଛନ୍ତି । ହେଲେ ପୂର୍ବରୁ ସରକାର ତାଙ୍କୁ ପଞ୍ଚାୟତ ତରଫରୁ ଟଙ୍କା ଦେଉ ଥିଲେ । ବର୍ତ୍ତମାନ ବ୍ୟାଙ୍କରୁ ତାଙ୍କୁ ଟଙ୍କା ମିଳୁଛି । ବ୍ୟାଙ୍କକୁ ଯାଇ ଜଣେ ଜନ୍ମାନ୍ଧ ଟଙ୍କା ଉଠାଇ ପେଟ ପୋଷିବା କାଠିକର ପାଠ । ବାପା ପୁଅକୁ କାନ୍ଧରେ ହିତସରା ଗାଁ ରୁ ବାଟଗାଁ ଧରି ଆସି ସେଠୁ ନାକଟିଦେଉଳ ବ୍ୟାଙ୍କକୁ ଆସିଥାନ୍ତି । ଜଣେ ଭେଣ୍ଡିଆ ପୁଅକୁ ଆଣିବା କେତେ କଷ୍ଟ ତାହା ବାପା ଛଡା କିଏ ଜାଣିବ । ନାକଟିଦେଉଳ ବ୍ୟାଙ୍କକୁ ପୁଅକୁ ଧରି ଆସି ଭଡା ନେବା ବହୁତ କଷ୍ଟ ବୋଲି ତାର ବାପା ଆମ ପ୍ରତିନିଧିଙ୍କ ଠାରେ ପ୍ରକାଶ କରିଥିଲେ । ନାକଟିଦେଉଳ ବ୍ୟାଙ୍କରୁ ଟଙ୍କା ନ ଉଠିବାରୁ ରେଢ଼ାଖୋଲ ବ୍ୟାଙ୍କ ଯିବାକୁ ପଡିବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ କହିବାରୁ ଏଇ ଦୁଇ ଦିନ ତଳେ ସୁମନ୍ତ ଭୋଇ ନିଜ ଜନ୍ମାନ୍ଧ ପୁଅକୁ ବସରେ ରେଢ଼ାଖୋଲ ଆସି ସେଠୁ ନିଜ କାନ୍ଧରେ ପୁଅକୁ ଧରି ରେଢ଼ାଖୋଲ ଷ୍ଟେଟ ବ୍ୟାଙ୍କ କୁ ଯାଇ କେୱାଇସି କରି ଫେରି ଆସିଥିଲେ । ଏଭଳି ଦୃଶ୍ୟକୁ ରେଢ଼ାଖୋଲ ସହରରେ କଏଦ କରିଥିଲେ ଆମ ପ୍ରତିନିଧି । ସରକାର ଭଡା ଦେଉଛନ୍ତି ହେଲେ ଜଣେ ଜନ୍ମାନ୍ଧକୁ ପଞ୍ଚାୟତ କର୍ତ୍ତୃପକ୍ଷ କାହିଁକି ନଗଦ ଟଙ୍କା ନଦେଇ ହଇରାଣ କରୁଛନ୍ତି ତାହା ଆଦୌ ବୁଝି ହେଉନି । ସଚଳ ବ୍ୟକ୍ତି ପଞ୍ଚାୟତରୁ ଭଡା ପାଉଥିବା ବେଳେ ଜଣେ ଅନ୍ଧ ବ୍ୟକ୍ତି ବ୍ୟାଙ୍କକୁ ଯାଇ ଭଡା ଉଠାଇବା ପଛରେ କଣ କାରଣ ରହିଛି ବୁଝା ପଡୁନାହିଁ । ତାଙ୍କୁ ମଧ୍ୟ ଟ୍ରାଇ ସାଇକେଲର ବ୍ୟବସ୍ଥା ହୋଇ ନାହିଁ । ଏପରିକି ତାଙ୍କୁ ଆବାସ ଯୋଜନାରେ ଘର ଖଣ୍ଡିଏ ମଧ୍ୟ ଏପର୍ଯ୍ୟନ୍ତ ମିଳିପାରିନି । ତାଙ୍କୁ ପଂଚାୟତରୁ କେମିତି ଭଡା ମିଳିବ ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି ।

### ଗୁଣ୍ଡା ସାହୁଙ୍କ ଅପହରଣ ମାମଲା
## ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ,ଏସ୍ଆଇ ଓ କ୍ରାଇମ ରିପୋର୍ଟର ଗିରଫ



ବଲାଙ୍ଗିର,(ସବ୍ୟୁ): ବହୁଚର୍ଚ୍ଚିତ ଗୁଣ୍ଡା ସାହୁ ଓରଫ ନରେନ୍ଦ୍ର ସାହୁ ଅପହରଣ ମାମଲାରେ ଦିନକୁ ଦିନ ନୂଆ ତଥ୍ୟ ସାମ୍ନାକୁ ଆସୁଛି । ଅପହରଣ ଘଟଣାରେ ଜଣେ ପୋଲିସ ଏସଆଇ ଓ ଜଣେ କ୍ରାଇମ ରିପୋର୍ଟରଙ୍କ ସମ୍ପୃକ୍ତି ଅଭିଯୋଗ ପରେ ମାମଲା ଆହୁରି ଜଟିଳ ହୋଇଛି । ଟଙ୍କା ପାଇଁ ଅପହରଣ ସହ ଅପହୃତଙ୍କୁ ହିଁ ଅଭିଯୁକ୍ତ ସଜାଇବା ପାଇଁ ଯୋଜନା ହୋଇଥିବା ନେଇ ପୋଲିସ ତଦନ୍ତରେ ଅଭିଯୋଗ ସାମ୍ନାକୁ ଆସିଥିବା କୁହାଯାଉଛି । ପୋଲିସ ସୂଚନା ଅନୁସାରେ, ନରେନ୍ଦ୍ର ସାହୁଙ୍କୁ ଅପହରଣ ପାଇଁ ପୂର୍ବରୁ ଯୋଜନା ପ୍ରସ୍ତୁତ ହୋଇଥିଲା । ବଲାଙ୍ଗିରର ଏକ ହୋଟେଲରେ ଏହି ଯୋଜନା ହୋଇଥିବା ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି । ଜମି ଦେଖାଇବା ବାହାନାରେ ନରେନ୍ଦ୍ରଙ୍କୁ ଡାକିବା ପାଇଁ ଜଣେ ସ୍ଥାନୀୟ ବ୍ୟକ୍ତିଙ୍କୁ ମାଧ୍ୟମ କରାଯାଇଥିବା ଅଭିଯୋଗ ରହିଛି । ନରେନ୍ଦ୍ର ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା ପରେ ପୂର୍ବରୁ ଛକି ରହିଥିବା ଅଭିଯୁକ୍ତମାନେ ତାଙ୍କୁ ଅସ୍ତ୍ର ଦେଖାଇ କାର୍‌ରେ ନେଇଯାଇଥିବା ନେଇ ପୋଲିସ ତଦନ୍ତ କରୁଛି । ତେବେ ଅପହରଣ ପରେ ଆଉ ଏକ ଯୋଜନା କରାଯାଇଥିବା ଅଭିଯୋଗ ମାମଲାକୁ ନୂଆ ମୋଡ଼ ଦେଇଛି । ନରେନ୍ଦ୍ରଙ୍କୁ ହିଁ ଅପରାଧୀ ଭାବେ ଦର୍ଶାଇବା ପାଇଁ ଏକ ଭିଡିଓ ପ୍ରସ୍ତୁତ କରାଯାଇଥିବା ପୋଲିସ ଦାବି କରିଛି । ତାଙ୍କ ହାତରେ ପିସ୍ତଲ ଧରାଇ ଅନ୍ୟ ଜଣଙ୍କୁ ଅପହରଣ କରୁଥିବା ଭଳି ଦୃଶ୍ୟ ତିଆରି କରାଯାଇଥିବା ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି । ଏହାସହ ନରେନ୍ଦ୍ରଙ୍କ ବିରୋଧରେ ମାମଲା ରୁଜୁ କରି ତାଙ୍କୁ ଆଇନଗତ ଭାବେ ଫସାଇବାର ଯୋଜନା ଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି । ଖଣ୍ଡଗିରି ଥାନାରେ ଭିଡିଓ ଓ ଏଫଆଇଆର୍ ଦେଖାଇ ନରେନ୍ଦ୍ରଙ୍କୁ ଅଭିଯୁକ୍ତ ସଜାଇବାକୁ ଯୋଜନା ହୋଇଥିବା ପୋଲିସ ତଦନ୍ତରେ ସାମ୍ନାକୁ ଆସିଥିବା କୁହାଯାଉଛି । ମାମଲାରେ ମୁଖ୍ୟ ଅଭିଯୁକ୍ତ କ୍ଷିତିଶ ଚନ୍ଦ୍ର ସାହୁଙ୍କ ଭଉଣୀ ତଥା ଭୁବନେଶ୍ୱର ହେଡକ୍ୱାର୍ଟରରେ କାର୍ଯ୍ୟରତ ଏସଆଇ ସ୍ନେହମଞ୍ଜରୀ ସାହୁଙ୍କ ନାଁ ସାମ୍ନାକୁ ଆସିଛି । ତାଙ୍କୁ ବଲାଙ୍ଗିର ପୋଲିସ ସୁଦପଡ଼ା ନିକଟରୁ ଧରିଥିବା ଜଣାପଡ଼ିଛି । ଏହାସହ ଭୁବନେଶ୍ୱରର ଜଣେ କ୍ରାଇମ ରିପୋର୍ଟର ସଞ୍ଜୟ ଜେନାଙ୍କୁ ମଧ୍ୟ ପୋଲିସ ଗିରଫ କରିଛି ।

### ୪ ଗିରଫ, ଆଉ ୬ଙ୍କୁ ଖୋଜା ଜାରି

ବର୍ତ୍ତମାନ ସୁଦ୍ଧା ମାମଲାରେ ୪ ଜଣଙ୍କୁ ପୋଲିସ ଗିରଫ କରିଥିବାବେଳେ ଆଉ ୬ଜଣଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି । ଅପହରଣ ଯୋଜନାରେ କେଉଁମାନେ ସାମିଲ ଥିଲେ, କିଏ ଏହାର ଯୋଜନା ପ୍ରସ୍ତୁତ କରିଥିଲା ଏବଂ ଅପହରଣ ପରେ ନରେନ୍ଦ୍ରଙ୍କୁ କିପରି ଫସାଇବାର ଯୋଜନା ହୋଇଥିଲା, ସେନେଇ ତଦନ୍ତକାରୀ ଟିମ ଖୋଳତାଡ଼ ଜାରି ରଖିଛି । ଏହି ମାମଲାରେ କଥିତ 'ହନୁମାନ ପଇସା' ନେଣଦେଣକୁ ମଧ୍ୟ ଏକ ପ୍ରମୁଖ ଦିଗ ଭାବେ ତଦନ୍ତ କରାଯାଉଛି । ଏହାକୁ କେନ୍ଦ୍ର କରି ନରେନ୍ଦ୍ରଙ୍କୁ ଫସାଇବା ପାଇଁ ଯୋଜନା ହୋଇଥିବା ନେଇ ଅଭିଯୋଗ ରହିଛି । ତେବେ ଏହି ଅଭିଯୋଗ ଗୁଡ଼ିକର ସତ୍ୟତା ତଦନ୍ତ ଶେଷ ହେବା ପରେ ହିଁ ସ୍ପଷ୍ଟ ହେବ ।

ମାମଲାରେ ସବୁଠାରୁ ବଡ଼ ପ୍ରଶ୍ନ ଏବେ ଉଠୁଛି ଅପହରଣର ସମ୍ପୂର୍ଣ୍ଣ ଯୋଜନା କେଉଁଠି ତିଆରି ହୋଇଥିଲା। ଗିରଫ ଅଭିଯୁକ୍ତମାନଙ୍କୁ ପଚରାଉଚରା କରାଯାଇ ଅପହରଣ ପଛର ସମ୍ପୂର୍ଣ୍ଣ ନେଟୱର୍କ ଓ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରିବା ଦିଗରେ ତଦନ୍ତ ଆଗକୁ ବଢୁଛି । ତଦନ୍ତ ଯେତିକି ଆଗକୁ ବଢୁଛି, ମାମଲାରେ ସେତିକି ନୂଆ ତଥ୍ୟ ସାମ୍ନାକୁ ଆସୁଛି । ବିଶେଷକରି ଜଣେ ପୋଲିସ ଏସଆଇ ଓ ଜଣେ କ୍ରାଇମ ରିପୋର୍ଟରଙ୍କ ଗିରଫ ଘଟଣାକୁ ଆହୁରି ଚର୍ଚ୍ଚାରେ ରଖିଛି । ତେବେ ତଦନ୍ତ ଶେଷ ନହେବା ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଥିବା ସମସ୍ତ ଅଭିଯୋଗକୁ ପ୍ରମାଣିତ ବୋଲି ଧରାଯାଇ ପାରିବ ନାହିଁ । ପୋଲିସ ତଦନ୍ତ ଓ ଆଇନଗତ ପ୍ରକ୍ରିୟା ପରେ ହିଁ ଘଟଣାର ପୂରା ସତ୍ୟ ସାମ୍ନାକୁ ଆସିବ ।

## ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଶ୍ରାଦ୍ଧ ଦିବସ ପାଳିତ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ୍ ଫୁଲଝରଣ ସ୍ଥିତ ଡା. ଆଇଜାକ ସାନ୍ତ୍ରା ବାଳନିକେତନ ଠାରେ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ୩୧ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ପାର୍ବତୀ ଗିରି ମିଳିତ ଜୟନ୍ତୀ କମିଟି ପକ୍ଷରୁ ଆୟୋଜିତ ସ୍ମୃତି ସଭାରେ ବରିଷ୍ଠ ସାମ୍ବାଦିକ ସୁବାସ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାର୍ବତୀ ଗିରିଙ୍କ ତ୍ୟାଗ ଓ ସେବାମୟ ଜୀବନକୁ ସ୍ମରଣ କରିଥିଲେ । ସମ୍ମାନିତ ଅତିଥି ଭାବେ ରେଡକ୍ରସ ସମ୍ପାଦକ ରୋଜାଲିନ୍ ତିର୍କୀ, ସରକାରୀ ମହିଳା କଲେଜର ଅଧ୍ୟାପକ ଅଖିଳ ବିଶ୍ୱାଳ, ସମାଜସେବୀ ରିଙ୍କି ଭଇଁସାଲ ଓ ରଘୁବୀର ଭୋଇ ଯୋଗ ଦେଇ ପାର୍ବତୀ ଗିରିଙ୍କ ଦେଶସେବା, ସମାଜସେବା ଓ ତ୍ୟାଗର ଗାଥା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ବାଳ ନିକେତନ ପରିସରରେ ଥିବା ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ଅତିଥି ଓ ଉପସ୍ଥିତ ବ୍ୟକ୍ତିମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜୟନ୍ତୀ କମିଟିର ସମ୍ପାଦକ କୁଳଧର ପ୍ରଧାନଙ୍କ ସମେତ ବିଭିନ୍ନ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି, ସାମାଜିକ କର୍ମୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ, ପଶ୍ଚିମ ଓଡିଶାର ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ବହ୍ନିକନ୍ୟା ପାର୍ବତୀ ଗିରି ମାତ୍ର ୧୩ ବର୍ଷ ବୟସରୁ ଦେଶର ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ । ସେ ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରିବା ସହ ଜୀବନର ପରବର୍ତ୍ତୀ ସମୟରେ ମଧ୍ୟ ନିଜକୁ ଜନସେବାରେ ଉତ୍ସର୍ଗୀକୃତ କରିଥିଲେ ।

## ଜିଲ୍ଲା ହକି ଆସୋସିଏସନ ପଡିଆରେ ସ୍ୱାଧୀନତା ଦିବସ

ଝାରସୁଗୁଡା,(ସବ୍ୟୁ): ୮୦ତମ ସ୍ୱାଧୀନତା ଦିବସ ଝାରସୁଗୁଡ଼ା ହକି ଷ୍ଟାଡ଼ିୟମ ପରିସରରେ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଭାରତୀୟ ମହିଳା ହକି ଦଳର ପୂର୍ବତନ କ୍ୟାପଟେନ ଶୁଭଦ୍ରା ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ପୂର୍ବାହ୍ନ ୮ଟା ୩୦ ମିନିଟ ସମୟରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତୋଳନ କରି ଉପସ୍ଥିତ ଥିବା ବାଳକ ବାଳିକା କ୍ରୀଡ଼ାବିତ ମାନଙ୍କୁ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇଥିଲେ । ଦେଶର ପ୍ରତେକ କ୍ଷେତ୍ରରେ ଏହି ତ୍ରିରଙ୍ଗାର ସମ୍ମାନ ରଖିବା ସହିତ ସମ୍ବିଧାନର ମର୍ଯ୍ୟାଦା ରଖିବା । ପିଲାମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ନିଜ ରାଜ୍ୟର ପ୍ରତିନିଧିତ୍ୱ କରିବା ସହିତ ଭାରତୀୟ ଦଳରେ ସ୍ଥାନ ବଜାୟ ରଖି ବିଶ୍ୱ ସ୍ତରରେ ଆମର ଏହି ତ୍ରିରଙ୍ଗାର ମାନ ରଖିବା ଉଚିତ । କାର୍ଯ୍ୟକ୍ରମରେ ହକି ଓଡିଶାର ଉପସଭାପତି ଜୀବନ ମହାନ୍ତି,ଜିଲ୍ଲା ହକି ଆସୋସିଏସନର ସଭ୍ୟ ଜେଯାତି ଲାଟ,କ୍ଲେମେଣ୍ଟ ରୋନାଲ୍ଡ,ହକି କୋଚ ସକୁନ୍ଦ ନାଏକ,ପ୍ରଫୁଲ୍ଲ କୁଲୁ ଓ ଡ଼ିଫୋର ଟେଟେ ପ୍ରଭୃତି ଉପସ୍ଥିତ ଥିଲେ ।

## ୧୧ ଦଫା ଦାବିରେ ଭାରତୀୟ ମଜଦୂର ସଂଘର ବିକ୍ଷୋଭ




ରାୟଗଡ଼ା, (ସବ୍ୟୁ): ଦୀର୍ଘଦିନର ଦାବି ପୂରଣ ହେଉନଥିବା ପ୍ରତିବାଦରେ ଭାରତୀୟ ମଜଦୂର ସଂଘ ପକ୍ଷରୁ ସୋମବାର ସାରା ଦେଶରେ ପ୍ରତିବାଦ ଦିବସ ପାଳିତ ହୋଇଛି । ଏହି ଅବସରରେ ରାୟଗଡ଼ା ଜିଲ୍ଲା ଶାଖା ପକ୍ଷରୁ ଗାନ୍ଧୀ ପାର୍କରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ସଂଘର କର୍ମକର୍ତ୍ତାମାନେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଶ୍ରମିକ ନେତା ତଥା ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ଜିଲ୍ଲା ସଭାପତି ମୋହନ ରାଓ ମାଝୀ ଓ ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ପରେ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶ୍ରମମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ଦାବି ସମ୍ବଳିତ ପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ଦାବିଗୁଡ଼ିକ ମଧ୍ୟରେ ଇଏସଆଇସି ଦରମା ସୀମା ୨୧ ହଜାରରୁ ୪୨ ହଜାର ଟଙ୍କା, ଇପିଏଫ ନ୍ୟୁନତମ ପେନ୍ସନ ୧ ହଜାରରୁ ୭,୫୦୦ ଟଙ୍କା ଏବଂ ଇପିଏଫ ଦରମା ସୀମା ୩୦ ହଜାର ଟଙ୍କାକୁ ବୃଦ୍ଧି, ବୋନସ ସୀମା ବୃଦ୍ଧି, ଅଙ୍ଗନୱାଡ଼ି ଓ ଆଶା କର୍ମୀଙ୍କ ମାନଦଣ୍ଡ ବୃଦ୍ଧି, ଚୁକ୍ତିଭିତ୍ତିକ ଶ୍ରମିକଙ୍କୁ ସମାନ କାମକୁ ସମାନ ଦରମା, ଶ୍ରମିକ ବିରୋଧୀ ଧାରା ବିଲୋପ, ବ୍ୟାଙ୍କ କର୍ମଚାରୀଙ୍କ ପାଇଁ ୫ ଦିନିଆ କାର୍ଯ୍ୟ ସପ୍ତାହ, ଗ୍ରାଚୁଇଟି ସୀମା ୪୦ ଲକ୍ଷ ଟଙ୍କା, ଜାତୀୟ ନ୍ୟୁନତମ ଦରମା ମାସିକ ୩୦ ହଜାର ଟଙ୍କା ଏବଂ ଏଲଆଇସିର ଡେଭଲପମେଣ୍ଟ ଅଫିସରଙ୍କୁ ପୂର୍ଣ୍ଣ ଚାକିରି ସୁରକ୍ଷା ଆଦି ରହିଛି। କାର୍ଯ୍ୟକ୍ରମରେ ଜୟନ୍ତୀ ପଦ୍ମାଳୟା ସାହୁ, ଉଷାରାଣୀ ଦାଶ ଓ ସୁନ୍ଦର ରାଓ କାଡ୍ରାକା ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ପକ୍ଷରୁ ଜିଲ୍ଲାର ୬ ହଜାରରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଓ ଶ୍ରମିକ ଯୋଗ ଦେଇଥିବା କୁହାଯାଇଛି ।

## ପାଟଣେଶ୍ୱରୀ ମନ୍ଦିର ଗମ୍ଭାର ଘର ମରାମତି କେବେ !

ବଲାଙ୍ଗିର,(ସବ୍ୟୁ): ପାଟଣା ରାଜ୍ୟର ଇଷ୍ଟ ଦେବୀ ମାଁ ପାଟଣେଶ୍ୱରୀ ଦେବୀଙ୍କ ମନ୍ଦିର ଦୀର୍ଘ ଦିନ ଗମ୍ଭିରାଘର ମରାମତି ନେଇ ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ଦେବୋତ୍ତର ବିଭାଗ ଜିଲ୍ଲାପ୍ରଶାସନ ବିଭିନ୍ନ ବୈଠକ କରି ମଧ୍ୟ ସମାଧାନର ରାସ୍ତା ଫିଟିନି । ଆଉ କିଛି ଦିନ ଗଲେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ । ଗଡର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ଦେବୀଙ୍କ ପରଭା ଭଗ୍ନ ଅବସ୍ଥାରେ ଥିବାରୁ ଏ ନେଇ ଏଣ୍ଡୋମେଣ୍ଟ କମିଶନର ଗତ ୧୫ ଦିନ ତଳେ ରିପୋର୍ଟ ପ୍ରଦାନ କରିଛନ୍ତି । ଆଉ କିଛି ଦିନ ପରେ ନୁଆଖାଇ ପାଇଁ ମନ୍ଦିରମାନଙ୍କ ପାଇଁ ସଜାସଜି ହେଉଥିବା ବେଳେ ନୁଆ ଧାନ ଓ ବିଭିନ୍ନ ସାମଗ୍ରୀ ମାଁ ଙ୍କୁ ଅର୍ପଣ କରାଯାଏ । ମନ୍ଦିରର ଭଗ୍ନ ହୋଇଥିବା ପରଭା ମରାମତି ନ ହୋଇଥିବାରୁ ମାଁ ଙ୍କ ନୀତିନିଖଣ୍ଟ ବାଧା ସାଜୁଛି । ଏ ନେଇ ଗତ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ପୂର୍ତ୍ତ ବିଭାଗକୁ ପତ୍ର ସଂଖ୍ୟା ୧୨୪୬ / ୨୦୨୬ ପୂର୍ତ୍ତ ବିଭାଗ ପାଇଁ ଡିପିଆର ପ୍ରସ୍ତୁତି ପାଇଁ ଏକ ପତ୍ର ଲେଖିଥିଲେ । ଏ ଯାଏଁ ପର୍ତ୍ତ ବିଭାଗ ର କୌଣସି କର୍ମକର୍ତ୍ତା ଆସିଲେଣି । ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ଏ ନେଇ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ମାଁ ପାଟଣେଶ୍ୱର ମନ୍ଦିର ଗମ୍ଭିରା ଘର ମରାମତି ନିମନ୍ତେ ପତ୍ର ସଂଖ୍ୟା ୨୬୨/୦୯.୦୭.୨୦୨୬ ରେ କମିଟି ଦାବି ପ୍ରଦାନ କରାଯାଇଥିଲା । ଏ ନେଇ କିଛି କାର୍ଯ୍ୟକାରୀ ନ ହେବାରୁ ଆଗକୁ ନୁଆଁଖାଇ ଓ ଦଶହରା ପର୍ବ ଗଡର ଇଷ୍ଟଦେବୀ ବିପଦମୁଖରେ । ଏ ନେଇ ପୂର୍ବତନ ରାଜ୍ୟସଭା ସାଂସଦ ଅନଙ୍ଗ ଉଦୟ ସିଂଦେଓ ମନ୍ଦିର ପରିଦର୍ଶନ କରିଥିଲେ ଓ କମିଟି ସହ ବିଭିନ୍ନ ବିଷୟ ଆଲୋଚନା କରି ତୁରନ୍ତ କିଭଳି ମରାମତି ହେବ ଓ କାର୍ଯ୍ୟକାରି ହେବ ବୋଲି ସେ କମିଟି ସହ ଆଲୋଚନା କରିଥିଲେ । ବଲାଙ୍ଗିର ବିଧାୟକଙ୍କ ସହ ଆଲୋଚନା କରି ତୁରନ୍ତ କିଭଳି ମନ୍ଦିର କିଭଳି କାର୍ଯ୍ୟ ହେବ ବୋଲି ସେ କହିଛନ୍ତି । ଦେବାଳୟର ଐତିହ୍ୟ ସୁରକ୍ଷା କମିଟିର ସଂପାଦକ ପ୍ରଶାନ୍ତ ମହାକୁର, କୋଷାଧ୍ୟକ୍ଷ ଭବାନି ଶଙ୍କର ଭୋଇ, ମନ୍ଦିର ପୂଜକ ମଳୟ ଦିଶ୍ରୀ, ବୁଲୁ ବେହେରା ସମେତ କମିଟି ର ଉପସ୍ଥିତ ଥିଲେ ।

## ପ୍ରେମିକାର ସନ୍ଦେହଜନକ ମୃତ୍ୟୁ, ପ୍ରେମିକ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି । ପ୍ରେମ ସମ୍ପର୍କକୁ ନେଇ ହତ୍ୟା ହୋଇଥିବା ଅଭିଯୋଗ ପରେ ଅଭିଯୁକ୍ତ ପ୍ରେମିକକୁ ପୋଲିସ ଗିରଫ କରିଛି । ଏନେଇ ୧୨୪/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟ, ଗୋବିନ୍ଦପୁର ଥାନା ଅନ୍ତର୍ଗତ ବୁଣ୍ଡୁକାମାଲ ଗ୍ରାମର ଅନୁଜ ଲୁଗୁନ (୩୪)ଙ୍କ ସହ ଡେଉରିପଡାର ସୁଜାତା ଭେଙ୍ଗ୍ରା(୨୮)ଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ଏଥିଯୋଗୁଁ ଉଭୟେ ପରସ୍ପର ଘରକୁ ଯାଆସ କରୁଥିଲେ । ଗତ ୧୫ତାରିଖ ସନ୍ଧ୍ୟା ୭ଟାରେ ପ୍ରେମିକ ଅନୁଜ ତାଙ୍କ ଘରକୁ ସୁଜାତାକୁ ଡାକିଥିଲା। ଏହାର ଦିନକ ପରେ ଅର୍ଥାତ୍ ୧୬ତାରିଖରେ ସୁଜାତା ଆତ୍ମହତ୍ୟା କରିଥିବା ତାଙ୍କ ଘର ଲୋକଙ୍କୁ ଜଣାଇଥିଲା । ଖବର ପାଇ ମୃତକଙ୍କ ମାଆ ଲିଲିମା ଭେଙ୍ଗ୍ରା ଘଟଣାସ୍ଥଳରେ ପହଞ୍ଚିଥିଲେ । ତାଙ୍କ ଝିଅର ମୁହଁ ଓ ବେକରେ ଅନେକ ଦାଗ ଚିହ୍ନ ଦେଖିବାକୁ ପାଇଥିଲେ । ପରେ ତାଙ୍କ ଝିଅକୁ ଅଭିଯୁକ୍ତ ପ୍ରେମିକ ଅନୁଜ ହତ୍ୟା କରିଥିବା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଗୋବିନ୍ଦପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନ୍ୟାନ୍ୟ ତଥ୍ୟ ଓ ପ୍ରମାଣ ସଂଗ୍ରହ କରିଥିଲା । ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଅନୁଜଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଅନ୍ୟପଟେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ତେବେ ମୃତ୍ୟୁ ପଛର ପ୍ରକୃତ କାରଣ କଣ, ଏହା ହତ୍ୟା ନା ଆତ୍ମହତ୍ୟା ସେ ନେଇ ଅଧିକ ତଦନ୍ତ ଜାରି ରହିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

### ଘଟଣାକୁ ଚପାଇ ଦେବାକୁ ପୋଲିସର ଚାପ
## ନ୍ୟାୟ ଅପେକ୍ଷାରେ ସୁମନ୍ତ

ସମ୍ବଲପୁର,(ସବ୍ୟୁ): ଏକ ମରଣାନ୍ତକ ଘଟଣାକୁ ଚପାଇ ଦେବାକୁ ଯୁଯୋମୁରା ଥାନା ପୋଲିସ ଅଭିଯୋଗକାରୀଙ୍କ ଉପରେ ଚାପ ପ୍ରୟୋଗ କରୁଥିବା ଅଭିଯୋଗ ହୋଇଛି । ଏନେଇ ଅଭିଯୋଗକାରୀ ସୁମନ୍ତ ମିର୍ଦ୍ଧା ସୋମବାର ଅତିରିକ୍ତ ଏସ୍‌ପିଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି । ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅନ୍ତର୍ଗତ ଟାମ୍ପରସିଂହା ଗ୍ରାମ ଟପୋପଡାରେ ଗତ ୨୯ତାରିଖ ଅପରାହ୍ନ ୫ଟାରେ ଏକ ମୃତାହ କାମକୁ ସେ ଯାଉଥିବା ବେଳେ କିଛି ଯୁବକ ତାଙ୍କ ସମ୍ପର୍କୀୟ ସହ ଝଗଡା କରିଥିଲେ। ଏହି ସମୟରେ ସେ ଉଭୟ ପକ୍ଷକୁ ଝଗଡାରୁ ବିରତ ରହିବାକୁ ବୁଝାଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଗ୍ରାମର ସଞ୍ଜିତ୍ ମିର୍ଦ୍ଧା, ସୁମନ୍ତ ମିର୍ଦ୍ଧା ଓ ଦୁଷ୍ମନ୍ତ ମିର୍ଦ୍ଧା ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତେବେ କୌଣସି ମତେ ସେ ଜୀବନ ବଞ୍ଚାଇ ଘଟଣା ସମ୍ପର୍କରେ ଥାନାରେ ଜଣାଇ ବୁର୍ଲା ଭିମସାରରେ ଗୁରୁତର ଅବସ୍ଥାରେ ଭର୍ତ୍ତି ହୋଇଥିଲେ। ତେବେ ସେ ସାମାନ୍ୟ ଭାବେ ସୁସ୍ଥ ହେବା ପରେ ଗତ ୮ଅଗଷ୍ଟ, ୨୦୨୬ରେ ମେଡିକାଲରୁ ବାହାରି ଯୁଯୋମୁରା ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଥାନା ଅଧିକାରୀ ସମସ୍ତ ଅଭିଯୁକ୍ତଙ୍କୁ ଡକାଇ ସମାଧାନ କରିବାକୁ ତାଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ଏଥିସହ ଅଭିଯୁକ୍ତଙ୍କୁ ଗିରଫ କରିବା ପରିବର୍ତ୍ତେ ଛାଡି ଦେଇଥିଲେ। ଫଳରେ ସେମାନେ ଜୀବନରେ ମାରି ଦେବାକୁ ଧମକ ଦେଉଥିବା ବେଳେ ଅଭିଯୋଗକାରୀ ସୁମନ୍ତ ମିର୍ଦ୍ଧା ଭୟରେ ନିଜ ପରିବାର ସହ ଅନ୍ୟତ୍ର ରହୁଛନ୍ତି। ଏଭଳିସ୍ଥଳେ ସେ ଉପରିସ୍ଥ ପୋଲିସ ଅଧିକାରୀଙ୍କୁ ନ୍ୟାୟ ଭିକ୍ଷା କରିଛନ୍ତି। ଏ ସମ୍ପର୍କରେ ଯୁଯୋମୁରା ଥାନା ଅଧିକାରୀ ଅନିମା ଏକ୍କାଙ୍କୁ ପଚାରିବାରୁ ଅଭିଯୋଗ ପରେ ଏକ ମାମଲା ରୁଜୁ ହେବା ସହ ଘଟଣାର ତଦନ୍ତ ଚାଲୁ ରହିଛି।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ, ଅଭିଯୁକ୍ତ ଗିରଫ

ସମ୍ବଲପୁର,(ସବ୍ୟୁ): ସଂଘବଦ୍ଧ ଆକ୍ରମଣ ଘଟଣାରେ ବୁର୍ଲା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ବୁର୍ଲା ପିଡବ୍ଲୁଡି କଲୋନୀର ସୁଶୀଳ ନାୟକ(୨୨) । ତାଙ୍କ ନିକଟରୁ ଏକ ଛୁରୀ ଜବତ ହୋଇଛି । ସୂଚନାଯୋଗ୍ୟ, ବୁର୍ଲା ଅଟାଚକି ପଡାର ରୋନିତ୍ ନାଏକ ଗତ ୧୬ତାରିଖ ଅପରାହ୍ନ ୨ଟା୪୫ରେ ହାଇସ୍କୁଲ ପଡିଆ ବଜାରକୁ ଯାଉଥିଲେ । ଏହି ସମୟରେ ଅରବିନ୍ଦ ସ୍କୁଲ ନିକଟରେ ଅଭିଯୁକ୍ତ ସୁଶୀଳ ଓ ସହଯୋଗୀ ମାନେ ତାଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏଥିସହ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡ ଓ ଛାତିକୁ ଆକ୍ରମଣ କରିଥିଲେ । ପ୍ରବଳ ରକ୍ତସ୍ରାବ ଯୋଗୁଁ ରୋନିତ୍ ଅଚେତ ହୋଇ ପଡିଥିଲେ। ତେବେ ସ୍ଥାନୀୟ ଲୋକଙ୍କୁ ଦେଖି ଅଭିଯୁକ୍ତ ମାନେ ସେଠାରୁ ଫେରାର ହୋଇଥିଲେ । ଅଭିଯୋଗ ପରେ ବୁର୍ଲା ଥାନା ପୋଲିସ ୩୫୩/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ପୂର୍ବ ଶତ୍ରୁତା କାରଣରୁ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ଜଣାପଡିଛି ।

## ଜିଲ୍ଲା ପାଇଁ ଗର୍ବ : ରାଷ୍ଟ୍ରପତି ଭବନରେ ଝାରସୁଗୁଡ଼ାର ଝିଅ ଭେଷମତୀ

ଝାରସୁଗୁଡ଼ା,(ସବ୍ୟୁ) : ଦକ୍ଷତା ବିକାଶକୁ ଆଧାର କରି ସଫଳତାର ଶିଖର ଛୁଇଁଥିବା ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ତିଲେଇମାଲ ଗ୍ରାମର ଭେଷମତୀ ନାଏକଙ୍କ ସଫଳତା ଏବେ ସମଗ୍ର ଜିଲ୍ଲା ପାଇଁ ଗର୍ବର ବିଷୟ ପାଲଟିଛି । ଡିଡିୟୁ-ଜିକେୱାଇ ଅଧୀନରେ ପ୍ରଶିକ୍ଷଣ ନେଇ ସଫଳ କର୍ମଜୀବନ ଗଢ଼ିଥିବା ଭେଷମତୀଙ୍କୁ ସ୍ୱାଧୀନତା ଦିବସ ଅବସରରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ କଲଚରାଲ ସେଣ୍ଟରରେ ଆୟୋଜିତ ପ୍ରତିଷ୍ଠିତ 'ଆଟ-ହୋମ' ରିସେପସନରେ ଯୋଗଦେବା ପାଇଁ ଆମନ୍ତ୍ରଣ ମିଳିଛି ।

ଭେଷମତୀ ୨୦୧୬ ମସିହାରେ ଓରମାସ ମାଧ୍ୟମରେ ଡିଡିୟୁ-ଜିକେୱାଇ ଯୋଜନା ଅଧୀନରେ ହସ୍ପିଟାଲିଟି କ୍ଷେତ୍ରରେ ପ୍ରଶିକ୍ଷଣ ନେଇଥିଲେ। ଭୁବନେଶ୍ୱରସ୍ଥିତ ପିଆଇଏ ମଲ୍ଟି କେୟାର ସର୍ଭିସେସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ମାଧ୍ୟମରେ ତାଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ପାରିବାରିକ ଓ ଆର୍ଥିକ ପରିସ୍ଥିତି ଯୋଗୁଁ ଉଚ୍ଚଶିକ୍ଷା ଜାରି ରଖିପାରିନଥିବା ଭେଷମତୀ ଦକ୍ଷତା ବିକାଶକୁ ନିଜ ଜୀବନର ନୂଆ ଦିଗ ଭାବେ ବାଛି ନେଇଥିଲେ । ପ୍ରଶିକ୍ଷଣ ପରେ ସେ ତାମିଲନାଡୁର ଉଟିରେ ମାସିକ ୬ ହଜାର ଟଙ୍କା ଦରମାରେ ନିଜର କର୍ମଜୀବନ ଆରମ୍ଭ କରିଥିଲେ । ନିଷ୍ଠା, ପରିଶ୍ରମ ଓ ଅଭିଜ୍ଞତା ବଳରେ ପ୍ରାୟ ଏକ ଦଶନ୍ଧି ଧରି ଆଗକୁ ବଢ଼ିବା ପରେ ବର୍ତ୍ତମାନ ସେ ସମ୍ବଲପୁରସ୍ଥିତ ଆଇଆଇଏମରେ କାର୍ଯ୍ୟରତ ଅଛନ୍ତି । ଏବେ ତାଙ୍କର ମାସିକ ଆୟ ପ୍ରାୟ ୩୫ ହଜାର ଟଙ୍କା । ନିଜ ଆୟରେ ପରିବାରକୁ ସହଯୋଗ କରିବା ସହ ଆର୍ଥିକ ସ୍ୱାବଲମ୍ବନ ହାସଲ କରିଛନ୍ତି ଭେଷମତୀ ।

ଏହି ସଫଳତା କେବଳ ଭେଷମତୀଙ୍କ ବ୍ୟକ୍ତିଗତ ଉପଲବ୍ଧି ନୁହେଁ, ବରଂ ଗ୍ରାମୀଣ ଯୁବକ-ଯୁବତୀଙ୍କ ପାଇଁ ଦକ୍ଷତା ବିକାଶ କିପରି ନିଯୁକ୍ତି ଓ ସ୍ୱାବଲମ୍ବନର ଦ୍ୱାର ଖୋଲିପାରେ, ତାହାର ଏକ ଉଜ୍ଜ୍ୱଳ ଉଦାହରଣ। ଓଡ଼ିଶା ସରକାରଙ୍କ ସହଯୋଗରେ ଓରମାସ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ଡିଡିୟୁ-ଜିକେୱାଇ ଯୋଜନାର ସଫଳତାର ଏକ ପ୍ରେରଣାଦାୟୀ ଚିତ୍ର ଭାବେ ଭେଷମତୀଙ୍କ ଯାତ୍ରାକୁ ଦେଖାଯାଉଛି ।

ରାଷ୍ଟ୍ରପତି ଭବନର 'ଆଟ-ହୋମ' ରିସେପସନ୍କୁ ନିମନ୍ତ୍ରଣ ପାଇବା ପରେ ଅଗଷ୍ଟ ୧୪ ତାରିଖରେ ଭେଷମତୀ ନାଏକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ଭେଟିଥିଲେ । ଜିଲ୍ଲାପାଳ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ଅବସରରେ ଓରମାସର ଡେପୁଟୀ ସିଇଓ ଯୁବରାଜ ସାହୁ ମଧ୍ୟ ଉପସ୍ଥିତ ଥିଲେ । ଗ୍ରାମର ଜଣେ ସାଧାରଣ ଯୁବତୀ ଭାବେ ଆରମ୍ଭ କରି ଦକ୍ଷତା ବିକାଶ, ନିଯୁକ୍ତି ଓ ନିରନ୍ତର ପରିଶ୍ରମ ମାଧ୍ୟମରେ ଆଜି ରାଷ୍ଟ୍ରପତି ଭବନର ଆମନ୍ତ୍ରିତ ଅତିଥି ହେବା ଭେଷମତୀଙ୍କ ସଫଳତାର ଏକ ଅନନ୍ୟ ଅଧ୍ୟାୟ । ତାଙ୍କର ଏହି ସଫଳତା ଝାରସୁଗୁଡ଼ା ସମେତ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଛି ।

## ଅଞ୍ଚଳ ମହାବିଦ୍ୟାଳୟରେ 'ପ୍ରବେଶ ଉତ୍ସବ'



ପଦ୍ମପୁର,(ସବ୍ୟୁ): ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଯୁକ୍ତ ତିନି ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ 'ପ୍ରବେଶ ଉତ୍ସବ' ସମ୍ପନ୍ନ ହୋଇଯାଇଛି । ଅଧକ୍ଷ ଡ. ଦିଗମ୍ବର ଚାନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଶିକ୍ଷା ସହ ସଂସ୍କାର ଓ ସ୍ୱପ୍ନ ସାକାର କରିବାର ପ୍ରେରଣାଦାୟୀ ବାର୍ତ୍ତା ଦିଆଯାଇଥିଲା । ମଞ୍ଚରେ ଯୁକ୍ତ ଦୁଇ ପ୍ରଭାରୀ ପ୍ରଭାତ କୁମାର ମହାପାତ୍ର, ଶୈକ୍ଷିକ ମୁଖ୍ୟ ଡ. ସରୋଜ କୁମାର ନାଏକ, ନାମଲେଖା ଅଧିକାରୀ ଷଡ଼ାନନ ଭୋଇ, ପ୍ରାଧାପିକା କଳ୍ପନା ପାଢ଼ୀ ଏବଂ ପ୍ରାଧାପକ ଶ୍ରୀକାନ୍ତ ସାହୁ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ସହ ଉତ୍ସାହିତ କରିଥିଲେ । ଏଥିସହ ଏନ.ସି.ସି. ଅଧିକାରୀ କ୍ୟାପ୍ଟେନ ଜୟକୁମାର ଭୁଏ, ଖେଳ ଶିକ୍ଷକ ସଦାନନ୍ଦ ସାହୁଙ୍କ ସମେତ ସମସ୍ତ ବିଭାଗର ବିଭାଗ ମୁଖ୍ୟ ଓ ଶତାଧିକ ଛାତ୍ରଛାତ୍ରୀଙ୍କ ଆତ୍ମୀୟତାପୂର୍ଣ୍ଣ ଉପସ୍ଥିତି କାର୍ଯ୍ୟକ୍ରମକୁ ଚିରସ୍ମରଣୀୟ କରିଦେଇଥିଲା ।

# ସମ୍ପାଦକୀୟ

## ସଂଗ୍ରାମ ସରିନାହିଁ...

ସ୍ୱାଧୀନତାର ଅଣାଅଶୀ ବର୍ଷ ଅତିକ୍ରମ କରି ଅଶୀ ବର୍ଷରେ ଆମେମାନେ ପାଦ ପକାଇବା ପରେ ମଧ୍ୟ ଆମେମାନେ ଯେପରି ନିଜକୁ ପରାଧୀନ ମନେ କରୁଛୁଁ । ଏ ଦେଶକୁ ମୁକ୍ତ କରିବାକୁ ସଂଗ୍ରାମ ଯେପରି ସରିନାହିଁ । ଅରି ଅର୍ଥାତ୍ ତତ୍କାଳୀନ ଇଂରେଜ ଶାସକ ହୁଏତ ଭାରତରୁ ଚାଲି ଯାଇଛନ୍ତି, ମାତ୍ର ନିଜର ଶାସକ ଅରି ରୂପରେ ଆମମାନଙ୍କୁ ସତେ ଯେପରି ଇଂରେଜମାନଙ୍କ ପରି ଶାସନ କରି ଚାଲିଛନ୍ତି । ସେଥିପାଇଁ ତ ଶିକ୍ଷା ବା ସ୍ୱାସ୍ଥ୍ୟ କ୍ଷେତ୍ରରେ ଏବେ ବି ଆମେ ପରାଧୀନତା ଶୃଙ୍ଖଳରେ ବାନ୍ଧି ହୋଇ ରହି ଯାଇଛୁଁ ।

ଗତ ଦୁଇ ବର୍ଷ ତଳେ 'ହର ଘର ତ୍ରିରଙ୍ଗା' (ପ୍ରତ୍ୟେକ ଘରେ ତ୍ରିରଙ୍ଗା) ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଜେପି ପକ୍ଷରୁ ଯେଉଁ ନିବେଦନ କରି ଆହ୍ୱାନ ଦେଇଥିଲେ, ତାହାକୁ ଭାରତୀୟମାନେ ଆନନ୍ଦ ମନରେ ଗ୍ରହଣ କରିଥିଲେ । ଘରେ ଘରେ ଜାତୀୟ ପତାକା ଶୋଭା ପାଇଥିଲା । ମାତ୍ର ଦୁଇ ବର୍ଷ ମାସ କେତେଟା ପରେ ସେ ଆନନ୍ଦ ଓ ଆବେଗ ସତେ ଯେପରି ଫିକା ପଡ଼ି ଯାଇଛି । ରୋଗରୁ ଆମେମାନେ ପ୍ରାୟ ମୁକ୍ତି ପାଇ ପାରି ନାହୁଁ । ଦେଶର ଆର୍ଥିକ ଅବସ୍ଥା ଭଲ ଆଡକୁ ଗତି କରୁଥିଲେ ମଧ୍ୟ ଅନେକ ସାଧାରଣ ଲୋକେ ଉପଯୁକ୍ତ ଚିକିତ୍ସା ଅଭାବରୁ ଅକାଳରେ ପ୍ରାଣ ହରାଇଛନ୍ତି, ଆଉ ଅନେକ ରୋଗରେ ପଡ଼ି ଶଯ୍ୟାଶାୟୀ । ରାସ୍ତା ଦୁର୍ଘଟଣା ମଧ୍ୟ ପ୍ରାୟ ଦିନକୁ ଦିନ ବଢ଼ିବାକୁ ଲାଗିଛି । ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦରଦାମ ବଢୁଛି ପଛକେ ସହଜରେ ହ୍ରାସ ପାଇ ପାରୁ ନାହିଁ ।

ଗତ ୨୦୧୬ରେ କଂଗ୍ରେସ ସରକାରର ଅବସାନ ଘଟାଇ ଯେତେବେଳେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ଓ ତାହାର ସହଯୋଗୀ ଦଳ, ଜାତୀୟ ଗଣତାନ୍ତ୍ରିକ ମେଣ୍ଟରେ ସାମିଲ ହୋଇ କ୍ଷମତାସୀନ ହେଲେ, ସେତେବେଳେ ସମୁଦାୟ ଦେଶରେ ଏକ ବିରାଟ ପରିବର୍ତ୍ତନ ହେବ ବୋଲି ଭାରତୀୟମାନେ ଆଶା କରିଥିଲେ । ତାହା ହିଁ ହେଲା । ଯାହା ଜଣାଯାଉଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ଦେଶକୁ ନୂତନ ଦିଗ୍‌ଦର୍ଶନ ଦେଇ ପାରିବେ । ସାଧାରଣ ଲୋକଙ୍କ ଦୁଃଖକୁ ଲାଘବ କରି ପାରିବେ । ତାଙ୍କର ଦୀର୍ଘ ବାର ବର୍ଷର ଶାସନ କାଳ ମଧ୍ୟରୁ ତାହା ହିଁ ପ୍ରମାଣିତ ହୋଇ ପାରିଛି । ଗତ ଅଗଷ୍ଟ ୧୫ରେ ନୂଆ ଦିଲ୍ଲୀର ଲାଲକିଲାଠାରେ ୮୦ ତମ ସ୍ୱାଧୀନତା ଦିବସରେ ସେ ଏ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଉଲ୍ଲେଖ କରିଥିଲେ । ଦେଶର ସ୍ୱାଧୀନତା ପାଇଁ ଚରମ ତ୍ୟାଗ ସ୍ୱୀକାର କରି ଯେଉଁମାନେ ବଳିଦାନ ଦେଇଥିଲେ ବା ଦେଶ ପାଇଁ କିଛି କରିଥିଲେ, ସେମାନଙ୍କୁ ସେ ସ୍ମରଣ କରିଥିଲେ । ସ୍ମରଣ କରିବା ମଧ୍ୟ ସ୍ୱାଭାବିକ । ମାତ୍ର ସେହି ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଭାରତ ସରକାର ବା ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ଚିହ୍ନଟ କରି ପାରିଲେ ନାହିଁ । ସ୍ୱାଧୀନତା ପ୍ରାପ୍ତିର ଏତେ ବର୍ଷ ପରେ ସେମାନେ ସିନା ଆମ ଗହଣରେ ନାହାନ୍ତି, କିନ୍ତୁ ସେମାନଙ୍କ ସ୍ମୃତି ରକ୍ଷା ପାଇଁ ସେମାନଙ୍କ ଅଞ୍ଚଳରେ ବିଶେଷ କିଛି କରାଯାଇ ପାରିଲା ନାହିଁ କିମ୍ବା ସେମାନଙ୍କ ପରିବାରବର୍ଗଙ୍କୁ ସରକାରୀ ବା ବେସରକାରୀ ସଂଗଠନଗୁଡ଼ିକ ପଚାରିଲେ ମଧ୍ୟ ନାହିଁ । ଗାନ୍ଧିଜୀ ଓ ନେତାଜୀଙ୍କ ପରିବାରବର୍ଗଙ୍କ ପ୍ରତି କେନ୍ଦ୍ର ବା ରାଜ୍ୟ ସରକାରଙ୍କର କେତେ ବା ଦରଦ ଅଛି ?

**୨୦୪୭ରେ ବିକାଶଶୀଳ ଭାରତକୁ ବିକଶିତ ଭାରତରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ପଣ ହିଁ ଆମମାନଙ୍କୁ ପ୍ରେରଣା ଦେଇଛି । ସେହିପରି ୨୦୩୬ରେ ଯେତେବେଳେ ଓଡ଼ିଶା ତାହାର ଶତବାର୍ଷିକ ପାଳନ କରିବାକୁ ତତ୍ପର, ସେତେବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ରାଜ୍ୟର ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରବର୍ଗଙ୍କୁ ଚିହ୍ନଟ କରିବା ଲାଗି ଏକ ନୂତନ ପଦକ୍ଷେପ ନିଅନ୍ତୁ । ରାଜ୍ୟର ସ୍ୱାଧୀନତା ସଂଗ୍ରାମୀ ଓ କଳାକାରମାନଙ୍କୁ ଚିହ୍ନଟ କରି ସେମାନଙ୍କ ପରିବାରବର୍ଗଙ୍କୁ ସମ୍ମାନିତ କରିବାକୁ ଅର୍ଥ ଏବଂ ସଂସ୍କୃତି ବିଭାଗକୁ ଆମର ବିନମ୍ର ନିବେଦନ ।**

ସେ ଯାହା ହେଉ, ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କ ରଚିତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପାଳନ ସମୟରେ ଲାଲକିଲାରେ ତାହା ଗାନ କରାଯାଇ ଉଭୟ କବି ଓ ତାଙ୍କର ଜାତୀୟ ଗୀତଟିକୁ ଉପଯୁକ୍ତ ସମ୍ମାନ ଦିଆଯାଇଛି । ବଙ୍କିମଚନ୍ଦ୍ରଙ୍କ ପରିବାରରୁ କେତେଜଣଙ୍କୁ ସ୍ୱାଧୀନତା ଦିବସରେ ସମ୍ମାନିତ କରାଗଲା କି ନାହିଁ, ଏ ଲେଖକକୁ ଜଣା ନାହିଁ ।

୨୦୪୭ରେ ବିକାଶଶୀଳ ଭାରତକୁ ବିକଶିତ ଭାରତରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ପଣ ହିଁ ଆମମାନଙ୍କୁ ପ୍ରେରଣା ଦେଇଛି । ସେହିପରି ୨୦୩୬ରେ ଯେତେବେଳେ ଓଡ଼ିଶା ତାହାର ଶତବାର୍ଷିକ ପାଳନ କରିବାକୁ ତତ୍ପର, ସେତେବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ରାଜ୍ୟର ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରବର୍ଗଙ୍କୁ ଚିହ୍ନଟ କରିବା ଲାଗି ଏକ ନୂତନ ପଦକ୍ଷେପ ନିଅନ୍ତୁ । ରାଜ୍ୟର ସ୍ୱାଧୀନତା ସଂଗ୍ରାମୀ ଓ କଳାକାରମାନଙ୍କୁ ଚିହ୍ନଟ କରି ସେମାନଙ୍କ ପରିବାରବର୍ଗଙ୍କୁ ସମ୍ମାନିତ କରିବାକୁ ଅର୍ଥ ଏବଂ ସଂସ୍କୃତି ବିଭାଗକୁ ଆମର ବିନମ୍ର ନିବେଦନ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ନିଟ୍ ଏବେ ୟୁଜିସି-ନେଟ୍ ପରୀକ୍ଷାରେ, ପୁନଶ୍ଚ ବିଭ୍ରାଟ କାହିଁକି ?



ଅଭୟ ଦ୍ୱିବେଦୀ

'କମିଟି ଜାଣିବାକୁ ପାଇଥିଲା ଯେ ଇଂରାଜୀ, ବାଣିଜ୍ୟ ଓ ସମାଜବିଜ୍ଞାନ ଏହି ତିନୋଟି ପ୍ରଶ୍ନପତ୍ରରେ ବହୁସଂଖ୍ୟକ ତଥ୍ୟଗତ, ମୁଦ୍ରଣଗତ ଓ ଅନୁବାଦଗତ ତ୍ରୁଟି ରହିଛି । ଏହି ତ୍ରୁଟି ମଧ୍ୟରେ ପ୍ରମୁଖ ବିଦ୍ୱାନମାନଙ୍କ ନାମର ଭୁଲ ବନାନ, ପୁସ୍ତକର ବିକୃତ ଶୀର୍ଷକ,ପ୍ରଶ୍ନର ଶବ୍ଦବିନ୍ୟାସରେ ତ୍ରୁଟି, ବ୍ୟାକରଣଗତ, ଲିଙ୍ଗ ଓ ବଚନର ଅସଙ୍ଗତି, ବିରାମଚିହ୍ନର ତ୍ରୁଟି, ପ୍ରଚଳିତ ଓ ପ୍ରତିଷ୍ଠିତ ଧାରଣା ନିମନ୍ତେ ଅଣ-ମାନକ ନୂତନ ଶବ୍ଦର ବ୍ୟବହାର ଏବଂ ପୂର୍ବ ବର୍ଷର ଅନେକ ପ୍ରଶ୍ନପତ୍ରର ପୁନରାବୃତ୍ତି ଅନ୍ତର୍ଭୁକ୍ତ । ନିରପେକ୍ଷ ଓ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ସ୍ୱାର୍ଥରେ ଏହି ତିନୋଟି ପ୍ରଶ୍ନପତ୍ରର ପୁନଃପରୀକ୍ଷା ନିମନ୍ତେ କମିଟି ସୁପାରିଶ କରିଥିଲା । 'ନାସନାଲ ଟେଷ୍ଟିଂ ଏଜେନ୍ସି' ଏହି ନିଷ୍କର୍ଷରେ ଉପନୀତ ହୋଇଛି ଯେ - ଏହି ତୃଟିଗୁଡ଼ିକର ଯଥାର୍ଥ ସମାଧାନ କେବଳ ତିନୋଟି ବିଷୟ : ଇଂରାଜୀ,ବାଣିଜ୍ୟ ଓ ସମାଜବିଜ୍ଞାନର ପୁନଃପରୀକ୍ଷା ମାଧ୍ୟମରେ ସମ୍ଭବ ହେବ । ଇଂରାଜୀ ଓ ବାଣିଜ୍ୟ ବିଷୟର ପୁନଃପରୀକ୍ଷା ସେପ୍ଟେମ୍ବର ୯ ତାରିଖରେ ଏବଂ ସମାଜବିଜ୍ଞାନ ବିଷୟର ପୁନଃପରୀକ୍ଷା ସେପ୍ଟେମ୍ବର ୧୦ ତାରିଖରେ ହେବ ।'

କେନ୍ଦ୍ରସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ବିଭିନ୍ନ ପ୍ରତିଦ୍ୱନ୍ଦିତାମୂଳକ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା 'ନାସନାଲ ଟେଷ୍ଟିଂ ଏଜେନ୍ସି' ତରଫରୁ ଚଳିତ ଅଗଷ୍ଟ ମାସ ୧୬ ତାରିଖରେ ଏହି ଘୋଷଣାନାମା ପ୍ରକାଶ ପାଇଛି । ପରୀକ୍ଷାର୍ଥୀମାନଙ୍କ ଏ ସଂପର୍କରେ ବ୍ୟାପକ ଅଭିଯୋଗ ଆଧାରରେ ଏକ ତଦନ୍ତ କମିଟି ଗଠିତ ହୋଇ ଏହି ରିପୋର୍ଟ ପ୍ରଦାନ କରିଛି । ଜୁନିୟର ରିସର୍ଚ୍ଚ ଫେଲୋସିପ୍ ଓ ଆସିଷ୍ଟାଣ୍ଟ ପ୍ରଫେସର ପାଇଁ ଯୋଗ୍ୟତା ଏବଂ ପିଏଚ.ଡ଼ି କାର୍ଯ୍ୟକ୍ରମରେ ନାମଲେଖା ନିମନ୍ତେ ଚଳିତ ବର୍ଷ ଜୁନ୍ ୨୨ତାରିଖରୁ ୩୦ ତାରିଖ ମଧ୍ୟରେ ୮୭ଟି ବିଷୟରେ ନାସନାଲ ଟେଷ୍ଟିଂ ଏଜେନ୍ସି ଆନୁକୂଲ୍ୟରେ ୟୁଜିସି-ନେଟ୍ ପରୀକ୍ଷା ଆୟୋଜିତ ହୋଇଥିଲା । ୨୦୨୬ ମସିହା ମେ ମାସରେ ୩ ତାରିଖରେ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟକୁ ନେଇ ସାରା ଦେଶ ପ୍ରକମ୍ପିତ ହୋଇଥିଲା। ମେ ୧ ତାରିଖରୁ ପ୍ରଶ୍ନପତ୍ର ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଥିଲା । ପ୍ରବଳ ପ୍ରତିବାଦ ଏବଂ ବିରୋଧ ହେବାରୁ ମେ ୧୨ ତାରିଖରେ ଏହି ପରୀକ୍ଷା ବାତିଲ କରାଗଲା ବୋଲି ଏଜେନ୍ସି ତରଫରୁ ଘୋଷଣା କରାଯିବା ପରେ ଦେଶରେ ଭୂକଂପ ସୃଷ୍ଟି ହୋଇଥିଲା। ସତେ ଯେମିତି ଏନଟିଏ ସଂକଳ୍ପ ନେଇଛି- ଆମେ ମୁଣ୍ଡ ଖାଇବୁ, କିନ୍ତୁ ସୁଧୁରିବୁ ନାହିଁ ।

**ନାସନାଲ ଟେଷ୍ଟିଂ ଏଜେନ୍ସି : କଣ ଓ କାହିଁକି ?** ପ୍ରଶ୍ନ ଉଠୁଛି - ନାସନାଲ ଟେଷ୍ଟି ଏଜେନ୍ସି ଦ୍ୱାରା ପରିଚାଳିତ ଏହି ସମସ୍ତ ପ୍ରତିଯୋଗିତା ପରୀକ୍ଷାରେ ପ୍ରଶ୍ନପତ୍ରକୁ ନେଇ ବାରମ୍ବାର ବିଭ୍ରାଟ ଘଟୁଛି କାହିଁକି ? ଯୁବ ପିଢ଼ି ପାଇଁ କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷା କେବଳ ଗୋଟିଏ ଦିନର ଘଟଣା ନୁହେଁ । ଏହା ହେଉଛି ଶୈଶବର ସ୍ୱପ୍ନ, ପରିବାରର ବିଶ୍ୱାସ ଏବଂ ଅସୁମାରୀ ସ୍ୱପ୍ନ ଆଖିରେ ଧରି ଆଗକୁ ବଢ଼ିବାର ପ୍ରଲମ୍ବିତ ମୁହୂର୍ତ୍ତ । ତେଣୁ ପ୍ରଶ୍ନପତ୍ର ବିଭ୍ରାଟ ଫଳରେ ଯେତେବେଳେ ପରୀକ୍ଷା ବାତିଲ ହୁଏ, ସେତେବେଳେ ପ୍ରଶାସନିକ ବ୍ୟବସ୍ଥା ଉପରୁ ଆସ୍ଥା ତୁଟିଯାଏ, ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯାଏ ଏବଂ ସେହି ମୁହୂର୍ତ୍ତ ପର୍ଯ୍ୟନ୍ତ ଆସିବା ପାଇଁ ଯେଉଁ ଧୈର୍ଯ୍ୟ ଏବଂ ସାମର୍ଥ୍ୟ ଥାଏ ତାହା ମଧ୍ୟ ଧୂଳିସାତ ହୋଇଯାଏ । କେତେ ସଂଚୟ, କେତେ ଋଣ ପାଣିରେ ଧୋଇଯାଏ ।

୨୦୦୨ ରୁ ୨୦୨୬ ମସିହା ମଧ୍ୟରେ ପ୍ରାୟ ୫୦ଟି ପ୍ରମୁଖ ପ୍ରତିଦ୍ୱନ୍ଦିତାମୂଳକ ପରୀକ୍ଷାରେ, ଯେଉଁଥିରେ ଆବେଦନକାରୀଙ୍କ ସଂଖ୍ୟା ଏକ ଲକ୍ଷରୁ ଊର୍ଦ୍ଧ୍ୱ, ସେଥିରେ ପ୍ରଶ୍ନପତ୍ର ବିଭ୍ରାଟ ଘଟିଛି । ଏହି ସମସ୍ତ ପରୀକ୍ଷା ପରିଚାଳନା ପାଇଁ ୨୦୧୭ ମସିହାରେ କ୍ୟାବିନେଟ ଅନୁମୋଦନ ଦ୍ୱାରା ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଏକ ସ୍ୱୟଂଶାସିତ ଅନୁଷ୍ଠାନ 'ନାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ)' ଗଠନ କରାଗଲା । ସେହି ସଂସ୍ଥାର ୱେବ୍ ସାଇଟରେ ଉଲ୍ଲେଖ ଅଛି - 'ଜାତୀୟ ପରୀକ୍ଷା ଏଜେନ୍ସି ହେଉଛି ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱୟଂଶାସିତ ସରକାରୀ ଅନୁଷ୍ଠାନ। ଇଂଜିନିୟରିଂ, ଡାକ୍ତରୀ, ଫାର୍ମାସୀ, ମ୍ୟାନେଜମେଣ୍ଟ, ଗବେଷଣା ଆଦି କ୍ଷେତ୍ରରେ ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କରେ ନାମଲେଖା ନିମନ୍ତେ ପ୍ରବେଶିକା ପରୀକ୍ଷା ପରିଚାଳନା ନିମନ୍ତେ ଏହା ଅଗ୍ରଣୀ ସଂସ୍ଥା ଭାବେ ପ୍ରତିଷ୍ଠା କରାଯାଇଛି । ପ୍ରାର୍ଥୀଙ୍କର ଯୋଗ୍ୟତା ଓ ଦକ୍ଷତାର ନିରପେକ୍ଷ ମୂଲ୍ୟାଙ୍କନ କରିବା ସର୍ବଦା ଏକ ଆହ୍ୱାନ ହୋଇ ରହିଆସିଛି । ବିଶେଷକରି ଅନ୍ତର୍ଜାତୀୟ ଗବେଷଣା-ଆଧାରିତ ମାନଦଣ୍ଡ ସହ ସମନ୍ୱୟ ରକ୍ଷା କରି ପରୀକ୍ଷା ପରିଚାଳନାରେ ଦକ୍ଷତା, ସ୍ୱଚ୍ଛତା ଏବଂ ତ୍ରୁଟିମୁକ୍ତ ବ୍ୟବସ୍ଥା ସୁନିଶ୍ଚିତ କରିବା ଏକ ଜଟିଳ କାର୍ଯ୍ୟ ।

ଏହି ସମସ୍ତ ଆହ୍ୱାନର ମୁକାବିଲା ନିମନ୍ତେ ଜାତୀୟ ପରୀକ୍ଷା ଏଜେନ୍ସିକୁ ପରୀକ୍ଷା ପ୍ରସ୍ତୁତି, ପରିଚାଳନା, ଉତ୍ତରପତ୍ର ମୂଲ୍ୟାଙ୍କନ ସହିତ ପରୀକ୍ଷାର ପ୍ରତ୍ୟେକ ପର୍ଯ୍ୟାୟରେ ସର୍ବୋତ୍ତମ ପ୍ରଣାଳୀ, ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଶ୍ରେଷ୍ଠ ଦକ୍ଷତାର ସହ ବିଶ୍ୱସନୀୟ ଏବଂ ଉଚ୍ଚମାନର ବ୍ୟବସ୍ଥା ଗଢ଼ିତୋଳିବାର ଦାୟିତ୍ୱ ଅର୍ପଣ କରାଯାଇଛି ।' ବିଡ଼ମ୍ବନା, ଯେଉଁ ସଂସ୍ଥାକୁ ସ୍ୱଚ୍ଛ ଏବଂ ତ୍ରୁଟିମୁକ୍ତ ପରୀକ୍ଷା ପରିଚାଳନା ନିମନ୍ତେ ଗଠନ କରାଯାଇଥିଲା, ମାତ୍ର ଦୁଇ/ତିନି ବର୍ଷ ମଧ୍ୟରେ ସେଥିରେ ପୁଳା ପୁଳା ଆବର୍ଜନା ଦେଖିବାକୁ ମିଳିଲା । ୨୦୨୪ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ପରେ , ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଯଦିଓ ପରୀକ୍ଷା ପୂର୍ଣ୍ଣ ଭାବେ ବାତିଲ କରାଗଲା ନାହିଁ, ୧୫୬୩ ଜଣ ବିଦ୍ୟାର୍ଥୀଙ୍କ ପୁନଃ ପରୀକ୍ଷା ଆୟୋଜନ କରାଯାଇଥିଲା ।

ସେତେବେଳକୁ ଦେଶବାସୀଙ୍କର ଧୈର୍ଯ୍ୟର ସୀମା ପାରି ହୋଇ ଯାଇଥିଲା । ୨୦୨୬ ମସିହା ପ୍ରଶ୍ନପତ୍ର ଲିକ୍ , ସାରା ଦେଶରେ ସୁନାମୀ ସୃଷ୍ଟି କରିଥିଲା । ଏନଟିଏ ଉପରେ ନିଟ୍-ୟୁଜି,ଜେଇଇ ମେନ୍ ସମେତ ୨୦ରୁ ଊର୍ଦ୍ଧ୍ୱ ଜାତୀୟସ୍ତରର ପରୀକ୍ଷା ପରିଚାଳନା ଦାୟିତ୍ୱ ନ୍ୟସ୍ତ ରହିଛି । ଏହି ଦୃଷ୍ଟିରୁ ସଂସ୍ଥାର ଗୁରୁତ୍ୱ ଆକଳନ କରାଯାଇ ପାରେ ।

**ପ୍ରଧାନମନ୍ତ୍ରୀଙ୍କ ଘୋଷଣା :** ୨୦୨୬ ମସିହା ନିଟ୍ ପ୍ରଶ୍ନପତ୍ର ପ୍ରଘଟ ପରେ ଏନ୍‌ଟିଏ ସଂସ୍ଥାର କାର୍ଯ୍ୟଧାରା, ସ୍ୱଚ୍ଛତା ଓ ବିଶ୍ୱସନୀୟତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପ୍ରଶାସନିକ ଓ ସାଂଗଠନିକ ସଂସ୍କାରସୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ବିଭିନ୍ନ ମନ୍ତ୍ରଣାଳୟରେ କାର୍ଯ୍ୟାନୁଭବ ଥିବା ଚାରି ଜଣ ପ୍ରମୁଖ ପ୍ରଶାସକଙ୍କୁ ଅତିରିକ୍ତ ମହାନିର୍ଦ୍ଦେଶକ ଓ ମହାନିର୍ଦ୍ଦେଶକ ପାହ୍ୟାରେ ନିଯୁକ୍ତି ଦିଆଯାଇଛି । ତିନୋଟି ନୂତନ ବିଶେଷଜ୍ଞ ପଦବୀ - ମୁଖ୍ୟ ଆର୍ଥିକ ଅଧିକାରୀ, ମୁଖ୍ୟ ପ୍ରଯୁକ୍ତିବିଦ୍ୟା ଅଧିକାରୀ ଏବଂ ମାନବସମ୍ବଳ ମହାପ୍ରବନ୍ଧକ ସୃଷ୍ଟି କରାଯାଇଛି । ଜୁଲାଇ ମାସରେ ସଂସ୍ଥାର ୪୭ ଜଣ ଅଧିକାରୀଙ୍କୁ ଦୁର୍ନୀତି ଅଭିଯୋଗରେ ବହିଷ୍କାର କରାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ଜୁଲାଇ ୨୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କ ଉଦ୍ଦେଶ୍ୟରେ ଘୋଷଣା କରିଥିଲେ - 'ପ୍ରଶ୍ନପତ୍ର ଲିକ୍ ମାମଲାର ବିଚାର ନିମନ୍ତେ ଆମେ ଫାଷ୍ଟଟ୍ରାକ ଅଦାଲତ ଗଠନ କରିଛୁ । ଆସନ୍ତାକାଲି ସଂସଦରେ ଏହି ପ୍ରସଙ୍ଗରେ କଠୋର ବ୍ୟବସ୍ଥା ସମ୍ବଳିତ ଏକ ନୂତନ ଆଇନ ପ୍ରଣୟନ ଦିଗରେ ଅଗ୍ରସର ହେଉଛୁ । କିନ୍ତୁ ଆମକୁ ଭବିଷ୍ୟତ ସଂପର୍କରେ ଚିନ୍ତା କରିବାକୁ ପଡ଼ିବ ।

ଆମର ପରୀକ୍ଷା ବ୍ୟବସ୍ଥା ଯେପରି ଅଧିକ ବିଶ୍ୱସନୀୟ, ସ୍ୱଚ୍ଛ ଏବଂ ସର୍ବାଧିକ ପ୍ରଯୁକ୍ତିବିଦ୍ୟା ଆଧାରିତ ହୋଇପାରିବ, ସେଥି ନିମନ୍ତେ ସମସ୍ତ ଦିଗକୁ ବିଚାରକରି ବିଶ୍ୱବିଖ୍ୟାତ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ ଶ୍ରୀ ନନ୍ଦନ ନିଲେକାନୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚକ୍ଷମତାସଂପନ୍ନ ଟ୍ୟାକ୍ସଫୋର୍ସ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ଟ୍ୟାକ୍ସଫୋର୍ସ ପରୀକ୍ଷା ବ୍ୟବସ୍ଥାର ସଂସ୍କାର ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରିବ । ଏହାର ସୁପାରିଶ ଆଧାରରେ ପରୀକ୍ଷା ପ୍ରଣାଳୀକୁ ଅଧିକ ବିଶ୍ୱସନୀୟ, ସୁଦୃଢ଼ ଓ ନିର୍ଭରଯୋଗ୍ୟ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଯଥାଶୀଘ୍ର ଗ୍ରହଣ କରାଯିବ ।'

ପରୀକ୍ଷା ପରିଚାଳନାରେ ସୁଧାର ଆଣିବା ପାଇଁ ୨୦୨୪ ମସିହା ଜୁନ ମାସରେ ଶିକ୍ଷା ମନ୍ତ୍ରଣାଳୟ ତରଫରୁ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ମହାକାଶ ବିଜ୍ଞାନୀ ଡ.କେ.ରାଧାକୃଷ୍ଣନଙ୍କ ଅଧ୍ୟକ୍ଷତାରେ ସମୁଦାୟ ସାତ ଜଣ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା ଏବଂ କମିଟି ୨୦୨୪ ଅକ୍ଟୋବର ମାସରେ ରିପୋର୍ଟ ପ୍ରଦାନ କରିଥିଲା । ଏଥିରେ ପରୀକ୍ଷା ପରିଚାଳନାର ପ୍ରତିଟି କ୍ଷେତ୍ର- ପ୍ରଶ୍ନପତ୍ର ମୁଦ୍ରଣ, ପରିବହନ, ପରୀକ୍ଷାର୍ଥୀଙ୍କ ପରିଚୟପତ୍ର ପ୍ରମାଣ, ପରୀକ୍ଷାକେନ୍ଦ୍ରର ପରିଚାଳନା ଓ ଅଭିଯୋଗର ପ୍ରତିକାର - ଏହି ସମସ୍ତ କ୍ଷେତ୍ରରେ ଥିବା ଦୋଷ ଦୁର୍ବଳତା ଚିହ୍ନଟ କରାଯାଇ ଜାତୀୟ ପରୀକ୍ଷା ସଂସ୍ଥାର ସାଂଗଠନିକ କ୍ଷମତାକୁ ସୁଦୃଢ଼ କରିବା ନିମନ୍ତେ ସମୁଦାୟ ୧୦୧ଟି ପରାମର୍ଶ ଦିଆଯାଇଥିଲା । ଅନେକ କ୍ଷେତ୍ରରେ କମିଟିର ସୁପାରିଶଗୁଡ଼ିକ କାର୍ଯ୍ୟକ୍ଷମ ହେଉ ନ ଥିବାରୁ, ରିପୋର୍ଟରେ ଏକ ଉଚ୍ଚ କ୍ଷମତାସଂପନ୍ନ ପରିଚାଳନା କମିଟି ଅଧୀନରେ ସୁପାରିଶର ଅଗ୍ରଗତି ସମୀକ୍ଷା ପାଇଁ ପରାମର୍ଶ ଦିଆ ଯାଇଥିଲା । ସରକାର ତାହାକୁ ଗ୍ରହଣ କରି ଡ.କେ.ରାଧାକୃଷ୍ଣନଙ୍କ ଅଧ୍ୟକ୍ଷତାରେ ଉଚ୍ଚ କ୍ଷମତାସଂପନ୍ନ ପରିଚାଳନା କମିଟି ଗଠନ କରିଥିଲେ ।

**ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ:** ଜାତୀୟ ପରୀକ୍ଷା ଏଜେନ୍ସିକୁ ଭାଙ୍ଗି ପାର୍ଲାମେଣ୍ଟରେ ଆଇନ ପ୍ରଣୟନ ଦ୍ୱାରା ନୂତନ ସଂସ୍ଥା ଗଠନ କରି ସମସ୍ତ ପରୀକ୍ଷା ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରିବା ସହ କେ.ରାଧାକୃଷ୍ଣନ କମିଟିର ସୁପାରିଶକୁ କାର୍ଯ୍ୟକାରୀ କରିବା ପାଇଁ ଦୁଇଟି ସଂସ୍ଥା ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ମାମଲାର ଶୁଣାଣୀ ସମୟରେ ଉଚ୍ଚତମ ନ୍ୟାୟାଳୟ ଡ.ରାଧାକୃଷ୍ଣନଙ୍କୁ ବ୍ୟକ୍ତିଗତ ଭାବେ ଏକ ଶପଥପତ୍ର ଦାଖଲ କରି ତାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଦ୍ୱାରା ଦିଆ ଯାଇଥିବା ସୁପାରିଶଗୁଡ଼ିକର କାର୍ଯ୍ୟାନ୍ୱୟନର ସ୍ଥିତି ସଂପର୍କରେ ନ୍ୟାୟାଳୟକୁ ଅବଗତ କରିବା ପାଇଁ ନିର୍ଦ୍ଦେଶ ଦେଲେ । ସାଧାରଣତଃ ନ୍ୟାୟାଳୟ , ସରକାରଙ୍କ ଠାରୁ ସ୍ଥିତି ରିପୋର୍ଟ ଆହ୍ୱାନ କରିଥାନ୍ତି, କିନ୍ତୁ ବିରଳ ପଦକ୍ଷେପ ଭାବେ କମିଟିର ଅଧ୍ୟକ୍ଷଙ୍କ ଠାରୁ ପୂର୍ଣ୍ଣାଙ୍ଗ ସ୍ଥିତି ଜାଣିବାକୁ ଚାହିଁଲେ । ଡ.ରାଧାକୃଷ୍ଣନଙ୍କ ସତ୍ୟପାଠରେ ଉଲ୍ଲେଖ ଅଛି- 'ପ୍ରାୟ ୬୦ଟି ମଧ୍ୟରୁ ଅଧିକାଂଶ ସୁପାରିଶର କାର୍ଯ୍ୟ ପ୍ରକ୍ରିୟା ସମାପ୍ତ ହୋଇସାରିଛି ଏବଂ ଅବଶିଷ୍ଟ ପ୍ରକ୍ରିୟାଧୀନ ରହିଛି ।'

'ଅଧିକାଂଶ ସୁପାରିଶର କାର୍ଯ୍ୟ ପ୍ରକ୍ରିୟା ସମାପ୍ତ ହୋଇ ସାରିଛି' ଏହି ଦାବି ଉପରେ ନ୍ୟାୟାଳୟ ପ୍ରଶ୍ନ କରିଥିଲେ- 'ଏହା ସତ୍ତ୍ୱେ ୨୦୨୬ ମସିହାରେ ପ୍ରଶ୍ନପତ୍ର ପ୍ରଘଟ ହେଲା କିପରି? ଏହି କ୍ଷେତ୍ରରେ ଦୁଇଟି ସମ୍ଭାବନା ମଧ୍ୟରୁ ଗୋଟିଏ ସତ୍ୟ ହୋଇଥିବ - କମିଟିର ସୁପାରିଶ ତୃଟିପୂର୍ଣ୍ଣ ଥିଲା ଅଥିବା ସେଗୁଡ଼ିକ କାର୍ଯ୍ୟକାରୀ କରିବାରେ ପ୍ରଭାବଶାଳୀ ନୀରିକ୍ଷଣ କରାଯାଇ ନଥିଲା।' ଲୋକସେବା ଆୟୋଗର କାର୍ଯ୍ୟପଦ୍ଧତିକୁ ପ୍ରଶଂସା କରି ନ୍ୟାୟାଳୟ ମତ ରଖିଥିଲେ - 'ଏତେ ବର୍ଷ ମଧ୍ୟରେ ପ୍ରଶାସନିକ ସେବା ପରୀକ୍ଷାରେ ଆଦୌ ତ୍ରୁଟି ପରିଲକ୍ଷିତ ହୋଇନଥିବାବେଳେ, ଏନଟିଏ ଦ୍ୱାରା ଆୟୋଜିତ ପରୀକ୍ଷାରେ ସାଂଘାତିକ ବ୍ୟତିକ୍ରମ କାହିଁକି ?' ନ୍ୟାୟାଳୟ ଦେଶବାସୀଙ୍କର ମନର ପ୍ରଶ୍ନ ପଚାରିଛନ୍ତି । ଏବେ ନିଲେକାନି କମିଟି ରିପୋର୍ଟକୁ ଅପେକ୍ଷା ରହିଲା। ଆଶା କରାଯାଏ, ଏହି ଦୁଇଟି କମିଟି ରିପୋର୍ଟର ସମନ୍ୱୟରେ ସମସ୍ତ ସମସ୍ୟାର ସମାଧାନ ସମ୍ଭବ ହେବ । ସରକାର ଆଉ ଦେଶବାସୀଙ୍କର ଧୈର୍ଯ୍ୟର ପରୀକ୍ଷା କରନ୍ତୁ ନାହିଁ ।

**'ଅଧିକାଂଶ ସୁପାରିଶର କାର୍ଯ୍ୟ ପ୍ରକ୍ରିୟା ସମାପ୍ତ ହୋଇ ସାରିଛି' ଏହି ଦାବି ଉପରେ ନ୍ୟାୟାଳୟ ପ୍ରଶ୍ନ କରିଥିଲେ- 'ଏହା ସତ୍ତ୍ୱେ ୨୦୨୬ ମସିହାରେ ପ୍ରଶ୍ନପତ୍ର ପ୍ରଘଟ ହେଲା କିପରି? ଏହି କ୍ଷେତ୍ରରେ ଦୁଇଟି ସମ୍ଭାବନା ମଧ୍ୟରୁ ଗୋଟିଏ ସତ୍ୟ ହୋଇଥିବ - କମିଟିର ସୁପାରିଶ ତୃଟିପୂର୍ଣ୍ଣ ଥିଲା ଅଥିବା ସେଗୁଡ଼ିକ କାର୍ଯ୍ୟକାରୀ କରିବାରେ ପ୍ରଭାବଶାଳୀ ନୀରିକ୍ଷଣ କରାଯାଇ ନଥିଲା।' ଲୋକସେବା ଆୟୋଗର କାର୍ଯ୍ୟପଦ୍ଧତିକୁ ପ୍ରଶଂସା କରି ନ୍ୟାୟାଳୟ ମତ ରଖିଥିଲେ - 'ଏତେ ବର୍ଷ ମଧ୍ୟରେ ପ୍ରଶାସନିକ ସେବା ପରୀକ୍ଷାରେ ଆଦୌ ତ୍ରୁଟି ପରିଲକ୍ଷିତ ହୋଇନଥିବାବେଳେ, ଏନଟିଏ ଦ୍ୱାରା ଆୟୋଜିତ ପରୀକ୍ଷାରେ ସାଂଘାତିକ ବ୍ୟତିକ୍ରମ କାହିଁକି ?' ନ୍ୟାୟାଳୟ ଦେଶବାସୀଙ୍କର ମନର ପ୍ରଶ୍ନ ପଚାରିଛନ୍ତି । ଏବେ ନିଲେକାନି କମିଟି ରିପୋର୍ଟକୁ ଅପେକ୍ଷା ରହିଲା। ଆଶା କରାଯାଏ, ଏହି ଦୁଇଟି କମିଟି ରିପୋର୍ଟର ସମନ୍ୱୟରେ ସମସ୍ତ ସମସ୍ୟାର ସମାଧାନ ସମ୍ଭବ ହେବ । ସରକାର ଆଉ ଦେଶବାସୀଙ୍କର ଧୈର୍ଯ୍ୟର ପରୀକ୍ଷା କରନ୍ତୁ ନାହିଁ ।**

**ଭଦ୍ରାଣୀ, ସାଳନ୍ଦୀ ନଗର,**
**ଭଦ୍ରକ-୭୫୬୧୦୦**
**ମୋ-୯୪୩୭୧୯୧୩୫୦**
email-saiabhay19@gmail.com

# ଅଦୃଶ୍ୟ ବେଦନାର ଦାର୍ଶନିକ ଅନ୍ୱେଷଣ



ଡା. ରାଜାରାମ ଷଡ଼ଙ୍ଗୀ

ପୃଥିବୀର ସଭ୍ୟତା ମଣିଷକୁ ପ୍ରାୟ ସବୁକିଛି ମାପିବାର କଳା ଶିଖାଇଛି । ଆମେ ପୃଥିବୀର ବ୍ୟାସାର୍ଦ୍ଧ ମାପିଛୁ, ସମୁଦ୍ରର ଗଭୀରତା ମାପିଛୁ, ଆଲୋକର ବେଗ ନିର୍ଣ୍ଣୟ କରିଛୁ, ପରମାଣୁର ଭାରଠାରୁ ଆରମ୍ଭ କରି ଗ୍ରହ-ନକ୍ଷତ୍ରର ଓଜନ ପର୍ଯ୍ୟନ୍ତ ହିସାବ ରଖିଛୁ । କିନ୍ତୁ ଯେଉଁ କ୍ଷେତ୍ରରେ ମଣିଷ ଆଜି ମଧ୍ୟ ନିରୁପାୟ, ସେ ହେଉଛି ବେଦନାର ପରିମାପ ।

କୌଣସି ତରାଜୁ ନାହିଁ ଯାହା ଅବହେଳାର ଭାର ମାପି ପାରିବ । କୌଣସି ଯନ୍ତ୍ର ନାହିଁ ଯାହା ବିଶ୍ୱାସଘାତର ଘନତାକୁ ନିର୍ଣ୍ଣୟ କରିପାରିବ, କୌଣସି ସୂତ୍ର ନାହିଁ ଯାହା ଏକ ନିରବ ଲୁହର ମୂଲ୍ୟକୁ ଗଣନା କରିପାରିବ । ସେଥିପାଇଁ ବୋଧହୁଏ କୁହାଯାଏ, କଷ୍ଟର କୌଣସି ଓଜନ ନାହିଁ, କିନ୍ତୁ ତାହାକୁ ବୋହିବା ପୃଥିବୀର ସବୁଠାରୁ କଠିନ କାର୍ଯ୍ୟ ।

ଜୀବନର ସବୁଠାରୁ ଭାରୀ ବୋଝ କାନ୍ଧରେ ନୁହେଁ, ବିବେକରେ ରହେ । ଶରୀରରେ ବୋହିଥିବା ଭାର ଦିନକ ମଧ୍ୟରେ ତଳେ ରଖି ଦିଆ ଯାଇପାରେ, କିନ୍ତୁ ମନରେ ଜମିଥିବା ଯନ୍ତ୍ରଣାକୁ କେଉଁଠି ରଖିବେ ? ଦିନ ଶେଷରେ ଶ୍ରମିକ ତା'ର ଯନ୍ତ୍ରପାତିକୁ ତଳେ ରଖି ଘରକୁ ଫେରିପାରେ, କିନ୍ତୁ ଯେଉଁ ମଣିଷ ସାରାଦିନ ଅପମାନ, ଏକାକୀପଣ ଓ ନୀରବ ଅବହେଳାକୁ ବୋହି ଚାଲିଥାଏ, ସେ ରାତିରେ ମଧ୍ୟ ସେହି ବୋଝକୁ ଛାଡ଼ିପାରେ ନାହିଁ ।

ଆମ ସମାଜର ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି, ଆମେ ଦୃଶ୍ୟମାନ ଘା' ପାଇଁ ଔଷଧ ଖୋଜୁଛୁ, କିନ୍ତୁ ଅଦୃଶ୍ୟ ଘା'କୁ ଅବହେଳା କରୁଛୁ । ଭଙ୍ଗା ହାତ ଦେଖି ଆମେ ସହାନୁଭୂତି ଦେଖାଉଛୁ, କିନ୍ତୁ ଭଙ୍ଗା ମନକୁ କହୁଛୁ ସମୟ ସବୁ ଠିକ୍ କରିଦେବ । ଯେତେବେଳେ ସମୟ ସବୁବେଳେ ଆରୋଗ୍ୟ କରେ ନାହିଁ ଅନେକ ସମୟରେ ସମୟ କେବଳ ବେଦନାକୁ ନୀରବତାର ଆବରଣ ପିନ୍ଧାଇ ଦିଏ ।

ମହାଭାରତର କର୍ଣ୍ଣଙ୍କୁ ଆମେ ତାଙ୍କର ପରାକ୍ରମ ପାଇଁ ସ୍ମରଣ କରୁଛୁ, କିନ୍ତୁ ତାଙ୍କ ଜୀବନର ପ୍ରକୃତ ବେଦନା ଥିଲା ସାମାଜିକ ପରିଚୟର ଅଭାବ । ରାମାୟଣରେ ସୀତାଙ୍କ ବନବାସ କେବଳ ଜଙ୍ଗଲର ଯାତ୍ରା ନୁହେଁ ସେ ଥିଲା ସମାଜରେ ସନ୍ଦେହର ଭାର ବୋହିବାର ଅନନ୍ତ ଯାତ୍ରା । ଗୌତମ ବୁଦ୍ଧ ରାଜପ୍ରାସାଦ ଛାଡ଼ିଥିଲେ ଦୁଃଖର ଉତ୍ତର ଖୋଜିବା ପାଇଁ । ଏହି ତିନୋଟି ଜୀବନ ଆମକୁ ଏକ ସତ୍ୟ ଶିଖାଏ ଯେ,ବାହ୍ୟ ଭାରଠାରୁ ଅନ୍ତରର ଭାର ଅଧିକ ଅସହ୍ୟ ।

**ମହାଭାରତର କର୍ଣ୍ଣଙ୍କୁ ଆମେ ତାଙ୍କର ପରାକ୍ରମ ପାଇଁ ସ୍ମରଣ କରୁଛୁ, କିନ୍ତୁ ତାଙ୍କ ଜୀବନର ପ୍ରକୃତ ବେଦନା ଥିଲା ସାମାଜିକ ପରିଚୟର ଅଭାବ । ରାମାୟଣରେ ସୀତାଙ୍କ ବନବାସ କେବଳ ଜଙ୍ଗଲର ଯାତ୍ରା ନୁହେଁ ସେ ଥିଲା ସମାଜରେ ସନ୍ଦେହର ଭାର ବୋହିବାର ଅନନ୍ତ ଯାତ୍ରା । ଗୌତମ ବୁଦ୍ଧ ରାଜପ୍ରାସାଦ ଛାଡ଼ିଥିଲେ ଦୁଃଖର ଉତ୍ତର ଖୋଜିବା ପାଇଁ । ଏହି ତିନୋଟି ଜୀବନ ଆମକୁ ଏକ ସତ୍ୟ ଶିଖାଏ ଯେ,ବାହ୍ୟ ଭାରଠାରୁ ଅନ୍ତରର ଭାର ଅଧିକ ଅସହ୍ୟ ।**

ଆଜିର ଡିଜିଟାଲ୍ ଯୁଗରେ ଏହି କଷ୍ଟ ଆହୁରି ନିରବ ହୋଇପଡ଼ିଛି । ସାମାଜିକ ଗଣମାଧ୍ୟମରେ ଆମେ ହସୁଥିବା ମୁହଁ, ସଫଳତାର ଛବି ଓ ଉତ୍ସବର ଦୃଶ୍ୟ ଦେଖୁଛୁ । କିନ୍ତୁ ସେହି ହସର ଅନ୍ତରାଳରେ କେତେ ନିଦ୍ରାହୀନ ରାତି, କେତେ ଅପୂର୍ଣ୍ଣ ସ୍ୱପ୍ନ, କେତେ ଅବ୍ୟକ୍ତ କାନ୍ଦଣା ଲୁଚି ରହିଛି, ତାହା କୌଣସି ପରଦା ଦେଖାଏ ନାହିଁ । ମଣିଷ ଆଜି ନିଜର ସଫଳତାକୁ ପ୍ରକାଶ କରିବାରେ ବ୍ୟସ୍ତ, କିନ୍ତୁ ନିଜର ଯନ୍ତ୍ରଣାକୁ ଲୁଚାଇବାରେ ଆହୁରି ବ୍ୟସ୍ତ ।

ସମାଜର ସଭ୍ୟତାର ପ୍ରକୃତ ପରୀକ୍ଷା ଅଟ୍ଟାଳିକାର ଉଚ୍ଚତାରେ ନୁହେଁ, ବରଂ ସେ ଅନ୍ୟର ନୀରବ ବେଦନାକୁ କେତେ ଅନୁଭବ କରିପାରୁଛି ସେଥିରେ ରହିଛି । ଯେଉଁ ସମାଜରେ ସହାନୁଭୂତି କମିଯାଏ, ସେଠାରେ ପ୍ରଯୁକ୍ତି ବଢ଼ିପାରେ, କିନ୍ତୁ ମାନବିକତା କ୍ଷୀଣ ହୁଏ । ଆମେ ମଣିଷକୁ ତାଙ୍କ ସଫଳତାରେ ନୁହେଁ, ତାଙ୍କ ସଂଘର୍ଷରେ ବୁଝିବାକୁ ଶିଖିବା ଉଚିତ ।

ଜୀବନର ଏକ ବିଚିତ୍ର ସତ୍ୟ ହେଉଛି ଯେଉଁମାନେ ସବୁଠାରୁ ଅଧିକ କଷ୍ଟ ବୁହନ୍ତି, ସେମାନେ ହିଁ ଅନ୍ୟକୁ ସବୁଠାରୁ ଅଧିକ ସାହସ ଦିଅନ୍ତି । ଯେଉଁମାନେ ଭିତରେ ଭାଙ୍ଗି ପଡ଼ିଛନ୍ତି, ସେମାନେ ବାହାରେ ଅନ୍ୟକୁ ଧରି ରଖନ୍ତି । ଏହି ନୀରବ ମହାନତାର କୌଣସି ପୁରସ୍କାର ନାହିଁ, କୌଣସି ସମ୍ବାଦ ଶୀର୍ଷକ ନାହିଁ କିନ୍ତୁ ଏହା ହିଁ ମାନବ ସଭ୍ୟତାର ସବୁଠାରୁ ବଡ଼ ଶକ୍ତି । ତେଣୁ, ଆମେ କାହାକୁ ବିଚାର କରିବା ପୂର୍ବରୁ ଥରେ ଭାବିବା ଉଚିତ ଯେ,ସେ ହୁଏତ ଏମିତି ଏକ ଯୁଦ୍ଧ ଲଢୁଛି, ଯାହା ଆମ ଆଖିକୁ ଦେଖାଯାଏ ନାହିଁ ।

ଏକ ସ୍ନେହପୂର୍ଣ୍ଣ କଥା, ଏକ ସମ୍ମାନଭରା ବ୍ୟବହାର କିମ୍ବା ଏକ ସହୃଦୟ ସ୍ପର୍ଶ, ହୁଏତ କାହାର ଅଦୃଶ୍ୟ ବୋଝକୁ କିଛିଟା ହାଲୁକା କରିଦେବ ।

ଶେଷରେ ଏତିକି କହିହେବ କଷ୍ଟର କୌଣସି ଓଜନ ନାହିଁ, କିନ୍ତୁ ସେହି କଷ୍ଟକୁ ନେଇ ଯିଏ ଜୀବନର ପଥ ଚାଲିଯାଏ, ସେହି ହିଁ ପ୍ରକୃତ ଅର୍ଥରେ ମଣିଷ । କାରଣ ମଣିଷର ମହତ୍ତ୍ୱ ତା'ର ସୁଖରେ ନୁହେଁ ବରଂ ନୀରବ ବେଦନାକୁ ମର୍ଯ୍ୟାଦାର ସହ ବୋହି ମଧ୍ୟ ମାନବିକତାକୁ ବଞ୍ଚାଇ ରଖିବାର କ୍ଷମତାରେ ନିହିତ ।

**ପଡିଆବାହାଲ, ସମ୍ବଲପୁର**
**ମୋ-୯୪୩୭୪୦୫୪୫୫**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବନ୍ୟାରେ...

ବନ୍ୟାରେ ବାଲେଶ୍ୱର ଜିଲ୍ଲାର ୧୨ଟି ବ୍ଲକର ୯୭ଟି ପଞ୍ଚାୟତ, ୪୫୩ଟି ଗାଁ ଓ ୨ଟି ପୌରାଞ୍ଚଳର ୨ ଲକ୍ଷ ୩ ହଜାର ୮୭୮ ଜଣ ପ୍ରଭାବିତ ହୋଇଛନ୍ତି । ଭଦ୍ରକର ୪ଟି ବ୍ଲକ, ୩୯ଟି ପଞ୍ଚାୟତ, ୧୩୪ଟି ଗାଁର ୧ ଲକ୍ଷ ୯୬ ହଜାର ୨୪୦ ଜଣ ପ୍ରଭାବିତ ହୋଇଥିବା ବେଳେ ଯାଜପୁର ଜିଲ୍ଲାର ୧୦ଟି ବ୍ଲକ, ୧୧୭ଟି ପଞ୍ଚାୟତ, ୨୭୦ଟି ଗାଁର ୨ ଲକ୍ଷ ୨ ହଜାର ୬୭୨ ଜଣ ପ୍ରଭାବିତ ହୋଇଥିଲେ ।

ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ବ୍ଲକ, ୬୩ଟି ପଞ୍ଚାୟତ, ୧୩୪ଟି ଗାଁର ୧ ଲକ୍ଷ ୪୩ ହଜାର ୭୧୫ ଜଣ ପ୍ରଭାବିତ ହୋଇଛନ୍ତି। କେନ୍ଦୁଝରର ୧୩ଟି ବ୍ଲକ, ୭୮ଟି ପଞ୍ଚାୟତ, ୧୮୭ଟି ଗାଁର ୧୧,୯୫୩ ଜଣ, ମୟୁରଭଞ୍ଜ ଜିଲ୍ଲାର ୨୨ଟି ବ୍ଲକ୍, ୫୪ଟି ପଞ୍ଚାୟତ, ୧୨୬ଟି ଗାଁର ୨୬ ହଜାର ୭୪୧ ଜଣ ପ୍ରଭାବିତ ହୋଇଛନ୍ତି। ମୋଟ୍ ୬୬ଟି ବ୍ଲକର ୪୪୮ଟି ପଞ୍ଚାୟତ, ୧୩୦୪ଟି ଗାଁ, ୧୦ଟି ପୌରାଞ୍ଚଳ, ୬୪ ୱାର୍ଡର ୭ ଲକ୍ଷ ୮୫ ହଜାର ୧୯୯ ଜଣ ପ୍ରଭାବିତ ହୋଇଛନ୍ତି । ବନ୍ୟା କ୍ଷତିଗ୍ରସ୍ତଙ୍କୁ ମଧ୍ୟରୁ ୨ ଲକ୍ଷ ୭୭ ହଜାର ୬୫୫ ଜଣଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତରିତ କରାଯାଇଛି ।

ଅବପାତ ପ୍ରଭାବରେ ସୋମବାର ସକାଳ ୮.୩୦ ସୁଦ୍ଧା ବାଲେଶ୍ୱରର ଭୋଗରାଇ ଠାରେ ସର୍ବାଧିକ ୨୧୭ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆରେ ୧୬୪ ମିମି, କୁସୁମିରେ ୧୪୪ ମିମି, କପ୍ତିପଦାରେ ୧୩୮ ମିମି, ଜସିପୁରରେ ୧୩୫ ମିମି, ସୁକ୍ରୁଲିରେ ୧୩୪ ମିମି, ରରୌଣାରେ ୧୩୦ ମିମି, ଉଦାଳାରେ ୧୨୫ ମିମି, କେନ୍ଦୁଝର ଜିଲ୍ଲାର ଚମ୍ପୁଆରେ ୧୨୧ ମିମି, ସମ୍ବଲପୁର ଜିଲ୍ଲାର ବଟଗାଁରେ ୧୨୦ ମିମି, ବେତନଟୀ ଓ ବାଲିମୁଣ୍ଡାଳିରେ ୧୧୩ ମିମି, ବାଲେଶ୍ୱରର ଜୟପୁର ଓ ଜଳେଶ୍ୱରରେ ୧୧୨ ମିମି, ବାଲେଶ୍ୱରରେ ୧୦୮ ମିମି, ବାରିପଦାରେ ୧୦୭ ମିମି, ଦେବଗାଁରେ ୧୦୪ ମିମି ବର୍ଷା ରେକର୍ଡ କରାଯାଇଛି ।

ଆସନ୍ତାକାଲି (ମଙ୍ଗଳବାର) ପାଇଁ ସୁନ୍ଦରଗଡ଼, ଝାରସୁଗୁଡା ଓ ବରଗଡ଼ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ହୋଇପାରେ। ଏହି ୩ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାସହ ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲ୍ଲାର ପ୍ରବଳ ବର୍ଷା ହେବାର ସମ୍ଭାବନା ହୋଇଛି। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ କେତେକ ଜିଲ୍ଲାରେ ବର୍ଷ ଜାରି ରହିବାରେ ସମ୍ଭାବନା ଅଛି ।

## ବନ୍ୟାଞ୍ଚଳରେ...

ଯାଇ ଯାଜପୁର ଜିଲ୍ଲାର ଧର୍ମଶାଳାରେ ପହଞ୍ଚିଥିଲେ। କ୍ଷେତ୍ରସ୍ତରରେ ଉପସ୍ଥିତ ରହି ସ୍ଥାନୀୟ ପ୍ରଶାସନ କରୁଥିବା ଉଦ୍ଧାର କାର୍ଯ୍ୟର ତଦାରଖ କରିଛନ୍ତି। ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରିଛନ୍ତି ବିପନ୍ନଙ୍କ ନିକଟରେ ତୁରନ୍ତ ରିଲିଫ, ସ୍ୱାସ୍ଥ୍ୟସେବା ଓ ଜରୁରୀ ଯୋଗାଣ ପହଞ୍ଚାଇବା ସହ ସହାୟତା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ସେହିଭଳି ଦଶରଥପୁର ଅନ୍ତର୍ଗତ କସପା ପଞ୍ଚାୟତ ଓ ତରପଡା ପଞ୍ଚାୟତ ମୁଖ୍ୟମନ୍ତ୍ରୀ ବନ୍ୟାଞ୍ଚଳ ବୁଲିଛନ୍ତି । ରାମଚନ୍ଦ୍ରପୁର, ବାଲଦା, ଦୋଭାବିବ ଗ୍ରାମରେ ଲୋକଙ୍କ ସହ ଆଲୋଚନା କରିଛନ୍ତି। ତରପଡା ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ରିଲିଫ ଖାଦ୍ୟର ତଦାରଖ କରିଛନ୍ତି। ଭଦ୍ରକ ଜିଲ୍ଲାର ତିହିଡି ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ବନ୍ୟାଞ୍ଚଳ ବୁଲି ଦେଖିଛନ୍ତି । ଇଶାନ୍ତପୁର, ଶ୍ୟାମସୁନ୍ଦରପୁର, ବାଲିଘାଇ, କସପା ଆଦି ନିକଟ ଅଞ୍ଚଳର ଲୋକଙ୍କ ସହ ଆଲୋଚନା କରିଛନ୍ତି। ଧାମନଗରପୁର ନିର୍ବାଚନ ମଣ୍ଡଳୀ ଓ ତିହିଡି ଗସ୍ତ କରିଛନ୍ତି । ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତରେ ସାମିଲ ହୋଇଛନ୍ତି । ସ୍ଥାନୀୟ ଜିଲ୍ଲା ପ୍ରଶାସନର ଅଧିକାରୀ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଛନ୍ତି ।

## ବୈତରଣୀରେ...

ମିଲିମିଟର ବର୍ଷା ହୋଇଥିବା ବେଳେ,ଆନନ୍ଦପୁର ଠାରେ ୩୮.୮ ମିଲିମିଟର, ଆଖୁଆପଦା ଠାରେ ୨୯.୮ ମିଲିମିଟର,ସୋମପାଟଣା ଠାରେ ୯୭.୪ ମିଲିମିଟର ଓ ଚମ୍ପୁଆ ଠାରେ ସର୍ବାଧିକ ୧୨୧.୪ମିଲିମିଟର ବର୍ଷା ହୋଇଥିବାର ରେକର୍ଡ କରାଯାଇଛି । ବୈତରଣୀ ନଦୀର ଆଖୁଆପଦା ଠାରେ ବନ୍ୟାଜଳ ବିପଦ ସଙ୍କେତର ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି । ସେଠାରେ ସତର୍କ ସଙ୍କେତ ୧୭.୮୩ ମିଟର ଥିବାବେଳେ ବିପଦ ସଙ୍କେତ ହେଉଛି ୧୮.୩୩ ମିଟର । ସୋମବାର ଦିନ ୧୦ଟା ୨୬ମିନିଟରେ ବନ୍ୟାଜଳ ବିପଦ ସଙ୍କେତ ଅତିକ୍ରମ କରିଥିବାବେଳେ ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ବିପଦ ସଙ୍କେତର ଉର୍ଦ୍ଧ୍ୱରେ ଅର୍ଥାତ ୧୯.୦୭ ମିଟରରେ ପ୍ରବାହିତ ହେଉଛି । ଏହା କ୍ରମଶଃ ବୃଦ୍ଧି ପାଉଥିବା ଧାମନଗର ଜଳସଂପଦ ବିଭାଗରୁ ସୂଚନା ମିଳିଛି । ବୈତରଣୀ ନଦୀର ତୃତୀୟ ବନ୍ୟା ପାଣି ସମ୍ପୂର୍ଣ୍ଣ ଛାଡି ନଥିବାବେଳେ ପୁଣି ଏକ ବନ୍ୟା ତଳିଆ ଅଂଚଳର ଲୋକଙ୍କୁ ଭୟଭୀତ କରିଛି । ଧାମନଗର ବ୍ଲକର ହଜାର ହଜାର ହେକ୍ଟର ଚାଷ ଜମି ବନ୍ୟା ପାଣିରେ ବୁଡି ରହିଥିବାବେଳେ ଲଗାତାର ବନ୍ୟା ଏବର୍ଷ ଚାଷୀଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଇଛି । ଧାମନଗର ଅଂଚଳର ବହୁ ଗ୍ରାମ ଏବେବି ପାଣିଘେରରେ ରହିଛି । ବନ୍ୟା ପରିସ୍ଥିତିର ମୁକାବିଲା କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି । ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ,ଭଦ୍ରକ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଅହରହ ବନ୍ୟାଂଚଳ ଗସ୍ତ କରି ବନ୍ୟା ପରିସ୍ଥିତିର ମୁକାବିଲା କରୁଛନ୍ତି । ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ୬୫ମି.ମି. ବର୍ଷା ହୋଇଛି । ଜଳସ୍ତର ଘଣ୍ଟାପ୍ରତି ୭ ମି.ମି. ବେଗରେ ବୃଦ୍ଧି ପାଉଛି । କଣ୍ଟିଘାଇରେ ୭ଫୁଟ ଉଚ୍ଚତାର ବନ୍ୟାଜଳ ବ୍ୟାପକ ଭାବେ ଜନବସତିକୁ ପ୍ରବାହିତ ହୋଇ ୫ଟି ପଞ୍ଚାୟତକୁ ବୁଡାଇ ଦେଇଛି । ଏହିସବୁ ପଞ୍ଚାୟତର ପ୍ରାୟ ୬୨ହଜାର ଲୋକ ଜଳବନ୍ଦୀ ହୋଇଛନ୍ତି । ହଜାର ହଜାର ହେକ୍ଟର ଚାଷଜମି ବନ୍ୟାଜଳରେ ବୁଡି ରହିଛି । ଭଣ୍ଡାରିପୋଖରୀ-ମଣିନାଥପୁର ପୂର୍ତ୍ତରାସ୍ତା,ବନ୍ଦାଳୋ ଗ୍ରାମ୍ୟ ଉନ୍ନୟନ ରାସ୍ତା ଆଦି ବନ୍ୟାଜଳରେ ବୁଡି ରହି ଯାତାୟାତ ବାଧାପ୍ରାପ୍ତ ହୋଇଛି ।

## ଛାତ୍ରଙ୍କ...

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆଜି ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ଚିଠି ଲେଖିଥିଲେ। ଝାଡ଼ଖଣ୍ଡରେ ଜେପିଏସସି ଓ ଜେଏସଏସସି-ସିଜେଏଲ ପରୀକ୍ଷାରେ ହୋଇଥିବା ଅନୀୟ ମିତତାକୁ ନେଇ ୨୪ ଦିନ ହେଲାଣି ଝାଡ଼ଖଣ୍ଡରେ ପ୍ରତିବାଦ ଚାଲିଛି । ରାହୁଲ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଝାଡ଼ଖଣ୍ଡ ସରକାର ପ୍ରତିବାଦକାରୀଙ୍କ ସହ ଆଲୋଚନା କରନ୍ତୁ । କଂଗ୍ରେସ ଦଳ ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ଶାନ୍ତିପୂର୍ଣ୍ଣ ପ୍ରତିବାଦ ହେଉଛି ଅଧିକାର ବୋଲି ବିଶ୍ୱାସ କରେ। ଏହା ଗଣତନ୍ତ୍ରର ଏକ ପ୍ରମୁଖ ସ୍ତମ୍ଭ । ଆମେ ପ୍ରଶ୍ନପତ୍ର ଲିକ୍ ଓ ଶିକ୍ଷା ବ୍ୟବସ୍ଥାରେ ହୋଇଥିବା ଅନୀୟ ମିତତାକୁ ନେଇ ଚାଲିଥିବା ଛାତ୍ର ଆନ୍ଦୋଳନକୁ ସମର୍ଥନ କରୁଛୁ । ତେବେ ଝାଡ଼ଖଣ୍ଡ ସରକାର ଛାତ୍ରମାନଙ୍କ ସହ ଆଲୋଚନା କରିଥିବାରୁ ଆମେ ଏହାକୁ ସମର୍ଥନ କରୁଛୁ । ମୋର ବିଶ୍ୱାସ ଯେ ପ୍ରତିବାଦକାରୀଙ୍କ ପକ୍ଷରୁ ଯେଉଁ ଦାବି ଉଠିଛି ତାହା ସମ୍ପର୍କରେ ଚୁକ୍ତି କରାଯାଉଛି । କେତେକ ଛାତ୍ର ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନସନରେ ଅଛନ୍ତି । ମୋର ପ୍ରସ୍ତାବ ହେଉଛି ଯେ, ବ୍ୟକ୍ତିଗତ ଭାବେ ପ୍ରତିବାଦକାରୀ ଛାତ୍ରଙ୍କ ପ୍ରତିନିଧି ସହ ବ୍ୟକ୍ତିଗତ ଭାବେ ସାକ୍ଷାତ କରନ୍ତୁ । ସରକାର ସେମାନଙ୍କ ସମାଧାନକୁ ସମାଧାନ କରିବା ପାଇଁ ପ୍ରତିବାଦ ଆଣନ୍ତୁ । ଯୁବକମାନେ ହେଉଛନ୍ତି ଆମ ଦେଶର ଭବିଷ୍ୟତ ଓ ସମ୍ପତ୍ତି । ଏହି ସଙ୍କଟ ସମୟରେ ଆମେ ସେମାନଙ୍କୁ ସହୃଦୟତାର ସହ ଆଲୋଚନା କରିବା ଓ ସମର୍ଥନ ଦେବା । ସୂଚନା ଯୋଗ୍ୟ ଝାଡ଼ଖଣ୍ଡରେ ଜେଏମଏମ ସହ କଂଗ୍ରେସ ମିଳିତ ଭାବେ ସରକାର ଗଠନ କରିଛି । ଏହାଛଡା ରାହୁଲ ତାଙ୍କ ଚିଠିରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ପ୍ରସ୍ତାବ ରଖିଛନ୍ତି ।

## ଇଡି...

କାର୍ଯ୍ୟାନୁଷ୍ଠାନ ନକରିବାକୁ କହିଛନ୍ତି। ଏହି ମାମଲାଟି ଅଗଷ୍ଟ ୨୦ ତାରିଖରେ ଆହ୍ଲାବାଦ ହାଇକୋର୍ଟର ତାଲିକାଭୁକ୍ତ ହୋଇଥିଲା । ବରିଷ୍ଠ ଆଇନଜୀବୀ କପିଲ ଶିବଲଙ୍କ ରାହୁଲଙ୍କ ପକ୍ଷ ରଖି କହିଥିଲେ ଯେ, ଆବେଦନକାରୀ ଏସ ବିଗ୍ନୀସିସିର ତାଙ୍କର ବିଶ୍ୱସ ନିୟତାକୁ ନେଇ କୌଣସି ତଥ୍ୟ ପ୍ରଘଟ କରିନାହାନ୍ତି । ଯାହା ଆଇନ ସମ୍ପର୍କରେ ଅଜ୍ଞ ବୋଲି ଦର୍ଶାଉଛି । ଏହା ଏକ ଉଦ୍ଦେଶ୍ୟମୂଳକ ଘଟଣା ବୋଲି ଯାହାକୁ ଆଇନ ସ୍ୱୀକୃତୀ ଦିଏ ନାହିଁ । ଏହାଛଡା ସିବିଆଇ ଗୁରୁତ୍ୱପୂର୍ଣ୍ଣ ମଧ୍ୟ ପ୍ରଶ୍ନ ଉଠାଉଛନ୍ତି । ସିବିଆଇ ଓ ଇଡି ପକ୍ଷରୁ ଅତିରିକ୍ତ ସଲିସେଟର ଜେନେରାଲ ପକ୍ଷ ରଖିଥିଲେ । ସେ କହିଥିଲେ ଯେ, ସିବିଆଇ ଓ ଇଡି ଏଥିରେ କୌଣସି ଭୂମିକା ନାହିଁ । ଯଦି ଅଭିଯୋଗକାରୀ ଧତବ୍ୟ ଅପରାଧୀ ଦର୍ଶାଇଛନ୍ତି ଯେ, ଏହା ଗୁରୁତର । ଯାହା ପ୍ରକୃତ ନ୍ୟାୟ ମୂଳନୀତି । ଜଷ୍ଟିସ ବାଗଚୀ ତଦନ୍ତକାରୀ ସଂସ୍ଥା ଉପରେ ପ୍ରଶ୍ନ ଉଠାଇ କହିଥିଲେ ଯେ ଯଦି ଏହା ଅତ୍ୟନ୍ତ ଗୁରୁତର ତାହା ହେଲେ ସଂସ୍ଥା ଗୁଡିକ ନୀରବ କାହିଁକି ରହିଥିଲେ । ସେମାନେ କଣ କୋର୍ଟର ନିର୍ଦ୍ଦେଶକୁ ଅପେକ୍ଷା କରିଥିଲେ କି ? ଆଉ କାହିଁକି ପଦକ୍ଷେପ ନେଲେ ନାହିଁ । ସୁପ୍ରିମକୋର୍ଟ କହିଥିଲେ ଯେକୌଣସି ବ୍ୟକ୍ତି ବିରୋଧରେ ଆଦେଶ ଦେବା କାରଣରୁ ସୁଯୋଗ ଦେବା ନାଗରିକ ନ୍ୟାୟର ମୌଳିକ ନିୟମ ଯାହା କରାଯିବ ଉଚିତ ।

## ସାର...

ଏଭଳି କସରତ କରିବା ସମସ୍ତଙ୍କୁ ବ୍ୟଥିତ କରିଛି । ସରକାରୀ ସ୍ତରରେ ସାର ମିଳିବାରେ ବିଳମ୍ବ ହେଉଥିବାରୁ କିଛି ଅସାଧୁ ବ୍ୟବସାୟୀ ଏହାର ଅହେତୁକ ସୁଯୋଗ ନେଉଛନ୍ତି । ବାଧ୍ୟ ହୋଇ ଚାଷୀମାନେ ବାହାର ବଜାରରୁ ଚଢ଼ା ଦରରେ ଅର୍ଥାତ୍ ଏକ ବସ୍ତା ୟୁରିଆ ସାର ୭୦୦ ଟଙ୍କା ଏବଂ ଡିଏପି ସାର ୨୫୦୦ ଟଙ୍କା ଦେଇ କିଣିବାକୁ ବାଧ୍ୟ ହେଉଛନ୍ତି । ଚାଷୀ କୁଳର ଏପରି ଦୟନୀୟ ସ୍ଥିତି ପ୍ରଶାସନର କାର୍ଯ୍ୟକାରିତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତୁରନ୍ତ ସାରର କଳାବଜାରୀ ବନ୍ଦ କରାଯାଇ ସମସ୍ତ ଚାଷୀଙ୍କୁ ସହଜରେ ସାର ଯୋଗାଇବା ପାଇଁ ସାଧାରଣରେ ଦାବି ହେଉଛି ।

# ଶିକ୍ଷୟିତ୍ରୀଙ୍କୁ ପୁନଃ ଅବସ୍ଥାପିତ ଦାବିରେ ଅନଶନ

ଖଇରା (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧିନ ପାଣିସାଉଁଳିସ୍ଥିତ ଦର୍ଶନ ପ୍ରସାଦ ଉପ୍ରା ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟତ୍ରୀ ଲତିକା ଖଟୁଆଙ୍କୁ ରୁଢିଙ୍ଗିଆ ପ୍ରାଥମିକ ବିଦ୍ୟାଳକୟକୁ ବଦଳି କରାଯିବା ପ୍ରତିବାଦରେ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ତରଫରୁ ସୋମବାର ବିଦ୍ୟାଳୟ ସମ୍ମୁଖରେ ଅନଶନ ଆରମ୍ଭ ହୋଇଛି । ପରିଚାଳନା କମିଟିର ସଭାପତି ଅନନ୍ତ ପ୍ରସାଦ ବାରିକଙ୍କ ନେତୃତ୍ୱରେ ୱାର୍ଡସଭ୍ୟ ଚନ୍ଦ୍ରମଣି ମହାନ୍ତି,କମିଟି ସଭ୍ୟ ଶୁଭଲକ୍ଷ୍ମୀ ଜେନା,ମାନସ ରଞ୍ଜନ ମିଶ୍ର, ରମେଶ ଚନ୍ଦ୍ର ଦାସ, ଅନୁସୂୟା ନାୟକ, ଶ୍ରଦ୍ଧାଞ୍ଜଳୀ ରାଉତ, ସବିତା ରଣା, ଅଙ୍ଗନୱାଡି କର୍ମୀ ପ୍ରମୋଦିନି ମଙ୍ଗଲ,ଆଶା କର୍ମୀ ସନ୍ଧ୍ୟାରାଣୀ ମହାନ୍ତି ଙ୍କ ସମେତ ଶତାଧିକ ଅଭିଭାବକ ଏହି ଧାରଣାରେ ସାମିଲ ହୋଇଛନ୍ତି । ବଦଳି ଶିକ୍ଷକଙ୍କୁ ପୁନଃଅବସ୍ଥାପିତ କରାନଯିବା ଯାଏ ଅନଶନ ଜାରି ରହିବ ବୋଲି ଅନଶନକାରୀ ପ୍ରକାଶ କରିଛନ୍ତି । ଉକ୍ତ ବିଦ୍ୟାଳୟରେ ଇଂରାଜୀ ପଢାଉଥିବା ବିଇଡି ତାଲିମପ୍ରାପ୍ତ ଶିକ୍ଷୟତ୍ରୀ ଶ୍ରୀମତୀ ଖଟୁଆ ଙ୍କୁ ରୁଢିଙ୍ଗିଆ ସ୍କୁଲକୁ ବଦଳି କରାଯାଇଥିଲା ।ଖଇରା ଗୋଷ୍ଠୀ ଶିକ୍ଷାଧିକାରିଣୀଙ୍କୁ ଅନୁରୋଧ ପରେ ମଧ୍ୟ ସେ କର୍ଣ୍ଣପାତ ନକରିବାରୁ ସେମାନେ ଅନଶନରେ ବସିବାକୁ ବାଧ୍ୟ ହୋଇଥିଲେ । ତେବେ ପ୍ରଥମ ଦିନ ଶେଷରେ କୌଣସି ଅଧିକାରୀ ଧରାଣାସ୍ଥଳକୁ ଯାଇ ନଥିବା ଜଣାଯାଇଛି ।


**AFFIDAVIT**

I GIRIJA PRIYADARSHANI JENA, D/o. Ashok Kumar Jena, R/o. At/PO: Andhaipally, PS: Bhadrak (R), Dist: Bhadrak, Odisha-756112, I have changed my name to GIRIJA PRIYADARSANI JENA vide Affidavit No. 1770, dated 29/06/2026. Henceforth, I shall be known as GIRIJA PRIYADARSANI JENA instead of GIRIJA PRIYADARSHANI JENA. Both names refer to one and the same person. I shall be known as Girija priyadarsani jena for all future purposes .

**AFFIDAVIT**

By virtue of an affidavit sworn before The Excutive Magistrate, Binjharpur on dtd. 10.08.2026 I Mrs.Saina Khatun, D/O - .SkJalal Akbar, Vill/P.O - Sasanda, Dist - Jajpur, Odisha,Pin 755027 have changed my name from" Payal Sutar" to "Saina Khatun".Henceforth, I shall be known as "Saina Khatun" for all purpose.

Sd/Saina khatun

**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ. eT-M-UGM-PUI-45-2026

କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ ରକ୍ଷଣାବେକ୍ଷଣ ଅବସରରେ କୋଚିଙ୍ଗ୍ ଡିପୋ, ପୁରୀ ଠାରେ BG ରେଲୱେ କୋଚ୍‌ଗୁଡ଼ିକରେ ଅବୋରାକୁ ସାଧାରଣ ସାଜସଜ୍ଜା (General Furnishing), କାଠ୍ରେଇ କାମ (Carpentry), ପାଇପ୍ ଲାଇନ୍ (Plumbing), ସୁଟିଂ ଓ ଯାତ୍ରୀ ସୁବିଧା ଦେଖାଶୁଣା କାର୍ଯ୍ୟ ।

ବିଜ୍ଞାପିତ ମୂଲ୍ୟ(₹) : 10,65,55,816.84, EMD (₹) : 6,82,800.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (₹) : 11,800.00, ଶେଷ ହେବା ଅବଧି : 24 ମାସ ।

ବିକ୍ରି ଆରମ୍ଭ ହେବା ତାରିଖ : ତା.18.08.2026 ରିଖ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.09.2026 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରସ୍ତୁ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର କାଗଜପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଆସିଷ୍ଟାଣ୍ଟ ଡିଭିଜନାଲ ମେକାନିକାଲ ଇଂଜିନିୟର/ପୁରୀ

PR-366/R/26-27

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌର ପରିଷଦ, ଜଟଣୀ
OFFICE OF THE MUNICIPAL COUNCIL : JATANI
13001/1555/2627
ଗ୍ରାମ-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ୭୫୨୦୫୦
E-mail-municipalityjatni@gmail.com, Phone. No. 0674-2490826
No. 6586 / Jatani, Date- 14/08/2026

"E" PROCUREMENT NOTICE

Bid documents consisting of work, estimated cost, cost of tender paper, EMD, time of completion, class of contractor and the set of terms & conditions of contract and other necessary documents can be seen in Govt. website i.e https://tendersodisha.gov.in.

| | | |
|---|---|---|
| 1. | Tender Reference No. | : EO/JMC/ 94/2026-27 |
| 2. | Tender I.D NO. | : 2026_ORULB_138313 |
| 3. | Name of the Work | : Civil construction work as mentioned in website |
| 4. | No. of works | : 01 No. |
| 5. | Estimated Cost | : Rs. 6224668.85/- |
| 6. | Period of Completion | : 180 days |
| 7. | Date and time of bidding | : 10.00 AM of 17.08.2026 to 5.30 PM of 07.09.2026 |
| 8. | Last date and time for receipt of bids in the portal | : 07.09.2026 upto 5.30 PM |
| 9. | Bids received online shall be opened on | : 08.09.2026 at 11.30 AM |
| 10 | Name and address of the Officer inviting Bid | : Executive Officer, Jatani Municipality |

Further details can be seen from the procurement portal i.e. https://tendersodisha.gov.in

Sd/- Executive Officer
Jatni Municipality

OIPR : 13001/13041/1/26-27/0021

25001/948/2627
GOVERNMENT OF ODISHA
RURAL WATER SUPPLY & SANITATION ORGANISATION
OFFICE OF THE SUPERINTENDING ENGINEER,
RWS&S DIVISION, ANGUL:AT:TALCHER
At- Beghuabole, Po.- Hatatota, Talcher, Dist.- Angul, Pin- 759100 (Ph. No./Fax-06760-240762, E-mail: eerwssang@gmail.com)
INVITATIONS FOR BIDS (IFB) [e-Procurement]
Bid Identification No. 12/SE/RWSS/2026-27 Dt. 13.08.2026

| | | |
|---|---|---|
| 1 | The Superintending Engineer, RWS&S Division, Angul on behalf of Governor of Odisha invites lump sum bid in DOUBLE cover system in ONLINE MODE from eligible contractors for pipe line work in Angul District. | |
| 2 | Name of the work | : PWS Work. |
| 3 | No. of Work | : 03 (Three) Nos. |
| 4 | Value of the Work | : Rs. 50.71 Lakhs to Rs. 66.40 Lakhs |
| 5 | Concerned tender inviting authority | : Superintending Engineer, RWS&S Division, Angul :at: Talcher |
| 6 | Security amount (Rs.) (Online) | : Nil |
| 7 | Cost of Bid documents (Rs.) (Online) | : Rs. 10,000/- |
| 8 | Class of Bidder | : "B" Class |
| 9 | Period of Completion | : 120 days |
| 10 | Availability of bid documents in the website | : From date. 25.08.2026 at 11.00 A.M to date. 07.09.2026 till 5.30 P.M |
| 11 | Last Date & Time of seeking tender clarification | : Up to 02.09.2026 till 5.30 P.M |
| 12 | Date of Opening of Bid | : On date. 08.09.2026 at 12.00 Noon |

The bidders have to participate in the tender through ONLINE bidding only. Further details can be had from the website i.e http://tendersorissa.gov.in. Subsequent corrigendum / addendum if required shall only be appeared in the above website.

Sd/- Superintending Engineer
RWS&S Division, Angul : at : Talcher

OIPR : 25001/25195/1/26-27/0004

GOVERNMENT OF ODISHA : OFFICE OF THE SUPERINTENDING ENGINEER
MINOR IRRIGATION DIVISION, KHORDHA
Tel No (06755) 221502 E-mail: eemidkhurda@yahoo.co.in
Letter No. 3760 — Dt. 14.08.2026
32001/696/2627
Invitation for Bids
Bid Identification No. SEMIDKHD 09/2026-27

| | | |
|---|---|---|
| 1. | The Superintending Engineer, Minor Irrigation Division. Khordha, on behalf of the Governor of Odisha.invites Percentage Rate Bids in Single Cover system in Online Mode only for civil works in MIPs under Impt.To Diversion Wier Scheme as detailed in the table below from the eligible Class of Contractors. | |
| 2. | Nature of Work | : Civil works in MIPS under Impt. To D/W Scheme in different Blocks of Khordha District. |
| 3. | No.of Works | : 09 (NINE) Nos.Only |
| 4. | Estimated.Cost | : Rs.20.87 to 41.25 Lakhs |
| 5. | Cost of Bid Document | : Rs.6000/-through online) only. |
| 6. | Class of Contractor | : "C" and"B" Class as applicable |
| 7. | Availability of Bid Documents Online | : 10.30A.M of Dt.19.08.2026 to 5.30P.M of Dt.28.08.2026 |
| 8. | Last Date and Time for receipt of Bids in the Portal | : 5.30 P.M of Dt. 28.08.2026 |
| 9. | Date of Opening of Bids | : 11.30A.M of Dt.29.08.2026. |
| 10. | The Bidders shall have to participate in online bidding only. Further details can be seen from the website https://tenders odisha.gov.in. Any addendim/ Cnrrigendum / Canceliation of Bid can also be seen in the said website.The Authority reserves the right to defer/reject/accept any or all the bids without assigning any reason whatsoever. The Authority shall in no way be held liable for such action nor will make any obligation to inform the Bidder the ground for the same. | |

OIPR : 32001/32042/1/26-27/0006 — Sd/- Superintending Engineer Minor Irrigation Division, Khordha.

E-Mail- eerwel_bbsr @yahoo.co.in
GOVERNMENT OF ODISHA : OFFICE OF THE EXECUTIVE ENGINEER
RURAL WORKS ELECTRICAL DIVISION BHUBANESWAR
25001/943/2627
e-Procurement Notice No -EERWELBBSR- 21/2026-27

| | | |
|---|---|---|
| 1. | Name of the work | (i) Electrical installation work for shifting of Line and S/S due to Construction of Bridge over river Dhanua on Danapada to Belamara road Under R.W.E.S Khordha.8.07 lakhs.<br>(ii) Electrical installation work for shifting of 11KV OH line due to construction of High Level Bridge over river Dhanua at- Krushnapur ch.7.23Km on Chanahat Rajas road to Balanga road Under R.W.E.S Khordha 5.88 lakhs.<br>(iii) Supply Installation, Testing & Commissioning of Fire Fighting, Fire Detection, PA System and Fire Extinguisher Under R.W.E.S Jagatsinghpur-23.52 lakhs. |
| 2. | Estimated Cost | 5.88 to 23.52 lakhs (Excluding GST) |
| 3. | Periodof completion | 180 days |
| 4. | Date and time of availability of Bid documents in the portal | From Dt. 19.08.2026 at 12.00 A.M.to Dt.28.08.2026 up to 5.00 P.M |
| 5. | Date & Time of opening of tender | Dt. 29.08.2026 at 01:00 P.M. |
| 6. | Procurement officer/ Name and address of the officer inviting Bids. | Executive Engineer, R.W EL.DIVN.BBSR At- 1st floor of Divn. Complex, Rasulgarh Behind Esplanade Mall. Dist. -Khordha Odisha. Pincode-751010 |

Further details can be seen from the Govt. Website www..tenderorissa.gov.in

Sd/- Executive Engineer
Rural Work Electrical Division, Bhubaneswar

OIPR : 25001/25168/1/26-27/0009

GOVT. OF ODISHA : DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
DRAINAGE DIVISION, JAGATSINGHPUR-754103
32001/701/2627
e-procurement Notice No. SEDD-JSPUR-05/2026-27
email Id :- eeddjspur@gmail.com

| | | |
|---|---|---|
| 1. | Total number of works | : 06 (Six) nos. of Package |
| 2. | Bid Identification No. | : As per DTCN |
| 3. | Estimated Cost | : Rs.16.44 lakhs to 85.95 lakhs |
| 4. | Period of completion | : 10 (Ten) Calendar Month |
| 5. | Availability of Tender On - Line. | : From 18.08.2026 at 16.30 Hours to 01.09.2026 upto 17.30 Hours. |
| 6. | Date of Opening of Technical Bid. | : 02.09.2026 at 11.30 Hours in the O/o the Superintending Engineer, Drainage Division, Jagatsinghpur. |
| 7. | Class of Contractor | : "C" & "B" Class & "C" & "D" |
| 8. | EMD required | : As per DTCN. |
| 9. | Cost of Tender paper | : Rs.10,000/- & Rs.6,000/- |
| 10. | Procurement Officer | : Superintending Engineer, Drainage Division, Jagatsinghpur-754103 |

Tender will be accepted if registered in the CDMS Portal.

Further details can be seen from the Govt, web site www.tendersorissa.gov.in. Addendum / Corrigendum/ Cancellation if any required will be published only in Govt, web site www.tendersorissa.gov.in

Sd/- Superintending Engineer
Drainage Division, Jagatsinghpur

OIPR : 32001/32568/1/26-27/0002

OFFICE OF THE PROJECT DIRECTOR (R&R),
BRUTANGA IRRIGATION PROJECT, DASHAPALLA, NAYAGADA.
Email: pdrrbrutanga@gmail.com
Notice No. 01/PDRR/2026-27 — Date. 13.08.2026.
NOTICE INVITING RFP(Request for Proposal)
32001/704/2627
Bid Identification No- PD(R&R)-RFP-01/2026-27

Requests for Proposal are invited from the eligible govt, registered firms for conducting Socio economic survey of 41 villages (Fully Submerged and Partially Submerged) under Brutanga Irrigation project. Dashapalla.

| | | |
|---|---|---|
| 1 | The PROJECT DIRECTOR(R&R), Brutanga Irrigation Project, Dashapalla, Nayagada on behalf of the Collector, Nayagada invites sealed Bids from reputed organization (Govt. or Pvt. or autonomous or institution or NGO) of State and National repute for "ENGAGEMENT OF FACILITATING AGENCY FOR SURVEY & CENSUS, PREPARATION OF REHABILITATION & RESETTLEMENT SCHEME AND VILLAGE WISE SURVEY REPORT OF BRUTANGA IRRIGATION PROJECT, DASHAPALLA, NAYAGADA IN 41 NO'S OF VILLAGES UNDER Brutanga Irrigation Project, Dashapalla as details in the scope of work in this Tender. The interested and eligible organizations with valid Registration Certificate as a Society / Trust / Cooperative, as detailed in Tender, may participate in this Tender process for the same in OFF-ONLINE mode. (For details visit website: www.nayagada.odisha.gov.in.) | |
| 2 | Name of the Work | Carrying of Proposal for adoption of Direct selection/single source selection for engagement of an Agency to conduct the Socio economic survey of villages under Brutanga irrigation project. Dashapalla. |
| 3 | Tender Paper Cost | Rs. 10.000/-( non-refundable) to be submitted in shape of DD from Nationalized /Scheduled Bank Drawn in Favour of "The Project Director (R&R). Brutanga Irrigation Project. Dashapalla". |
| 4 | Security Deposit | Rs. 1. 00.000/- to be submitted in shape of DD from Nationalised /Scheduled Bank Drawn in favour of 'The Project Director (R&R). Brutanga Irrigation Project, Dashapalla". |
| 5 | Place Where Works will be executed | Socio economic survey of 41 villages under Brutanga irrigation project. Dashapalla. Nayagada, Odisha( for more details see tender documents) |
| 6 | Availability of BID Document in the Website | Dt.21.08.2026 to Dt. 17.09.2026 |
| 7 | Last Date of Receipt of BID | Dt. 17.09.2026 up to 5:00 PM |
| 8 | Pre BID Meeting | Dt. 10.09.2026 |
| 9 | Date of Opening of Technical BID | Dt. 18.09.2026 at 11.00AM |
| 10 | Mode of Receipt of BIDs | Through Speed Post/Registered Post (Indian Post) & No other means. Address/ At-Office of The Project Director (R&R), Brutanga Irrigation Project. Dashapalla. Nayagada near KPD Women's College Pin-752084 |

Sd/- Project Director (R&R),
Brutanga Irrigation Project.
Dashapalla. Nayagada

OIPR : 32001/32544/1/26-27/0001

OFFICE OF THE DHENKANAL MUNICIPAL COUNCIL
DHENKANAL
13001/1557/2627
E-Procurement Notice
Tender Call Notice No.2678/DKLMPLTY/Date 13/8/2026

| | | |
|---|---|---|
| 1. | Name of the Work | : Individual Civil Construction work Published the www.tenderodisha.gov.in website. |
| 2. | No of works put to tender | : 5 Nos. of individual works |
| 3. | Estimated cost | : Rs.12.55 Lakhs to 31.14 Lakhs |
| 4. | Period of completion | : 90 Days. |
| 5. | Date and time of availability | : from 11.00 hours of Dt.17.08.2026 to 17.30 of Dt.31.08.2026 of bid document in the portal. |
| 6. | Last date/Time for receipt of bids | : 17.30 hours of Dt.31.08.2026 |
| 7. | Date and time of opening of bid | : 11.00 hours of Dt. 01.09.2026 |
| 8. | Name and address of the Officer Inviting Bid | : Executive Officer, Dhenkanal Municipality, Dhenkanal |

Further details can be seen from the e-procurement portal https://tendersorissa.gov.in

Sd/- Executive Officer
Dhenkanal Municipality

OIPR : 13001/13146/1/26-27/0009

ZILLA SWASTHYA SAMITI, KANDHAMALA
(Under National Health Mission)
Office of the CDM&PHO-cum- District Mission Director,
10001/465/2627
NHM, Kandhamal, Odisha, 762001
Adv. No. 8103 Date: 11/08//2026
NOTICE INVITING RFP FOR PROVIDING PEST CONTROL SERVICE

Notice Inviting RFP for Providing Pest Control Service in The Office of the Chief District Medical & Public Health Officer Kandhamal from different agencies for Providing Pest Control Service to different health facilities including DHH in the district Kandhamal District. The RFP document with all information relating to the RFP process such as cost of tender paper, EMD, Eligibility Criteria, Terms & Conditions, etc. are available on the district website https://kandhamala.odisha.gov.in which may be downloaded for use. Interested agencies / parties may submit their tenders superscribing as "RFP for Providing Pest Control Service to the undersigned through Speed Post/ Registered Post/ Courier only, which should reach on or before 5.00 PM of 11.09.2026 positively and the same will be opened at 11:00 A.M. of 23.09.2026 in presence of the Participants, who wish to attend the RFP Opening Meeting. The undersigned reserves the right to reject any or all the tenders without assigning any reason thereof.

Sd/- CDM & PHO,
Kandhamal

OIPR : 10001/10015/1/26-27/0005

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ ନମ୍ବର-୩, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା
ଓ.ଏସ.ଏସ. ମୋକଦ୍ଦମା ନମ୍ବର-୧୩୫୫/୨୦୨୧
ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ନୋଟିସ (ସି.ପି.ସି. ଅର୍ଡର ୫ ରୁଲ ୨୦ ମୁତାବକ)

୧. ତାରାକାନ୍ତ ମିଶ୍ର, ବୟସ-୫୭ ବର୍ଷ, ପିତା- ଧୀରେନ୍ଦ୍ର ନାଥ ମିଶ୍ର, ୨. ଶ୍ରୀମତୀ ନମିତା କୁମାରୀ ମହାପାତ୍ର, ବୟସ-୫୯ ବର୍ଷ, ସ୍ୱାମୀ-ଚନ୍ଦ୍ରଭାନୁ ମିଶ୍ର, ଉଭୟଙ୍କ ବାସସ୍ଥାନ ଗ୍ରା-ବରାହିପୁର, ପୋ-ଭେଟା, ଥା-ମାହାଙ୍ଗା, ଜି-କଟକ................ ବାଦୀ

ବନାମ

ପ୍ରାପ୍ତେଷୁ :

ପ୍ରତିବାଦୀ ନଂ-୧. କଳ୍ପତରୁ ମଙ୍ଗରାଜ, ପିତା-ହରମୋହନ ପାତ୍ର ୨. ଲିଙ୍ଗରାଜ ମଙ୍ଗରାଜ, ୩. ବିନୋଦ ମଙ୍ଗରାଜ ଉଭୟଙ୍କ ପିତା- ଭ୍ରମର ମଙ୍ଗରାଜ ୪. ଇରମ ମଙ୍ଗରାଜ, ସ୍ୱାମୀ- ପୁରୁଷୋତ୍ତମ ମଙ୍ଗରାଜ ୫. ଚିତ୍ର ରାଉତରାୟ, ସ୍ୱାମୀ- ଅଭିରାମ ରାଉତରାୟ ୬. ନିଧି ମଙ୍ଗରାଜ, ପିତା-ପଦନ ମଙ୍ଗରାଜ ୭. ନିତ୍ୟାନନ୍ଦ ମଙ୍ଗରାଜ ୮. କ୍ଷେତ୍ରବାସୀ ମଙ୍ଗରାଜ ଉଭୟଙ୍କ ପିତା- ନରୋତ୍ତମ ମଙ୍ଗରାଜ ୯ ଶରତ ମଙ୍ଗରାଜ, ପିତା- ବାଞ୍ଛାନିଧି ମଙ୍ଗରାଜ ୧୦. କୁବେର ମଙ୍ଗରାଜ, ପିତା-ନଟ ମଙ୍ଗରାଜ ୧୧. ଘନ ମଙ୍ଗରାଜ ୧୨. କାହ୍ନୁ ମଙ୍ଗରାଜ ଉଭୟଙ୍କ ପିତା- ମନି ମଙ୍ଗରାଜ ୧୩. ଇଶ୍ୱର ମଙ୍ଗରାଜ, ପିତା- ମଦନ ମଙ୍ଗରାଜ ୧୪. ଭାଗବତ ମଙ୍ଗରାଜ, ପିତା-ବିଦ୍ୟାଧର ମଙ୍ଗରାଜ ୧୫. ଲକ୍ଷ୍ମୀଧର ମଙ୍ଗରାଜ, ପିତା-ସୁରଥ ମଙ୍ଗରାଜ ୧୬. ସରଦାରୀ ମଙ୍ଗରାଜ ୧୭. ବଂଶୀଧର ମଙ୍ଗରାଜ ଉଭୟଙ୍କ ପିତା- ଯୋଗୀ ମଙ୍ଗରାଜ ୧୮. ହରି ମଙ୍ଗରାଜ ୧୯. ବଳରାମ ମଙ୍ଗରାଜ ୨୦. ଯୁଧିଷ୍ଠିର ମଙ୍ଗରାଜ ସମସ୍ତଙ୍କ ପିତା-ବୃନ୍ଦାବନ ମଙ୍ଗରାଜ ୨୧ କୁଣ୍ଡି ମଙ୍ଗରାଜ, ସ୍ୱାମୀ-ମଦନ ମଙ୍ଗରାଜ ୨୨. ସୁଦର୍ଶନ ମଙ୍ଗରାଜ, ପିତା-ଲିଙ୍ଗରାଜ ମଙ୍ଗରାଜ ପ୍ରତିବାଦୀ ନଂ-୧ ଠାରୁ ୨୨ଙ୍କର ବାସସ୍ଥାନ : ପୋ/ଥା-ଚନ୍ଦକା, ଜି-ଖୋର୍ଦ୍ଧା, ପିନ-୭୫୧୦୦୩ ୨୩. ବିଶ୍ୱରଂଜନ ନାୟକ, ପିତା-ଦୀଉବର ନାୟକ ୨୪. ମମତା ସ୍ୱାଇଁ, ସ୍ୱାମୀ- ବିଶ୍ୱରଂଜନ ନାୟକ, ଉଭୟଙ୍କ ଗ୍ରାମ- ନୂଆ ରାଉଷ ପାଟଣା, ପୋ/ଥା-ପୁରୀଘାଟ, ପିନ-୭୫୩୦୦୯, ୨୫. ଗାୟତ୍ରୀ ସାମଲ, ସ୍ୱାମୀ- ରଶ୍ମିକାନ୍ତ ସାମଲ, ସା/ପୋ/ଥା-କୁଚିଣ୍ଡା, ଜି-ସମ୍ବଲପୁର ୨୬. ଶ୍ୟାମ ପ୍ରସାଦ ରଥ, ପିତା-କୃଷ୍ଣ ଚନ୍ଦ୍ର ରଥ, ସା/ପୋ-ପୀତାମ୍ବରପୁର ଶାସନ, ଥା-ବାଙ୍କି, ଜି-କଟକ, ୨୭. ଦୀପ୍ତି ଷଡ଼ଙ୍ଗୀ, ସ୍ୱାମୀ-ରଥୀନ୍ଦ୍ର ଷଡ଼ଙ୍ଗୀ, ସା-ରାଜେନ୍ଦ୍ର ନଗର, ପୋ/ଥା-ନୟାପଲ୍ଲୀ, ଜି-ଖୋର୍ଦ୍ଧା, ୭୫୧୦୧୨...... ପ୍ରତିବାଦୀମାନେ ।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କୁ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ବାଦୀମାନେ ନିମ୍ନୋକ୍ତ ଜମିକୁ ଦଖଲ ଓ ଦଖଲ ଦୃଷ୍ଟେ ରେକର୍ଡ କରିବା ପାଇଁ ଉକ୍ତ ରିଭିଜନ କେସ ଦାଖଲ କରିଛନ୍ତି । ଉକ୍ତ ପ୍ରତିବାଦୀଙ୍କୁ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ପଠାଯାଇଥିଲେ ହେଁ ନୋଟିସ ଜାରି ନହୋଇ ଫେରି ଆସିଛି । ଇତିମଧ୍ୟରେ ଉକ୍ତ କେସର ଶୁଣାଣି ଆସନ୍ତା ୨୪.୯.୨୦୨୬ ଦିବା ୩/୩୦ ଘଟିକାକୁ ସ୍ଥିର କରାଯାଇଛି । ଜମିର ବିବରଣୀ ନିମ୍ନରେ ବର୍ଣ୍ଣନା କରାଗଲା ।

ଜମିର ବିବରଣୀ
ମୌଜା-ସୁନ୍ଦରପୁର, ଥା-ଚନ୍ଦକା, ନଂ-୪୧, ତହସିଲ-ଭୁବନେଶ୍ୱର, ଜି-ଖୋର୍ଦ୍ଧା

| | ଖାତା ନଂ | ପ୍ଲଟ ନଂ | ରକବା | ସତ୍ୱ | କିସମ |
|---|---|---|---|---|---|
| ସାବକ | ୧୮ | ୧୦ | ଏ.୦.୨୧୨ ଡି. ଏ. ୮.୪୫୦ଡି ସ୍ୱକୁ | ସ୍ଥିତିବାନ | ବଗାୟତ ଦୁଇ |
| ହାଲ | ୨୨ | ୧୦୯୬ | ଏ. ୦.୧୧୮ ଡି. ଏ. ୦.୧୩୦ ଡି ସ୍ୱକୁ | ସ୍ଥିତିବାନ | ବଗାୟତ ଦୁଇ |

ଏଣୁ ମୃତ ଥିବା ବ୍ୟକ୍ତିଙ୍କର ଉତ୍ତରାଧିକାରୀମାନେ ଓ ଅନ୍ୟ ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସର ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରି ପକ୍ଷ ରଖିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଲକ୍ଷ୍ମୀଧର ନାୟକ / କୋର୍ଟ ଅଫିସର


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୭୬୨୨, କେନ୍ଦୁଝର-ରବିନାରାୟଣରାଜ୍-୯୪୩୭୩୩୭୧୦୦, ମାଲକାନଗିରି-କେଶବନାୟକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### "ଦେଶର ପରବର୍ତ୍ତୀ ପିଢ଼ି ଗଢ଼ିବା ବିଶ୍ୱବିଦ୍ୟାଳୟ ଗୁଡ଼ିକର ଦାୟିତ୍ୱ'

## ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ସ୍ୱାଧୀନତା ଦିବସ

କଟକ, (ସ୍ୱପ୍ର): ଆଜି ପଶ୍ଚିମ ଏସିଆ ଯୁଦ୍ଧର ଘନଘଟା ମଧ୍ୟରେ ଆଶାନ୍ତ ହୋଇ ଉଠିଥିବା ବେଳେ ଆମ ଦେଶ କିନ୍ତୁ ସଶକ୍ତ ଭାରତ ଭାବରେ ଉଭା ହେଉଛି । ଦେଶର ପରବର୍ତ୍ତୀ ପିଢ଼ି କିଭଳି ହେବେ ତାହା ନିର୍ଦ୍ଧାରଣ କରିବା, ସେମାନଙ୍କୁ ଗଢ଼ିବା ବିଶ୍ୱବିଦ୍ୟାଳୟ ଗୁଡ଼ିକର ପ୍ରମୁଖ ଦାୟିତ୍ୱ । ବିଦ୍ୟାର୍ଥୀମାନେ ମଧ୍ୟ ଯେ କୌଣସି କ୍ଷେତ୍ରରେ କାର୍ଯ୍ୟ କରନ୍ତୁ ନା କାହିଁକି, ସମ୍ପୃକ୍ତ କ୍ଷେତ୍ରର ଜଣେ ଜଣେ ନେତା ଭାବରେ ନିଜକୁ ପ୍ରତିପାଦିତ କରନ୍ତୁ । ୮୦ ତମ ସ୍ୱାଧୀନତା ଦିବସରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିବା ଅବସରରେ ନିଜ ଅଭିଭାଷଣରେ କିଛି ଏପରି କହିଛନ୍ତି କୁଳପତି ପ୍ରଫେସର (ଡ.) ତେଜ ପରତାପ । ଏଥିରେ ବିଶ୍ୱବିଦ୍ୟାଳୟ



ନିରାପତ୍ତା ବାହିନୀ, ସମର ଶିକ୍ଷାର୍ଥୀ ବାହିନୀ, ରୋଭର୍ସ-ରେଞ୍ଜର୍ସ ଏବଂ ରେଡକ୍ରସ୍ କ୍ୟାଡେଟମାନଙ୍କୁ ସହକାରୀ ନିରାପତ୍ତା ଅଧିକାରୀ ବି. ବି. ଷଡ଼ଙ୍ଗୀ ମାର୍ଚ୍ଚପାଷ୍ଟ କରାଇଥିଲେ । ନିରାପତ୍ତା ଅଧିକାରୀ ସୁବେଦାର ଯାଦବ କୁଳପତିଙ୍କୁ ପତାକା ଉତ୍ତୋଳନ ସ୍ଥଳକୁ ପାଛୋଟି ନେଇଥିଲେ । ପତାକା ଉତ୍ତୋଳନ ପରେ ବିଶ୍ୱବିଦ୍ୟାଳୟର ପରଫର୍ମିଂ ଆର୍ଟ୍ସ ବିଭାଗ ବିଦ୍ୟାର୍ଥୀମାନେ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରିଥିଲେ । ଏହି ଅବସରରେ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟଙ୍କ ସହ ସମସ୍ତ ବିଭାଗର ଡିନ୍ ଏବଂ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ । ଦୁଇ ବିଦ୍ୟାର୍ଥୀ ଖୁସି ଚାନ୍ଦଗଡ଼କର ଏବଂ ଆନନ୍ଦ କ୍ରିଷ୍ଣନ୍ ମଞ୍ଚ ପରିଚାଳନା କରିଥିଲେ ।

## ମଦ ଜବତ, ୩ ଗିରଫ

ଖଇରା, (ସବ୍ୟ): ବାଲେଶ୍ୱର ଅବକାରୀ ଅଧିକ୍ଷକ ଶେଖ ଅସଫ ଅଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ ଗରସଙ୍ଗ ଓ ଅନ୍ତରା ଗ୍ରାମରେ ଚଢ଼ାଉ କରାଯାଇ ୧୫୦ ଲିଟର ଦେଶୀ ମଦ ଓ ୫.୪୦୦ ଲିଟର ବିଦେଶୀ ମଦ ଜବତ କରାଯିବା ସହିତ ଅନ୍ତରା ଗ୍ରାମର ରମାକାନ୍ତ ସାହୁ ଏବଂ ଗରସଙ୍ଗ ଗ୍ରାମର ମନୋରଞ୍ଜନ ବାରିକ ଓ ଗଗନ ବିହାରୀ ବେହେରା ଓରଫ ଗଙ୍ଗାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଲ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୩ ଗୋଟି ମାମଲା ରୁଜୁ କରାଯାଇଛି ।

## ଚାଷୀଙ୍କୁ ହଇରାଣ କରୁଛନ୍ତି ସରକାର: କଂଗ୍ରେସ

ଭୁବନେଶ୍ୱର, (ସବ୍ୟ): ଚାଷୀଙ୍କ ପ୍ରତି ସରକାରଙ୍କ ସାବତ ପୁଅ ବ୍ୟବହାରକୁ ନେଇ କଂଗ୍ରେସ ଭବନଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଏଆଇସିସି ମୁଖପାତ୍ର ଡଃ ହମିଦ ହୁସେନ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ଓ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ମତା ରଖିଥିଲେ । ମୁଖପାତ୍ର ଡ଼ ହୁସେନ କହିଥିଲେ, ଓଡ଼ିଶା ସରକାରଙ୍କର ଚାଷୀମାନଙ୍କୁ ହଇରାଣ କରିବାର ଏକ ବହୁମୁଖୀ ଆଭିମୁଖ୍ୟ ରହିଛି ବୋଲି କହିଥିଲେ । ମୁଖ୍ୟତଃ ଏମଏସପି , ବୋନସ, ବୀମା ଏବଂ ସବସିଡିର ପ୍ରତିଶ୍ରୁତିବଦ୍ଧ ସହାୟତା ପୂରଣ ନକରିବା ଏବଂ ବହୁସ୍ତରୀୟ ଦୁର୍ନୀତି ତଥା ଶୋଷଣମୂଳକ କାର୍ଯ୍ୟକଳାପ ଯୋଗୁଁ ଏହା ଘଟୁଛି ।

ପ୍ରଥମ ଆକ୍ରମଣ ହେଉଛି ଚାଷୀଙ୍କ ପଞ୍ଜୀକରଣ ପ୍ରକ୍ରିୟାକୁ ଜଟିଳ କରାଯାଉଛି । ପ୍ରତିଥର ଏହି ବିଷୟକୁ ଅଧିକ ଜଟିଳ କରିବା ପାଇଁ ନୂଆ ଏବଂ କଠିନ ସର୍ତ୍ତ ଅଣାଯାଉଛି । ଟୋକନ ଜାରି କରିବା ପାଇଁ ପ୍ରତିବର୍ଷ ପଞ୍ଜୀକରଣ କରିବାର କୌଣସି ଆବଶ୍ୟକତା ନାହିଁ । ଏହା ବଦଳରେ ପ୍ରତିବର୍ଷ ସାମାନ୍ୟ ସଂଶୋଧନ କଲେ ଉଦ୍ଦେଶ୍ୟ ପୂରଣ ହୋଇପାରିବ । ଏହା ବ୍ୟତୀତ,




ଏଗ୍ରି-ଷ୍ଟାକ ଚାଷୀଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଛି । ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ପତ୍ର ଜାରି କରିବା ଏବଂ ଟୋକନ ଜାରି ପାଇଁ ଚାଷୀଙ୍କ ପଞ୍ଜୀକରଣ ସହ ଏହାକୁ ସଂଯୋଗ କରିବା ଉଦ୍ଦେଶ୍ୟରେ ଏହା ପ୍ରତିଷ୍ଠା କରାଯାଇଛି । ଏହି ପ୍ରକ୍ରିୟାର ସରଳୀକରଣ ଆବଶ୍ୟକ ଏବଂ ପ୍ରକୃତ ଦାୟାଦମାନଙ୍କୁ କାର୍ଡ ଜାରି କରିବା ପାଇଁ କେବଳ ସାଧାରଣ ଉତ୍ତରାଧିକାରୀ ପ୍ରମାଣପତ୍ର ହିଁ ଯଥେଷ୍ଟ ହେବା ଉଚିତ । ଚାଷୀମାନଙ୍କୁ ସରକାରୀ ନିୟମକାନୁନରେ ଛନ୍ଦି ରଖିବା ପରିବର୍ତ୍ତେ, ବିଶେଷ କରି ଚାରିଆଡ଼େ ବନ୍ୟା ଯୋଗୁଁ ସୃଷ୍ଟି ହୋଇଥିବା ଏହି ଦୁର୍ଦ୍ଦଶା ସମୟରେ ସେମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ଉଚିତ । ଏହା ସହିତ ସାର ବଣ୍ଟନରେ ବ୍ୟାପକ ଦୁର୍ନୀତି ଏବଂ ଅପାରଗ ବ୍ୟବସ୍ଥା ମଧ୍ୟ ଯୋଡ଼ି ହୋଇଛି । ଲୋକଙ୍କ ସେବା କରିବାକୁ ଥିବା ରାଜନୈତିକ କାର୍ଯ୍ୟନିର୍ବାହୀ ଏବଂ ଅମଲାତନ୍ତ୍ର, ଚାଷୀଙ୍କ ଶୋଷଣର ମାଧ୍ୟମ ସାଜିଛନ୍ତି ।

ଚାଷୀଙ୍କ ଗଭୀର କ୍ଷତରେ ଲୁଣ ଛିଞ୍ଚି କୃଷିମନ୍ତ୍ରୀ ଏବଂ ନାଗରିକ ଯୋଗାଣ ମନ୍ତ୍ରୀମାନେ ଚାଷୀଙ୍କ ପ୍ରତି ଉଦାସୀନ ଏବଂ ଦାୟିତ୍ୱହୀନ ମନୋଭାବ ପ୍ରଦର୍ଶନ କରି ଉତ୍ତେଜନାମୂଳକ ବିବୃତି ଦେଉଛନ୍ତି । କୃଷି ମନ୍ତ୍ରୀ କହିଛନ୍ତି ଯେଉଁମାନେ ଗଞ୍ଜେଇ ଚାଷ କରୁଛନ୍ତି ଏବଂ ବନ୍ୟା ଦ୍ୱାରା ପ୍ରଭାବିତ ଫସଲଗୁଡ଼ିକୁ ଯୁରିଆ ବ୍ୟବସ୍ଥାରୁ ବାଦ ଦିଆଯିବ ବୋଲି କହିବା ଅତ୍ୟନ୍ତ ନିନ୍ଦନୀୟ । ଏହା ଦର୍ଶାଉଛି ଯେ ସରକାରଙ୍କ ପାଖରେ ଗଞ୍ଜେଇ ଚାଷୀଙ୍କ ସୂଚନା ରହିଛି, ତେବେ ଏହାକୁ ରୋକିବା ପାଇଁ ସେ କଣ ପଦକ୍ଷେପ ନେଉଛନ୍ତି । ପ୍ରତ୍ୟେକ ଚାଷୀଙ୍କ ପାଖରେ ସେମାନଙ୍କ ଜମି ପରିମାଣ ଅନୁପାତରେ ଟୋକନ ପହଞ୍ଚିବା ନିଶ୍ଚିତ କରାଯିବା ଉଚିତ ।

### ଆଇଟି ସଚିବ ଓକାକ ଟେଣ୍ଡରର ଦୁର୍ନୀତିର ମାଷ୍ଟର ମାଇଣ୍ଡ : ଯୁବ କଂଗ୍ରେସ

## ୨୧ରେ ଓକାକ୍ କାର୍ଯ୍ୟାଳୟ ଘେରିବ ଯୁବ କଂଗ୍ରେସ

ଭୁବନେଶ୍ୱର, (ସବ୍ୟ): ଓଡ଼ିଶାର ଗଣଶିକ୍ଷା ବିଭାଗ, ଆଦର୍ଶ ବିଦ୍ୟାଳୟ ପ୍ରଭୃତିକୁ ଉନ୍ନତ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସମ୍ପନ୍ନ କରିବା ଆଳରେ ରାଜ୍ୟ ସରକାର ହଜାର ହଜାର କୋଟି ଟଙ୍କାର ଟେଣ୍ଡର କରାଇ ବ୍ୟାପକ ଅର୍ଥ ହରିଲୁଟ କରିବାକୁ ଷଡଯନ୍ତ୍ର କରିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଂଜିତ ପାତ୍ର ଅଭିଯୋଗ କରିଛନ୍ତି । ଯୁବ କଂଗ୍ରେସ ପକ୍ଷରୁ କୁହାଯାଉଛି ଯେ ଆଇଟି ସଚିବ ବିଶାଳ ଦେବ ତାଙ୍କର ଜଣାଶୁଣା ଏବଂ ପ୍ରିୟ କମ୍ପାନୀମାନଙ୍କୁ ସମସ୍ତ ବିଧି ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି ହଜାର ହଜାର କୋଟି ଟଙ୍କାର ଟେଣ୍ଡର ଦେବାରେ ସଫଳ ହେଉଛନ୍ତି । ଏହି ମହାଦୁର୍ନୀତିର ଷଡଯନ୍ତ୍ରରେ ଆଇଟି ମନ୍ତ୍ରୀ , ଗଣଶିକ୍ଷା ମନ୍ତ୍ରୀ ମଧ୍ୟ ସାମିଲ ଅଛନ୍ତି । ସୁତରାଂ ଅଗଷ୍ଟ ୨୧ ତାରିଖରେ ଆଇଟି ସଚିବ ବିଶାଳ ଦେବଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଉଭୟ ମନ୍ତ୍ରୀଙ୍କ ବହିଷ୍କାର ଓ ସମଗ୍ର ଦୁର୍ନୀତିର ହାଇକୋର୍ଟ ତତ୍ତ୍ୱାବଧାନରେ ପରିଚାଳିତ ନ୍ୟାୟିକ ତଦନ୍ତ ଦାବିରେ




ଦୁର୍ନୀତିର ଗନ୍ତାଘର ଓକାକ କାର୍ଯ୍ୟାଳୟକୁ ପ୍ରଦେଶ ଯୁବ କଂଗ୍ରେସ ଘେରିବ । ମନ୍ତ୍ରୀ ଦୁର୍ନୀତିକୁ ସ୍ୱୀକାର କରିବା ସହ ୭ ଦିନ ଭିତରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲେ । ହେଲେ ୬ ମାସ ବିତିଗଲେ ବି ଫଳ ଶୂନ । ମନ୍ତ୍ରୀ ଯାହାଙ୍କୁ ତଦନ୍ତ ଦାୟିତ୍ୱ ଦେଲେ ସେ ହେଉଛନ୍ତି ବିଶାଳ ଦେବ ଏବଂ ସେହି ବିଶାଳ ଦେବ ହେଉଛନ୍ତି ସମସ୍ତ ଦୁର୍ନୀତିର ମାଷ୍ଟର ମାଇଣ୍ଡ ବୋଲି ଅଭିଯୋଗ କରିଛନ୍ତି ପୂର୍ବ ଯୁବ କଂଗ୍ରେସ ସଭାପତି ତଥା ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ୟାସିର ନଓ୍ୱାଜ୍ । କଳା ତାଲିକାଭୁକ୍ତ, ଠକ ଓ ଅସାଧୁ କମ୍ପାନୀକୁ କାମ ଦିଆଯାଇ ତାଙ୍କ ଠାରୁ କୋଟି କୋଟି ଲାଞ୍ଚ ହାସଲ ବ୍ୟବସ୍ଥାରେ ମନ୍ତ୍ରୀ ଓ ଆଇଟି ସଚିବ ରହିଛନ୍ତି ।

ଏହି ଟେଣ୍ଡର ସମ୍ପର୍କିତ ସମସ୍ତ ଫାଇଲ, ନୋଟସିଟ, ଯୋଗ୍ୟତା , ପ୍ରିବିଡ ପରିବର୍ତ୍ତନ, ଟେକ୍ନିକାଲ ଇଭାଲ୍ୟୁଏସନ, କମରସିଆଲ ଇଭାଲ୍ୟୁଏସନ, ବିଡ କମିଟି ରେକର୍ଡ ଅନୁମୋଦନ ପ୍ରକ୍ରିୟା, କମ୍ପାନୀ ଚୟନ ଏବଂ ସଂପୃକ୍ତ ଅଧିକାରୀ ଭୂମିକାର ସଂପୂର୍ଣ୍ଣ ତଦଦତି କରାଯାଉ । ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ ଓ ଜାଭେଦ ଅକତର ଉପସ୍ଥିତ ଥିଲେ ।

## ସୂଚନା ଓ ଲୋକ ସମ୍ପର୍କ ବିଭାଗ ଫଟୋ ଶାଖା ସହକାରୀ ନିର୍ଦ୍ଦେଶକଙ୍କ ମାତୃ ବିୟୋଗ

ଭୁବନେଶ୍ୱର, (ସବ୍ୟ): ସୂଚନା ଓ ଲୋକ ସମ୍ପର୍କ ବିଭାଗ ଫଟୋ ଶାଖାର ସହକାରୀ ନିର୍ଦ୍ଦେଶକ ନିରଞ୍ଜନ ବରାଳଙ୍କ ମାତା ଶ୍ରୀମତୀ ସ୍ନେହଲତା ବରାଳଙ୍କ ରବିବାର ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା । ସ୍ୱର୍ଗୀୟା ବରାଳ ଜଣେ ମେଳାପୀ ଓ ଧର୍ମପରାୟଣା ମହିଳା ଭାବେ ପରିଚିତ ଥିଲେ । ତାଙ୍କ ପୈତୃକ ଘର ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କୁମାରବସ୍ତ ଗ୍ରାମରେ । ତାଙ୍କ ବିୟୋଗରେ ବନ୍ଧୁ,



ଆତ୍ମୀୟସ୍ୱଜନ ଓ ଶୁଭେଚ୍ଛୁମାନେ ଗଭୀର ଶୋକ ପ୍ରକାଶ କରିବା ସହ ଦିବଙ୍ଗତ ଆତ୍ମାର ସଦଗତି କାମନା କରିଛନ୍ତି । ଏଥିସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି ।

## ନିସ୍ ଗ୍ଲୋବାଲ ସ୍କୁଲରେ ୮୦ତମ ସ୍ୱାଧୀନତା ଦିବସ

ଭୁବନେଶ୍ୱର, (ସବ୍ୟ): ସ୍ଥାନୀୟ ଛତାବର ସ୍ଥିତ ନିସ୍ ଗ୍ଲୋବାଲ ସ୍କୁଲ ଓ ନିସ୍ ଇଞ୍ଜିନିୟରିଙ୍ଗ କଲେଜ ପରିସରରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡଃ ସୁଭାଷ ଚନ୍ଦ୍ର ନାୟକ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଏଥିରେ ସ୍କୁଲର ଭାରପ୍ରାପ୍ତ ଅଧ୍ୟକ୍ଷା ଜ୍ୟୋତିରେଖା ପତି, ଶିକ୍ଷକ ସରୋଜ କୁମାର ବେହେରା, ଶିକ୍ଷୟତ୍ରୀ ଶର୍ମିଳା ଦୀକ୍ଷିତ ଓ ଅନ୍ୟ ଶିକ୍ଷକ, କର୍ମଚାରୀ ମାନଙ୍କ ପ୍ରତ୍ୟକ୍ଷ




ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆୟୋଜିତ ବକ୍ତୃତା ପ୍ରତିଯୋଗିତା, ନାଚ ଗୀତ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିବେଷଣ କାରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ 'ନିର୍ମାଣାଧୀନ ଭାରତ'ର ଯାତ୍ରାକୁ ସମ୍ମାନ

ଭୁବନେଶ୍ୱର, (ସବ୍ୟ): ସ୍ୱାଧୀନତା ଦିବସ ଅବସରରେ ବେଦାନ୍ତ ଆଲୁମିନିୟମ୍ ନିଜର ୱେମିସ ଅଲ ଭାରତ -ଇନ ଦ ମେକିଙ୍ଗ ଅଭିଯାନ ମାଧ୍ୟମରେ ଦେଶର ରାଷ୍ଟ୍ର ନିର୍ମାଣ ଯାତ୍ରାକୁ ସମ୍ମାନ ଜଣାଇଛି । ଏହି ଅଭିଯାନରେ ଆଲୁମିନିୟମ୍, ପ୍ରଯୁକ୍ତି, ଦକ୍ଷତା ଓ ମାନବ ସମ୍ବଳ କିପରି ଏକ ଅଧିକ ସଶକ୍ତ, ଆତ୍ମନିର୍ଭର ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ଭାରତ ଗଠନରେ ଭୂମିକା ନେଉଛନ୍ତି, ତାହାକୁ ଉପସ୍ଥାପନ କରାଯାଇଛି । "ଭାରତ ନିର୍ମାଣ, ସମ୍ଭାବନାକୁ ବାସ୍ତବତାରେ ପରିଣତ କରିବା ବିଚାରଧାରାକୁ ଆଧାର କରି ଏହି ଅଭିଯାନ ଆଲୁମିନାକୁ ଆଲୁମିନିୟମରେ ପରିଣତ କରିବାର ପ୍ରକ୍ରିୟା ଓ ଭାରତର ଏକ ବିଶ୍ୱସ୍ତରୀୟ ପ୍ରତିଯୋଗୀତାମୂଳକ ଉତ୍ପାଦନ ଏବଂ ଅର୍ଥନୈତିକ ଶକ୍ତି ଭାବେ ନିରନ୍ତର ବିକାଶ ମଧ୍ୟରେ ଏକ ସୁନ୍ଦର ସାମଞ୍ଜସ୍ୟ ସୃଷ୍ଟି କରିଛି ।

ୱେମିଶ ଅଲ ଭାରତର ମୁଖ୍ୟ ବିଷୟବସ୍ତୁ ହେଉଛି ଭାରତର ଭବିଷ୍ୟତକୁ ଗଢୁଥିବା ଲୋକ, ଚିନ୍ତାଧାରା ଓ ନବସୃଜନର ଉତ୍ସବର ଉତ୍ପାଦନ କ୍ଷେତ୍ରର ଉତ୍କର୍ଷ, ଦକ୍ଷତା ବିକାଶ, ଜୀବିକା ଏବଂ ମହିଳାଙ୍କ ବଢୁଥିବା ଅଂଶଗ୍ରହଣ ଭଳି ବିଭିନ୍ନ ପ୍ରସଙ୍ଗର କାହାଣୀ ମାଧ୍ୟମରେ ଦେଶର ପ୍ରଗତିକୁ ଆଗେଇ ନେଉଥିବା ବିଭିନ୍ନ ଶକ୍ତିକୁ ଏହି ଅଭିଯାନ ଉଜାଗର କରିଛି । ଏହି ଚିନ୍ତାଧାରା ତିନିଟି ପ୍ରମୁଖ ବିଷୟବସ୍ତୁ ମାଧ୍ୟମରେ ପ୍ରକାଶ ପାଇଛି ଯଥା ଭବିଷ୍ୟତରେ ଜୀବନ ଗଢ଼ିବା, ଦକ୍ଷତାକୁ ଜୀବିକାରେ ଏବଂ ଶିକ୍ଷାକୁ ସୁଯୋଗରେ ପରିଣତ କରିବା) ଏବଂ ହାଲୁକା, ସ୍ମାର୍ଟ ଓ ଦାୟିତ୍ୱପୂର୍ଣ୍ଣ ପ୍ରଗତି । ଏହି ତିନୋଟି ବିଷୟ ଆଲୁମିନିୟମ କେବଳ ଏକ ଧାତୁ ଭାବେ ନୁହେଁ, ବରଂ ଭାରତର ବିକଶିତ ଆକାଂକ୍ଷାର ଏକ ମୂଳ ଉପାଦାନ ଏବଂ ନବସୃଜନ, ସ୍ଥାୟୀତ୍ୱ ଓ ମାନବକୈନ୍ଦ୍ରିକ ବିକାଶର ଏକ ଅନୁପ୍ରେରକ ଭାବେ ପ୍ରତିଷ୍ଠା କରୁଛି ।

ଏହି ଅବସରରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, "ଭାରତର ବିକାଶ ଯାତ୍ରା ଦେଶର ଲୋକଙ୍କ ଆକାଂକ୍ଷା, ପ୍ରତିଭା ଓ ଉଦ୍ୟମ ଦ୍ୱାରା ଆକାର ପାଉଛି । ୱେମିଶ ଅଲ ଭାରତ ମାଧ୍ୟମରେ ଆମେ ସେହି ଚିନ୍ତାଧାରା, ନବସୃଜନ ଓ ସାମୂହିକ ପ୍ରୟାସକୁ ସମ୍ମାନ ଜଣାଉଛୁ, ଯାହା ଦେଶକୁ ନିରନ୍ତର ଆଗକୁ ବଢ଼ାଉଛି । ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା, ଲାଞ୍ଜିଗଡ଼, ଭବାନୀପାଟଣା, ରାୟଗଡ଼ା ଓ ବାଲକୋର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ୱେମିଶ ଅଲ ଭାରତର ଭାବନା ପ୍ରତିଫଳିତ ହୋଇଥିଲା । କର୍ମଚାରୀ, ଛାତ୍ରଛାତ୍ରୀ ଓ ପାର୍ଶ୍ୱବର୍ତ୍ତୀ ସମୁଦାୟ ଏକାଠି ହୋଇ ଭାରତର ୮୦ତମ ସ୍ୱାଧୀନତା ଦିବସକୁ ଉତ୍ସାହର ସହ ପାଳନ କରିଥିଲେ । ଲାଞ୍ଜିଗଡ଼ରେ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ହାଇ-ମାଷ୍ଟ ଜାତୀୟ ପତାକା ଉତୋଳନ କରିଥିଲେ । ଏହାପରେ ପାରମ୍ପରିକ ପରେଡ୍ ଏବଂ ଉତ୍କୃଷ୍ଟ କାର୍ଯ୍ୟ କରିଥିବା କର୍ମଚାରୀ ଓ ସୁରକ୍ଷାକର୍ମୀଙ୍କୁ ସମ୍ମାନିତ କରାଯାଇଥିଲା ।



ଝାରସୁଗୁଡ଼ା ଓ ବାଲକୋରେ ସ୍ୱାଧୀନତା ଦିବସ ପାଳନ ସହିତ ସୁରକ୍ଷା, ସଶକ୍ତୀକରଣ, ସ୍ୱାସ୍ଥ୍ୟ ଓ ସ୍ଥାୟୀତ୍ୱକୁ କେନ୍ଦ୍ର କରି କର୍ମଚାରୀ ଓ ସମୁଦାୟକୈନ୍ଦ୍ରିକ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଉତ୍ସବ ମାଧ୍ୟମରେ ୱେମିଶ ଅଲ ଭାରତ କାର୍ଯ୍ୟକ୍ଷେତ୍ରର ସୀମା ଅତିକ୍ରମ କରି ଶ୍ରେଣୀକକ୍ଷ, ଦକ୍ଷତା ବିକାଶ କେନ୍ଦ୍ର ଓ ସମୁଦାୟ ପର୍ଯ୍ୟନ୍ତ ପହଞ୍ଚିଥିଲା । ଏହା ଅଭିଯାନର ସେହି ବିଶ୍ୱାସକୁ ପ୍ରତିଫଳିତ କରିଛି ଯେ, ଲୋକ, ଦକ୍ଷତା, ପ୍ରଯୁକ୍ତି ଓ ସୁଯୋଗର ସମନ୍ୱିତ ପ୍ରୟାସରେ ହିଁ ଭାରତର ପ୍ରଗତି ନିର୍ମିତ ହୁଏ । ଏହି ପଦକ୍ଷେପଗୁଡ଼ିକ "ଭବିଷ୍ୟତ ଗଢ଼ି ଜୀବନ ଗଢ଼ିବା" ଏବଂ "ଦକ୍ଷତାକୁ ଜୀବିକାରେ ଓ ଶିକ୍ଷାକୁ ସୁଯୋଗରେ ପରିଣତ କରିବା" ଭଳି ଅଭିଯାନର ବାର୍ତ୍ତାକୁ ତୃଣମୂଳ ସ୍ତରରେ ସାକାର କରିଥିଲା । ଭାରତ 'ବିକଶିତ ଭାରତ ୨୦୪୭' ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଥିବା ବେଳେ, ବେଦାନ୍ତ ଆଲୁମିନିୟମ୍ ନବସୃଜନ, ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ, ଦକ୍ଷତା ବିକାଶ ଓ ସମୁଦାୟ ସହଭାଗିତା ମାଧ୍ୟମରେ ଏହି ଯାତ୍ରାକୁ ସହଯୋଗ କରିବାକୁ ପ୍ରତିବଦ୍ଧ । ଏହା ଏକ ଆତ୍ମନିର୍ଭର ଓ ବିଶ୍ୱସ୍ତରୀୟ ପ୍ରତିଯୋଗୀତାମୂଳକ ଭାରତ ଗଠନର ଦୃଷ୍ଟିକୋଣକୁ ସାକାର କରିବାରେ ନିଜର ଅବଦାନ ଜାରି ରଖିବ ।

## ନାରାୟଣା ବିଦ୍ୟାଳୟରେ ସ୍ୱାଧୀନତା ଦିବସ

କଟକ, (ସ୍ୱପ୍ର) : କଟକ ନୂଆପଡା ସ୍ଥିତ ପୃଷ୍ଟିବଗିଚା ଠାରେ ଅବସ୍ଥିତ ନାରାୟଣା ଉଚ୍ଚବିଦ୍ୟାଳୟ ପରିସରରେ ପବିତ୍ର ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଶୁଭ ଅବସରରେ ମୁଖ୍ୟ ଅତିଥିଭାବେ ଭାରତୀୟ ସେବା ନିବୃତ୍ତ ପ୍ରଶାସନିକ ଅଧିକାରୀ (ଆଇଏଏସ୍) ବସନ୍ତ କୁମାର ସ୍ୱାଇଁ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ସେ ନିଜର ବକ୍ତବ୍ୟରେ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ସ୍ମରଣ କରାଇ ଛାତ୍ରଛାତ୍ରୀମାନଙ୍କୁ କିଛି ପାଠ ପଢିବା ସହିତ ସମାଜ ପାଇଁ କିଛି ଆଖି ଦୃଷ୍ଟିଆ କାର୍ଯ୍ୟ କରିବାକୁ ଉପଦେଶ ଦେଇଥିଲେ । ବିଦ୍ୟାଳୟର ହେଡବୟ ହେଡଗାର୍ଲଙ୍କ ନେତୃତ୍ୱରେ ଚିତ୍ତାକର୍ଷକ ପରେଡ ପ୍ରଦର୍ଶନ କରାଯାଇଥିଲା । ବିଦ୍ୟାଳୟର କୋମଳମତି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମକ ବୋଧ ସଂଗୀତ, ନୃତ୍ୟ, ସାହସିକ ପିରାମିଡର କୌଶଳ ପରିବେଷଣ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷା ଡ. ନିକୋଲାସ



ବାର୍ଲୋ ନିଜର ଉଦ୍‌ବୋଧନ ରେ ସ୍ୱାଧୀନତା ଦିବସ ପାଳନର ମହତ୍ତ୍ୱକୁ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଇ. କିଡସ୍ ଉପାଧ୍ୟକ୍ଷା ଶ୍ରୀମତି ସଂଯୁକ୍ତା ଦେବୀ, ଇ. ଚାମ୍ପସର ଉପାଧ୍ୟକ୍ଷା ଶ୍ରୀମତି ରାଜେଶ୍ୱରୀ ମହାନ୍ତି ଓ ଇ. ଟେକନର ଡିନ କୌଶଳ ବୁଦ୍ଧଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା । ଶେଷରେ ବିଦ୍ୟାଳୟର ଅଧ୍ୟକ୍ଷାଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମଟିରେ ଅନୁଷ୍ଠାନର ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତା ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହିତ ସହାୟତା କରିଥିଲେ ।

## ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନରେ ସ୍ୱାଧୀନତା ଦିବସ

ଭୁବନେଶ୍ୱର (ସବ୍ୟ): ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ବିପିଏନଏସଆଇ) ସୁକିନ୍ଦା , ଯାଜପୁର ରେ ୮୦ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇ ଯାଇଛି । ପ୍ରତିଷ୍ଠାନର ନିର୍ଦ୍ଦେଶକ ଇଂଜିନିୟର ଶ୍ରୀ ଜ୍ୟୋତିପ୍ରକାଶ ମଲିକ ଜାତୀୟ ପତାକା ଉତୋଳନ କରିଥିଲେ । ଜାତୀୟ ସଙ୍ଗୀତ ପରିବେଷଣ ପରେ ନିର୍ଦ୍ଦେଶକ ଶ୍ରୀ ମଲିକ ପ୍ରଥମେ ସେ ତାଙ୍କ ଅଭିଭାଷଣରେ ବୀର, ଶହିଦ , ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସାହସ, ତ୍ୟାଗ ଓ ବଳିଦାନ ପାଇଁ ତାଙ୍କର ସ୍ମୃତି ଚାରଣ କରିବା ସହିତ ଶତକୋଟି ନମନ କରିଥିଲେ । ମହାତ୍ମା ଗାନ୍ଧି, ନେତାଜୀ ସୁବାସ ଚନ୍ଦ୍ର ବୋଷ , ଝାନସୀ ରାଣୀ ଲକ୍ଷ୍ମୀବାଇ, ବାଜି ରାଉତ, ବୀର ସୁରେନ୍ଦ୍ର ସାଏ ଓ ଶହିଦ ଲକ୍ଷ୍ମଣ ନାୟକ ଆଦି ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଦେଶ ପ୍ରେମ , ସଂଘର୍ଷ, ଆନ୍ଦୋଳନ ଓ ବଳିଦାନ ପାଇଁ ଆମେ ସ୍ୱାଧୀନତା ହାସଲ କରିଛେ ବୋଲି ମତ ବ୍ୟକ୍ତ କରିଥିଲେ ।

ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନଆଗାମି ଦିନରେ କିପରି ଏକ ବିଶ୍ୱ ସ୍ତରୀୟ ଅନୁଷ୍ଠାନରେ ପରିଣତ



ହେବ ,ସେ ସମସ୍ତ କର୍ମଚାରୀ ମାନଙ୍କର ଆନ୍ତରିକ ସାହାଯ୍ୟ ସହଯୋଗ କାମନା କରିଥିଲେ । ଏହି ପରିପ୍ରେକ୍ଷିରେ ଅନୁଷ୍ଠାନର ବରିଷ୍ଠ ସହାୟକ ପ୍ରାଧାପକ ସତ୍ୟପ୍ରିୟ ଶତପଥି ତାଙ୍କ ବକ୍ତବ୍ୟ ପ୍ରସଙ୍ଗରେ ଅନୁଷ୍ଠାନର ଛାତ୍ର ମାନେ ଜେଏସଏଲ, ଟାଟା ଷ୍ଟିଲରେ ତାଙ୍କର ଭାଗିଦାରିତା କିପରି ଇଷ୍ପାତ ଶିଳ୍ପ ସମୃଦ୍ଧିରେ ସହାୟକ ହେବ ମତ ରଖିଥିଲେ । ପରେ ପରେ ଅନୁଷ୍ଠାନର ଟ୍ରେନର ମନୋଜ କୁମାର ଷଡ଼ଙ୍ଗୀ ଆଲୋଚନାରେ ଭାଗନେଇ କହିଥିଲେ ଯେ ଅନୁଷ୍ଠାନର ନିର୍ଦ୍ଦେଶକଙ୍କ ବଳିଷ୍ଠ ନେତୃତ୍ୱ , ଦିଗଦର୍ଶନ,ପରାମର୍ଶ , ପ୍ରୋତ୍ସାହନ ଓ ଆମର ଶିକ୍ଷାଦାନ ଛାତ୍ର ମାନଙ୍କର ଉନ୍ନତିରେ ସହାୟକ ହେବ ବୋଲି କହିଥିଲେ । ପରିଶେଷରେ ଉତ୍ସବକୁ ପରିଚାଳନା କରୁଥିବା ଉପ ବିଭାଗ ଅଧିକାରୀ କିଶୋର ଚନ୍ଦ୍ର ଖିଲାର କହିଥିଲେ ଯେ ଏକ ସଶକ୍ତ ,ବିକଶିତ ଓ ସମୃଦ୍ଧ ଭାରତ ଗଢ଼ିବାରେ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ର ଅବଦାନ କିପରି ଅତୁଟ ଓ ଅକ୍ଷୁର୍ଣ୍ଣ ରହିବ ସେ ସମସ୍ତ କର୍ମଚାରୀ ମାନଙ୍କର ଆନ୍ତରିକ ସାହାଯ୍ୟ ସହଯୋଗ କାମନା କରିଥିଲେ ।

### ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ

## ମେଗା କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟ): ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ମେଗା କୃଷି




ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ୧୭ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ କୁମାରବନ୍ଧ ଗ୍ରାମ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟାଳୟଠାରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ବ୍ୟାଙ୍କର ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ନିରଜ ରଞ୍ଜନଙ୍କ ସମେତ କୁମାର ବନ୍ଧ ଗ୍ରାମ ପଞ୍ଚାୟତର ସରପଞ୍ଚ କମଳ ଲୋଚନ ବିଶ୍ୱାଳ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ସ୍ଥାନୀୟ ଗ୍ରାହକମାନଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଯେଉଁଥିରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଋଣ ଆବଶ୍ୟକତା ପୂରଣ କରିବା ପାଇଁ ସେଣ୍ଟ ନାରୀ ଶକ୍ତି ସମେତ ବିଭିନ୍ନ କୃଷି ଏବଂ ମହିଳା-କୈନ୍ଦ୍ରିକ ଆର୍ଥିକ ଉତ୍ପାଦ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଉଲ୍ଲେଖନୀୟ ବ୍ୟବସାୟିକ ଫଳାଫଳ ହାସଲ କରିଥିଲା । ଏହି କାର୍ଯ୍ୟକ୍ରମରେ ଡେଫ୍ ଦାବୀ, ଉଦ୍ୟମ ପଞ୍ଜିକରଣ, ସିକେୱାଇସି ଓ ରିକେୱାଇସିର ଲାଭ ଏବଂ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କୀତ ସୂଚନା ପ୍ରଦାନ କରାଯାଇଥିଲା ।

### ହିମାଳୟ ବେବିକେୟାର୍ 'ପିୟୋର ବିଗିନିଂସ୍ ଗି ପ୍ୟାକ୍' ପ୍ରଚଳନ କଲା

ଭୁବନେଶ୍ୱର (ସବ୍ୟ): ଶିଶୁମାନେ ଭଲ ପାଉଥିବା ଭାରତର ଅନ୍ୟତମ ସର୍ବାଧିକ ବିଶ୍ୱସନୀୟ ବେବି କେୟାର୍ (ଶିଶୁ ଯତ୍ନକାରୀ) ବ୍ରାଣ୍ଡ ହିମାଳୟ ବେବିକେୟାର୍ ତାହାର ନୂତନ ହିମାଳୟ ବେବି ପିୟୋର ବିଗିନିଂସ୍ ଗି ଗିଫ୍ଟ ପ୍ୟାକ୍ ନିମନ୍ତେ ଏକ ନୂତନ ଏଆଇ ଆଧାରିତ ଡିଭିସି ଶୁଭାରମ୍ଭ କରିଛି, ଯାହା ପ୍ରଯୁକ୍ତି ଭିତ୍ତିକ କାହାଣୀ କଥନ, ସାଂସ୍କୃତିକ ପ୍ରାସଙ୍ଗିକତା ଏବଂ ଅଗ୍ରଣୀ ଉତ୍ପାଦ ଅବସ୍ଥିତିର ସମ୍ମିଶ୍ରଣ ଜରିଆରେ ପରିବର୍ତ୍ତନଶୀଳ ନବଜାତକ ଉପହାର ବର୍ଗରେ ନିଜର ଉପସ୍ଥିତିକୁ ସୁଦୃଢ଼ କରୁଛି । ନବଜାତକମାନଙ୍କୁ ଉପହାର ଦେବା ଭାରତୀୟ ପରିବାରଗୁଡିକରେ ଗଭୀର ଭାବରେ ଭାବପ୍ରବଣ ଏବଂ ପ୍ରତୀକାତ୍ମକ ବୋଲି ଅନ୍ତର୍ଦୃଷ୍ଟିକୁ ନେଇ ପରିକଳ୍ପନା କରାଯାଇଥିବା ଏହି ପ୍ରଚାର ଅଭିଯାନ ଏକ ଆଧୁନିକ ପ୍ରଚକ୍ଷୁ ଜରିଆରେ ପାରମ୍ପରିକ ଶିଶୁ ଉପହାର ପ୍ରଦାନ ବ୍ୟବସ୍ଥାକୁ ପୁନଃ ରୂପାୟିତ କରୁଛି । ଏହି ପ୍ରଚାର ଅଭିଯାନ ହିମାଳୟ ବେବି ପିୟୋର ବିଗିନିଂସ୍ ଗି ଗିଫ୍ଟ ପ୍ୟାକ୍‌କୁ ଆଧୁନିକ ପରିବାରଗୁଡିକ ଆବଶ୍ୟକ କରୁଥିବା ବିଶ୍ୱସନୀୟ, କୋମଳ ଏବଂ ଅର୍ଥପୂର୍ଣ୍ଣ ଶିଶୁ ଯତ୍ନକାରୀ ଉପହାର ଭାବରେ ଏକ ଚିନ୍ତନଶୀଳ ଏବଂ ଅଗ୍ରଣୀ ଉପହାର ସମାଧାନ ଆକାରରେ ଉପସ୍ଥାପିତ କରୁଛି । କୋମଳ, ଭାବପ୍ରବଣ ଭାବରେ ସଂଯୁକ୍ତ ଦୃଶ୍ୟାବଳୀ ଜରିଆରେ ଏହି ବିଜ୍ଞାପନ ଚଳଚ୍ଚିତ୍ର, ସାମ୍ପ୍ରତିକ ସମୟରେ ନବଜାତକକୁ ଉପହାର ଦେବା କିଭଳି ଅଧିକରୁ ଅଧିକ ବ୍ୟବହାର୍ଯ୍ୟ ଆଧାରିତ କ୍ରୟର ଉର୍ଦ୍ଧ୍ୱକୁ ଯାଇ ଯତ୍ନ, ଭାବପ୍ରବଣତା ଏବଂ ସଚେତନ ଅଭିଭାବକତ୍ୱର ସମ୍ପ୍ରସାରଣ ହୋଇଛି, ତାହା ପ୍ରଦର୍ଶିତ କରୁଛି । ଏଆଇ ପରିଚାଳିତ ସୃଜନଶୀଳତା ବ୍ୟବହାର ସହିତ ଏହି ଡିଭିସି, ହିମାଳୟ ବେବିକେୟାର୍‌ର ଡିଜିଟାଲ ପଦ୍ଧତିରେ ସଂଯୁକ୍ତ ପିତା ମାତାମାନଙ୍କ ସହିତ ମଜଭୁତ ନିୟୋଜନତାକୁ ଆଗେଇନେବା ନିମନ୍ତେ ସମକାଳୀନ ବିଷୟବସ୍ତୁ ଏବଂ ନବୋନ୍ମେଷୀ କାହାଣୀ କଥନ ଆଭିମୁଖ୍ୟ ଆପଣାଇବା ଉପରେ ନିରନ୍ତର ଦୃଷ୍ଟିନିବଦ୍ଧତାକୁ ପ୍ରତିଫଳିତ କରୁଛି ।

## କାବେରୀ ଜଳ ବିବାଦ

# କର୍ଣ୍ଣାଟକକୁ ନିର୍ଦ୍ଦେଶ ପାଳନ କରିବାକୁ କହିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ : ସୁପ୍ରିମକୋର୍ଟକର୍ଣ୍ଣାଟକ ସରକାରଙ୍କୁ ତାମିଲନାଡୁକୁ କାବେରୀ ଜଳ ଛାଡିବା ସମ୍ପର୍କରେ କାବେରୀ ଜଳ ପରିଚାଳନା ପ୍ରାଧିକରଣ(ସିଡବ୍ଲୁଏମଏ)ର ନିର୍ଦ୍ଦେଶ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ଜଳ ଛାଡିବା ନିର୍ଦ୍ଦେଶ ମାମଲାରେ ତାମିଲନାଡୁର ଆବେଦନର ଶୁଣାଣି ପାଇଁ ଅଗଷ୍ଟ ୨୪ ତାରିଖ ଧାର୍ଯ୍ୟ କରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ, ଜଳ ଛାଡିବାର ବର୍ତ୍ତମାନର ସ୍ଥିତି କୋର୍ଟରେ ଉପସ୍ଥାପନ କରାଯିବା ପରେ ଏହି ମାମଲାର ଶୁଣାଣି କରାଯିବ। ଶୁଣାଣି ସମୟରେ, ତାମିଲନାଡୁ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସିଏସ ବୈଦ୍ୟନାଥନ ଯୁକ୍ତି ଦେଇଥିଲେ ଯେ, କର୍ଣ୍ଣାଟକ ସିଡବ୍ଲୁଏମଏର ନିର୍ଦ୍ଦେଶ ପାଳନ କରୁନାହିଁ ଏବଂ ରାଜ୍ୟର ଚାଷୀ ଆବଶ୍ୟକ ପାଣି ପାଉନାହାନ୍ତି। ଅନ୍ୟପକ୍ଷରେ, କର୍ଣ୍ଣାଟକର ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ଶ୍ୟାମ ଦିବାନ, ତାମିଲନାଡୁର ଦାବିକୁ ଖଣ୍ଡନ କରି କହିଛନ୍ତି,ପ୍ରାଧିକରଣଙ୍କ ପ୍ରାରମ୍ଭିକ ନିର୍ଦ୍ଦେଶ ଅନୁଯାୟୀ କର୍ଣ୍ଣାଟକକୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ୧୫ ଦିନ ପାଇଁ ପ୍ରତିଦିନ ୩,୫୦୦ କ୍ୟୁସେକ୍ ଜଳ ଛାଡିବାକୁ ବାଧ କରାଯାଇଥିଲା, ଯାହା ରାଜ୍ୟ ପୂରଣ କରିଛି ଏବଂ ବାସ୍ତବରେ ଏହି ସମୟ ମଧ୍ୟରେ ଯଥେଷ୍ଟ ଅଧିକ ଜଳ ଛାଡି ଧାର୍ଯ୍ୟ ସୀମାକୁ ଅତିକ୍ରମ ମଧ୍ୟ କରିଛି।ଦିବାନ ଖଣ୍ଡପୀଠଙ୍କୁ କହିଥିଲେ ଯେ ସୋମବାର ସକାଳେ ଜଳ ପ୍ରବାହ ୧୨,୬୦୭ କ୍ୟୁସେକକୁ ବୃଦ୍ଧି ପାଇଛି ଏବଂ ଜଳଭଣ୍ଡାର ଗେଟ୍ଗୁଡ଼ିକ ଖୋଲାଯାଇଛି ଏବଂ ରାଜ୍ୟ ସମ୍ମୁଖୀନ ହେଉଥିବା ଅସୁବିଧା ସତ୍ତ୍ୱେ କର୍ଣ୍ଣାଟକ ୧୨,୦୦୦ କ୍ୟୁସେକର ସିଡବ୍ଲୁଏମଏ-ନିର୍ଦ୍ଦେଶିତ ଜଳ ପ୍ରବାହ ବଜାୟ ଜାରି ରଖିବାକୁ ଚେଷ୍ଟା କରିବ।

# ହାତୀଙ୍କ ଯିବାଆସିବା ରାସ୍ତା ବନ୍ଦ ହେବ ନାହିଁ

ନୂଆଦିଲ୍ଲୀ : ହାତୀ କରିଡର ସମ୍ପର୍କରେ ସୁପ୍ରିମକୋର୍ଟରାଜ୍ୟଗୁଡ଼ିକୁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରିଛନ୍ତି। କୋର୍ଟ କହିଛନ୍ତି ଯେ, ହାତୀ ଫସଲ କ୍ଷତି କରୁଥିବାର ବାହାନା ଦେଖାଇ ସେମାନଙ୍କ ଯିବା ଆସିବା ବାଟରେ ବାଧା ସୃଷ୍ଟି କରାଯାଇପାରିବ ନାହିଁ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ, ବନ୍ୟପ୍ରାଣୀଙ୍କ ପାଇଁ କୌଣସି ବାଧା ସୃଷ୍ଟି ହେବା ଉଚିତ୍ ନୁହେଁ। ହାତୀ ପଲ ବହୁତ ଦୂର ଯାତ୍ରା କରନ୍ତି, ଏବଂ ଏହା ସେମାନଙ୍କର ସ୍ୱାଭାବିକ ଅଭ୍ୟାସ। ହାତୀ ଫସଲ ନଷ୍ଟ କରୁଥିବା କାରଣରୁ କୌଣସି ରାଜ୍ୟ ସରକାର ସେମାନଙ୍କ ପଥ ଅବରୋଧ କରିବାକୁ ଅନୁମତି ଦେଇପାରିବେ ନାହିଁ।ସୁପ୍ରିମକୋର୍ଟ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟକୁ ଦେଶର ବିଭିନ୍ନ ରାଜ୍ୟରେ ହାତୀ କରିଡରର ନୂତନ ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରଣାଳୟକୁ ଏହି ରାସ୍ତାଗୁଡ଼ିକରେ ଯେକୌଣସି ପ୍ରତିବନ୍ଧକ ଏବଂ ହାତୀଙ୍କ ନିରବଚ୍ଛିନ୍ନ ଗତିବିଧି ସୁନିଶ୍ଚିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ରିପୋର୍ଟ କରିବାକୁ ପଡିବ। କୋର୍ଟ ଉଲ୍ଲେଖ କରିଛନ୍ତି ଯେ, ପରିବେଶ ମନ୍ତ୍ରଣାଳୟ ପୂର୍ବରୁ ହାତୀଙ୍କ ନିରାପଦ ଏବଂ ନିରବଚ୍ଛିନ୍ନ ଗତିବିଧି ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶାବଳୀ ଜାରି କରିସାରିଛନ୍ତି। ମାତ୍ର ସ୍ଥାନୀୟ କାରଣଗୁଡ଼ିକ ଯୋଗୁଁ ଅନେକ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେଉଛି।ହାତୀ ଘଉଡ଼ାଇବା ପାଇଁ କେଉଁଠାରେ ଏବଂ କିପରି ଗୁଳିଚାଳନା କିମ୍ବା ଅନ୍ୟାନ୍ୟ କଠୋର ପଦ୍ଧତି ବ୍ୟବହାର କରାଯାଉଛି ତାହାର ସୂଚନା ଦେବାକୁ ମଧ୍ୟ ସୁପ୍ରିମକୋର୍ଟ ମନ୍ତ୍ରଣାଳୟକୁ କହିଛନ୍ତି। ଶୁଣାଣି ସମୟରେ, ଆଇନଜୀବୀ କହିଥିଲେ ବେଳେବେଳେ ଲୋକଙ୍କ ଭିଡ଼ ଦ୍ୱାରା ହାତୀମାନଙ୍କୁ ଘଉଡ଼ା ଯାଇଥାଏ, ଯାହା ପରିସ୍ଥିତିକୁ ଆହୁରି ଖରାପ କରିଥାଏ। ଆଇନଜୀବୀ ଯୁକ୍ତି ଦେଇଥିଲେ ଯେ ହାତୀମାନଙ୍କ ସ୍ୱାଭାବିକ ଗତିବିଧି ସମୟରେ ଗୁଳିଚାଳନା ଭଳି ପଦ୍ଧତି ବ୍ୟବହାରକୁ ରୋକିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ। ହାତୀ ଘଉଡ଼ାଇବା ପାଇଁ ବାଜା ବଜାଇ ନିଆଁ ହୁଳା ଧରି ଲୋକଙ୍କ ଭିଡ଼ ଉପରେ ପ୍ରତିବନ୍ଧକ ଲଗାଇବାର ଆବଶ୍ୟକତା ରହିଥିବା ମଧ୍ୟ ସେ କହିଥିଲେ। ସିଜେଆଇ କହିଛନ୍ତି ଯେ, ଏନେଇ ଆବଶ୍ୟକୀୟ ପଦକ୍ଷେପ ନିଆଯିବା ଉଚିତ୍ ଏବଂ ପଦକ୍ଷେପଗୁଡ଼ିକ ବିଷୟରେ କୋର୍ଟକୁ ଅବଗତ କରାଯିବା ଉଚିତ୍।

# ବିଜେପି ଆଇଟି ସେଲରୁ ଅମିତ ମାଲବ୍ୟ ବିଦା



ନୂଆଦିଲ୍ଲୀ : ବିଜେପି ଜାତୀୟ ସଭାପତି ନୀତିନ ନବୀନ ସୋମବାର ତାଙ୍କର ନୂଆ ଟିମ୍ ଘୋଷଣା କରିଛନ୍ତି। ବଡ଼ ସାଂଗଠନିକ ଅଦଳବଦଳରେ ବିଜେପି ସୋମବାର ଅମିତ ମାଲବ୍ୟଙ୍କୁ ଦଳର ଆଇଟି (ସୂଚନା ଓ ପ୍ରଯୁକ୍ତି ବିଦ୍ୟା) ଓ ସାମାଜିକ ଗଣମାଧ୍ୟମ ବିଭାଗର ମୁଖ୍ୟ ପଦରୁ ହଟାଇ ଦେଇଛି। ଏହାଦ୍ୱାରା ମାଲବ୍ୟଙ୍କର ୧୧ ବର୍ଷର କାର୍ଯ୍ୟକାଳର ଅନ୍ତ ଘଟିଛି। ଛତିଶଗଡ଼ର ରସାୟନ ବିଜ୍ଞାନ ପ୍ରଫେସର ତଥା ବିଜେପି ନେତା ଦୀପକ ମହସ୍କେଙ୍କୁ ସୋସିଆଲ ମିଡିଆ ବିଭାଗର ନୂତନ ସଂଯୋଜକ ଭାବରେ ନିଯୁକ୍ତ କରାଯାଇଛି। ଏହାସହିତ ମହାରାଷ୍ଟ୍ରର ପ୍ରୀତି ଗାନ୍ଧୀ, ଦିଲ୍ଲୀର ଶିବାନନ୍ଦ ଦ୍ୱିବେଦୀ, ଉତ୍ତରାଖଣ୍ଡର ଆଲୋକ ଭଟ୍ଟ ଓ ହରିୟାଣାର ଅରୁଣ ଯାଦବ ସୋସିଆଲ ମିଡିଆ ସହ-ସଂଯୋଜକ ଭାବରେ ନିଯୁକ୍ତ ହୋଇଛନ୍ତି। ୨୦୧୫ରେ ତତ୍କାଳୀନ ବିଜେପି ସଭାପତି ଅମିତ ଶାହଙ୍କ ନେତୃତ୍ୱରେ ଦଳର ଆଇଟି ଓ ସୋସିଆଲ ମିଡିଆ ମୁଖ୍ୟ ଭାବରେ ନିଯୁକ୍ତ ହୋଇଥିବା ମାଲବ୍ୟ ନବନିଯୁକ୍ତ ପଦାଧିକାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ ଓ ତାଙ୍କ ଉତ୍ତରାଧିକାରୀ ଭାବରେ ମହସ୍କେଙ୍କୁ ସ୍ୱାଗତ କରିଥିଲେ।ମହସ୍କେ ଛତିଶଗଡ଼ ବିଜେପିରେ ସାଂଗଠନିକ ଓ ଗଣମାଧ୍ୟମ କାର୍ଯ୍ୟକଳାପରେ ସକ୍ରିୟ ଅଛନ୍ତି ତଥା ବିଜେପିର ଜାତୀୟ ମୁଖପାତ୍ର ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି। ତାଙ୍କୁ ସମ୍ପ୍ରତି ଛତିଶଗଡ଼ ମେଡିକାଲ୍ ସର୍ଭିସେସ୍ କର୍ପୋରେସନର ଅଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି। ତାଙ୍କର ଜାତୀୟ ସ୍ତରୀୟ ସଂଗଠନିକ ଭୂମିକାରେ ନିଯୁକ୍ତିକୁ ଛତିଶଗଡ଼ର ଜଣେ ନେତାଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଓ ରାଜ୍ୟ ୟୁନିଟ୍ ପାଇଁ ଏକ ପ୍ରୋତ୍ସାହନ ଭାବରେ ଦେଖାଯାଉଛି। କୃଷି ଓ ଉଦ୍ୟାନ କୃଷି, ନିର୍ବାଚନ-ତଥ୍ୟ ବିଶ୍ଳେଷଣ, ସରକାରୀ କମ୍ପାନୀରେ ବୋର୍ଡ ପଦବୀ ଓ ଛତିଶଗଡ଼ ସରକାରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ମହସ୍କେ ଅଛନ୍ତି।

# ଭାରତୀୟ ଦେଶଭକ୍ତି ଗୀତରେ ଉଡ଼ିଲା ପାକିସ୍ତାନୀ ପତାକା!

ନୂଆଦିଲ୍ଲୀ : ଭାରତୀୟ ଦେଶଭକ୍ତି ଗୀତ ବାଜୁଛି... ଆଉ ସେହି ଗୀତର ତାଳେ ତାଳେ ଲହରାଉଛି ପାକିସ୍ତାନୀ ପତାକା ! ଦୃଶ୍ୟଟି ଦେଖିଲେ ହୁଏତ ଆପଣ ବି ଆଶ୍ଚର୍ଯ୍ୟ ହୋଇଯିବେ। ପାକିସ୍ତାନର ସ୍ୱାଧୀନତା ଦିବସ ଅବସରରେ କିଛି ପାକିସ୍ତାନୀ ଅଭିନେତ୍ରୀଙ୍କ ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଜୋରଦାର ଭାବେ ଭାଇରାଲ୍ ହେଉଛି। ଭିଡିଓରେ ପାକିସ୍ତାନୀ ପତାକା ହାତରେ ଧରି ଅଭିନେତ୍ରୀମାନେ ଉତ୍ସବ ପାଳନ କରୁଥିବା ବେଳେ ପଛରେ ବାଜୁଛି ଭାରତୀୟ ଦେଶଭକ୍ତି ଗୀତ। ଆଉ ଏହାକୁ ନେଇ ଉଭୟ ଦେଶର ସୋସିଆଲ ମିଡିଆରେ ଆରମ୍ଭ ହୋଇଛି ଚର୍ଚ୍ଚା ଓ ଟ୍ରୋଲିଂ। ପାକିସ୍ତାନରେ ପ୍ରତିବର୍ଷ ଅଗଷ୍ଟ ୧୪ରେ ସ୍ୱାଧୀନତା ଦିବସ ବା 'ୟୌମ୍-ଏ-ଆଜାଦି' ପାଳନ କରାଯାଏ। ଏହି ଦିନ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସେଲିବ୍ରିଟି ପର୍ଯ୍ୟନ୍ତ ସମସ୍ତେ ଦେଶପ୍ରେମର ରଙ୍ଗରେ ରଙ୍ଗିଯାଆନ୍ତି। କିନ୍ତୁ ଏଥର କିଛି ପାକିସ୍ତାନୀ ଅଭିନେତ୍ରୀଙ୍କ ଏକ ଭିଡିଓ ନୂଆ ବିବାଦ ସୃଷ୍ଟି କରିଛି। ଭାଇରାଲ୍ ଭିଡିଓରେ ପାଞ୍ଚ ଜଣ ଅଭିନେତ୍ରୀ ପାକିସ୍ତାନୀ ପତାକା ଧରି ନାଚୁଥିବା ଦେଖାଯାଉଛି। କିନ୍ତୁ ଭିଡିଓର ପଛରେ ଯେଉଁ ଗୀତ ବାଜୁଛି, ତାହା ହେଉଛି ଆଲିଆ ଭଟ୍ଟ ଅଭିନୀତ ବଲିଉଡ୍ ଫିଲ୍ମ 'ରାଜି'ର ଲୋକପ୍ରିୟ ଗୀତ 'ଏ ୱତନ, ୱତନ ମେରେ, ଆବାଦ୍ ରହେ ତୁ...'। ଏହି ଗୀତଟି ଭାରତୀୟ ଦେଶଭକ୍ତି ଗୀତ ଭାବେ ବେଶ୍ ଲୋକପ୍ରିୟ। ତେବେ ଏଠାରେ କହିଦେଉଛି ଯେ, ଏହା ଭାରତର ଜାତୀୟ ସଙ୍ଗୀତ ନୁହେଁ, ବରଂ ଏକ ଭାରତୀୟ ଚଳଚ୍ଚିତ୍ରର ଦେଶଭକ୍ତି ଗୀତ। ତଥାପି ପାକିସ୍ତାନର ସ୍ୱାଧୀନତା ଦିବସ ଭଳି ଅବସରରେ ଏହି ଗୀତ ବ୍ୟବହାର ହେବା ଘଟଣାକୁ ନେଇ ପ୍ରଶ୍ନ ଉଠିଛି। ଭିଡିଓଟି ଭାଇରାଲ୍ ହେବା ପରେ ପାକିସ୍ତାନୀ ସୋସିଆଲ ମିଡିଆରେ ମଧ୍ୟ ଏହାକୁ ନେଇ ଆପତ୍ତି ଦେଖାଯାଇଛି। ଅନ୍ୟପଟେ, ଭାରତୀୟ ସୋସିଆଲ ମିଡିଆରେ ମଧ୍ୟ ଏହି ଭିଡିଓକୁ ନେଇ ବିଭିନ୍ନ ପ୍ରତିକ୍ରିୟା ଆସୁଛି। କିଛି ୟୁଜର ଏହାକୁ ମଜାଦାର ଭୁଲ୍ ବୋଲି କହିଛନ୍ତି । ତେବେ ଏହି ଭିଡିଓ ଜାଣିଶୁଣି ପ୍ରସ୍ତୁତ କରାଯାଇଥିଲା ନା ଗୀତ ଚୟନ କରିବା ବେଳେ ଭୁଲ୍ ହୋଇଥିଲା, ତାହା ସ୍ପଷ୍ଟ ନୁହେଁ । ଏବେ ଦେଖିବାର କଥା, ଏହି ଭାଇରାଲ୍ ଭିଡିଓକୁ ନେଇ ଅଭିନେତ୍ରୀମାନଙ୍କ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଆସୁଛି କି ନାହିଁ।





# ରାଞ୍ଚି ଛାତ୍ର ଆନ୍ଦୋଳନ : ସୋରେନଙ୍କୁ ଚିଠି ଲେଖିଲେ ରାହୁଲ



ନୂଆଦିଲ୍ଲୀ : ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ରାଞ୍ଚିରେ ଛାତ୍ର ପ୍ରତିବାଦ ସମ୍ପର୍କରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଚିଠି ଲେଖିଛନ୍ତି। ସେ ପରାମର୍ଶ ଦେଇଛନ୍ତି ଯେ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବରେ ପ୍ରତିବାଦ କରୁଥିବା ଛାତ୍ରମାନଙ୍କ ସହିତ ସାକ୍ଷାତ କରି ଝାଡ଼ଖଣ୍ଡ ସରକାରଙ୍କ ସମସ୍ୟାର ସମାଧାନ କରନ୍ତୁ। କଂଗ୍ରେସ ଦଳ ବିଶ୍ୱାସ କରେ ଯେ ଶାନ୍ତିପୂର୍ଣ୍ଣ ପ୍ରତିବାଦର ଅଧିକାର ଗଣତନ୍ତ୍ରର ମୂଳ ସ୍ତମ୍ଭ ମଧ୍ୟରୁ ଗୋଟିଏ। ଝାଡ଼ଖଣ୍ଡର ଛାତ୍ରମାନେ ରାଜ୍ୟ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ପ୍ରତିବାଦ କରୁଛନ୍ତି। ସେମାନଙ୍କର ପ୍ରତିବାଦ ଶାନ୍ତିପୂର୍ଣ୍ଣ ଏବଂ ସେମାନଙ୍କର ଦାବି ଯଥାର୍ଥ। କିଛି ଛାତ୍ର ଅନଶନରେ ଅଛନ୍ତି। ଆପଣ ପ୍ରତିବାଦ କରୁଥିବା ଛାତ୍ରଙ୍କ ପ୍ରତିନିଧିମାନଙ୍କ ସହିତ ବ୍ୟକ୍ତିଗତ ଭାବରେ ସାକ୍ଷାତ କରନ୍ତୁ। ଦୟାକରି ପ୍ରତିବାଦ କରୁଥିବା ଛାତ୍ରମାନଙ୍କ କଥା ଶୁଣିବା ପାଇଁ ଯଥାସମ୍ଭବ ଚେଷ୍ଟା କରନ୍ତୁ ଏବଂ ସମସ୍ୟାର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ।ଗତ କିଛି ମାସ ଧରି, ଆମେ ପେପର ଲିକ୍ ଏବଂ ଶିକ୍ଷା ବ୍ୟବସ୍ଥାରେ ଅନିୟମିତତା ବିରୋଧରେ ପ୍ରତିବାଦ କରୁଥିବା ଛାତ୍ରମାନଙ୍କୁ ଆମର ପୂର୍ଣ୍ଣ ସମର୍ଥନ ପ୍ରଦାନ କରିଛୁ। ଆମେ ଏହା ମଧ୍ୟ ବିଶ୍ୱାସ କରୁ ଯେ ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଆରଏସଏସ ଏବଂ ବିଜେପି ଦ୍ୱାରା ଅପହରଣ କରାଯାଇଛି ଏବଂ ଛାତ୍ରଛାତ୍ରୀମାନଙ୍କୁ ଶୋଷଣ ଏବଂ ଅତ୍ୟାଚାରର ଏକ ଉପକରଣରେ ପରିଣତ କରାଯାଇଛି। ଏହା ଦଶନ୍ଧି ପୂର୍ବର ବ୍ୟବସ୍ଥା ନୁହେଁ।ଆପଣ ଗଠନ କରିଥିବା ଏକ କମିଟି ମାଧ୍ୟମରେ ଝାଡ଼ଖଣ୍ଡ ସରକାର ସେମାନଙ୍କ ସହିତ ଆଲୋଚନା ଆରମ୍ଭ କରିଥିବାରୁ ମୁଁ ଧନ୍ୟବାଦ ଜଣାଉଛି। ମୁଁ ବିଶ୍ୱାସ କରେ ଯେ ଛାତ୍ରଙ୍କ ଅନେକ ଦାବି ଉପରେ ସହମତି ହୋଇଛି। ତଥାପି, ପ୍ରତିବାଦ ଜାରି ରହିଛି ଏବଂ କିଛି ଛାତ୍ର ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ବସିଛନ୍ତି । ଭାରତର ଯୁବପିଢ଼ି ଦେଶର ଭବିଷ୍ୟତ। ଏହି ସଙ୍କଟ ସମୟରେ ଆମକୁ ସେମାନଙ୍କ ସହିତ ଏକତା ପ୍ରଦର୍ଶନ କରିବା ଏବଂ ସେମାନଙ୍କୁ ସମର୍ଥନ କରିବା ଉଚିତ।

# ଗୁଗଲ୍ କ୍ରୋମ୍ ପ୍ରତି ହ୍ୟାକିଂ ବିପଦ

ନୂଆଦିଲ୍ଲୀ: ଗୁଗଲ କ୍ରୋମ୍ ପ୍ରତି ବଡ଼ ଧରଣର ହ୍ୟାକିଂ ବିପଦ ଥିବା ସରକାରଙ୍କ ଇଣ୍ଡିଆନ କମ୍ପ୍ୟୁଟର ଏମର୍ଜେନ୍ସି ରେସ୍ପନ୍ସ ଟିମ୍ (ସିଇଆର୍ଟି-ଇନ୍) ପକ୍ଷରୁ ବ୍ୟବହାରକାରୀମାନଙ୍କୁ ସତର୍କ କରାଯାଇଛି। ବିଶେଷ କରି ଡେସ୍କଟପରେ କ୍ରୋମ୍ ବ୍ୟବହାର କରୁଥିବା ଲୋକମାନଙ୍କ ପ୍ରତି ହ୍ୟାକିଂର ଅଧିକ ବିପଦ ରହିଛି। ସେଥିରେ ଥିବା ଦୁର୍ବଳତାକୁ ଉପଯୋଗ କରି ହ୍ୟାକରମାନେ ଯେକୌଣସି ସ୍ଥାନରେ ରହି ଆକ୍ରମଣ କରିପାରିବେ। ଏହି ସତର୍କତା ଗୁଗଲର ୱିଣ୍ଡୋ, ମ୍ୟାକ୍ଓଏସ୍ ଓ ଲିନକ୍ସ ବ୍ୟବହାରକାରୀମାନଙ୍କ ଉପରେ ମଧ୍ୟ ଲାଗୁ ହେଉଛି। ସୁରକ୍ଷା ଅଭାବକୁ ଦୂର କରିବା ଲାଗି ତୁରନ୍ତ କ୍ରୋମକୁ ଅପଡେଟ୍ କରିବାକୁ ସିଇଆର୍ଟି-ଇନ୍ ପକ୍ଷରୁ କୁହାଯାଇଛି। ଗୁଗଲ କ୍ରୋମର ଭି୮, ଟ୍ୟାବଷ୍ଟ୍ରିପ୍, ଏଚିଟିଏମ୍ଏଲ୍, ଏକ୍ସଟେନ୍ସନ୍ ଓ ବ୍ଲିଙ୍କରେ ସମସ୍ୟା ରହିଛି।

# ସ୍ୱରେଜ କାମ ବେଳେ ମିଳିଲା ୯୮ କୋଟିର ସୁନା ଓ ବିରଳ ମୁଦ୍ରା



ବ୍ରସେଲ୍ସ : ସ୍ୱରେଜ ଲାଇନ କାମ ବେଳେ ମିଳିଛି ଗୁପ୍ତ ସମ୍ପତ୍ତିର ସନ୍ଧାନ। ମରାମତି ବେଳେ ମାଟି ତଳୁ ମିଳିଛି ଶ୍ରମିକମାନେ ଠାବ କରିଛନ୍ତି ପୁଳାପୁଳା ସୁନା ବାର୍ ଓ ବିରଳ କଏନ। ମାଟି ତଳୁ ବେଲଜିୟମର ଶ୍ରମିକମାନେ ଠାବ କରିଥିବା ଏହି ଜିନିଷଗୁଡ଼ିକର ମୂଲ୍ୟ ପ୍ରାୟ ୯ ନିୟୁତ ୟୁରୋ ବା ଭାରତୀୟ ମୁଦ୍ରାରେ ୯୮ କୋଟି ଟଙ୍କା ହେବ। ବେଲଜିୟମର ରାଜଧାନୀ ବ୍ରସେଲ୍ସ ଠାରୁ ୩୦ କିମି ଦୂର ସିଣ୍ଟ-ଗିଲିସ-ୱେଷ୍ଟ୍ରେମୋଣ୍ଡ ଠାରେ ନିୟମିତ ପାଇପ ଅଦଳବଦଳ କାମ ଚାଲିଥିଲା। ମଇଳା ପାଣି ଯିବା ପାଇଁ ଖୋଳାଖୋଳି ବେଳେ ଏହି ଗୁପ୍ତ ସମ୍ପତ୍ତିର ସନ୍ଧାନ ମିଳିଛିଥିବା ଜଣାପଡ଼ିଛି। ମାଟି ଖୋଳା କାମ ଚାଲୁଥିବା ବେଳେ ପ୍ରଥମେ ଜଣେ ୧୮ ବର୍ଷୀୟ ଶ୍ରମିକ ଏହାକୁ ଦେଖିଥିଲେ। ଏହାପରେ ସେ ନିଜର ସାଥୀମାନଙ୍କୁ ଅବଗତ କରାଇଥିଲେ। ୧୮ ବର୍ଷୀୟ ଶ୍ରମିକ ଜଣଙ୍କ ଗୋଟିଏ ଗଣମାଧ୍ୟମକୁ କହିଛନ୍ତି ଯେ "ମାଟି ଖୋଳା ଚାଲିଥିବା ବେଳେ ସେଠାରେ କିଛି ରହିଥିବା ଦେଖାଯାଇଥିଲା।

# ମୋଦୀଙ୍କ ପାଇଁ ଚାକିରି ଛାଡିଲେ କନଷ୍ଟେବଲ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ପାଗଳ ଗୁଜରାଟର ଜଣେ କାର୍ଯ୍ୟରତ ପୁଲିସ୍ କନଷ୍ଟେବଲ। ମୋଦିଙ୍କ ପାଇଁ ତାଙ୍କ ଭଲ ପାଇବା ଏତେ ବଢ଼ି ଯାଇଛି ଯେ ଶେଷରେ ସେ ପୁଲିସ୍ ଚାକିରିରୁ ଦେଇଛନ୍ତି ଇସ୍ତଫା।ମୋଦିଙ୍କୁ ୨୦୨୯ରେ ପୁଣି ପ୍ରଧାନମନ୍ତ୍ରୀ କରାଇବା ଲକ୍ଷ୍ୟରେ ସେ ପ୍ରତିଜ୍ଞା କରି ପୁଲିସ୍ ଚାକିରି ଛାଡ଼ିଛନ୍ତି। ମୋଦି ୨୦୨୯ରେ ପ୍ରଧାନମନ୍ତ୍ରୀ ନ ହେବା ଯାଏ ସେ କୌଣସି ଚପଲ ପିନ୍ଧିବେ ନାହିଁ ବୋଲି ଘୋଷଣା କରିଛନ୍ତି। ଏଥିସହ ସରକାରୀ ବିରୋଧୀ ପ୍ରଚାର ବିରୋଧରେ ଲଢ଼େଇ କରିବେ ବୋଲି ମଧ୍ୟ କହିଛନ୍ତି। ନିକଟରେ ଦିଲ୍ଲୀର ଯନ୍ତରମନ୍ତରରେ କକ୍ରୋଚ ଜନତା ପାର୍ଟି(ସିଜେପି) କରୁଥିବା ଆନ୍ଦୋଳନ ବେଳେ ସରକାରୀ ବିରୋଧୀ ପ୍ରଚାର ହୋଇଥିଲା। ଏହାକୁ ଦେଖି ତାଙ୍କ ଅନ୍ତର ଆତ୍ମା ବହୁତ କଷ୍ଟ ପାଇଥିଲା। ଏଥିପାଇଁ ସେ ଚାକିରିରୁ ଇସ୍ତଫା ଦେଇଥିବା କହିବାକୁ ମଧ୍ୟ ପଛାଇ ନାହାନ୍ତି। ଇସ୍ତଫା ଦେଇଥିବା ପୁଲିସ୍ କନଷ୍ଟେବଲ ଜଣଙ୍କ ହେଲେ ରାମଗର ମୋହନଗର ଗୋସାଇ। ସେ ଗାନ୍ଧିଧାମର ଆଦେସର ପୁଲିସ୍ ଷ୍ଟେସନରେ କନଷ୍ଟେବଲ ଭାବେ କାର୍ଯ୍ୟ କରୁଥିଲେ। ନିକଟରେ ଘଟିଥିବା ରାଜୀତିକ ଘଟଣାବଳୀ ତାଙ୍କୁ ବ୍ୟକ୍ତିଗତ ବଳିଦାନ ପାଇଁ ପ୍ରୋତ୍ସାହିତ କରିଥିବା ସେ କହିଛନ୍ତି। ପୁଲିସ୍ ପୋଷାକରେ ସେ ନିଜର ଗୋଟିଏ ଭିଡିଓ ରେକର୍ଡ କରିଛନ୍ତି। ଏଥିରେ ପୁଲିସ୍ ଚାକିରି ପାଇଁ ସେ କେତେ କଠିନ ପରିଶ୍ରମ କରିଥିଲେ, ସେକଥା ବି କହିଛନ୍ତି। ଗୋସାଇ କହିଛନ୍ତି, "ଅନେକ କଠିନ ପରିଶ୍ରମ ଓ ନିଷ୍ଠା ବଳରେ ମୁଁ ଏହି ସରକାରୀ ଚାକିରି ପାଇଥିଲି।"ଏହାପରେ ସେ ସେ ପୁଲିସ୍ ଚାକିରି ଛାଡ଼ିବାର ପ୍ରକୃତ କାରଣ କହିଛନ୍ତି। ବିରୋଧୀ ନେତୃତ୍ୱାଧୀନ ଆନ୍ଦୋଳନ ତାଙ୍କ କ୍ୟାରିୟର ପରିବର୍ତ୍ତନ ନିଷ୍ପତ୍ତିରେ ପ୍ରମୁଖ ଭୂମିକା ଗ୍ରହଣ କରିବା ଦାବି କରିଛନ୍ତି। ସେ ଭିଡିଓରେ ପ୍ରଧାନମନ୍ତ୍ରୀ ମୋଦି ଦେଶର ଯୁବଗୋଷ୍ଠୀଙ୍କ ସପକ୍ଷରେ ନେଇଥିବା ନିଷ୍ପତ୍ତି ଗୁଡ଼ିକ ବିଷୟରେ ସମସ୍ତଙ୍କୁ ଜଣାଇଛନ୍ତି।

## ଇସ୍ରାଏଲ ସାଂସଦଙ୍କ ବିବାଦୀୟ ମନ୍ତବ୍ୟ

# ପ୍ରତି ରାତିରେ ୩୦-୪୦ ଜଣଙ୍କୁ ହତ୍ୟା କରାଯିବା ଉଚିତ



ଜେରୁସାଲେମ : ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମେଣ୍ଟର କଠୋରପନ୍ଥୀ ଇସ୍ରାଏଲୀ ସାଂସଦ ଖୋଲାଖୋଲି ଭାବରେ ଗାଜାରେ ପ୍ରତିଦିନ ରାତିରେ ୩୦ ରୁ ୪୦ ଜଣଙ୍କୁ ହତ୍ୟା କରିବାକୁ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଜାତୀୟ ସୁରକ୍ଷା ମନ୍ତ୍ରୀ ଇଟାମାର ବେନ୍-ଗ୍ୱିର୍ ବ୍ରାସ୍ଲାଭସ୍କି ପୋଡକାଷ୍ଟରେ ପୂର୍ବତନ ଗାଜା ବନ୍ଧକ ରୋମ୍ ବ୍ରାସ୍ଲାଭସ୍କିଙ୍କ ସହ କଥାବାର୍ତ୍ତା ସମୟରେ ଏଭଳି ବିବୃତି ଦେଇଛନ୍ତି। ଉଭୟ ୭ ଅକ୍ଟୋବର ୨୦୨୩ରେ ହୋଇଥିବା ହମାସ ଆକ୍ରମଣ ବିଷୟରେ ଆଲୋଚନା କରୁଥିଲେ। ବେନ୍-ଗ୍ୱିର୍ ଗାଜାରେ ଇସ୍ରାଏଲର ସମ୍ପ୍ରତି ଆକ୍ରମଣ କମାଇବାକୁ ସମାଲୋଚନା କରିଥିଲେ। ସେ କହିଛନ୍ତି, ମୁଁ ପ୍ରଧାନମନ୍ତ୍ରୀଙ୍କ ସହ ସହମତ ନୁହେଁ। ମୁଁ ଭାବୁଛି ଗାଜାରେ ଟାର୍ଗେଟ ହତ୍ୟା କରାଯିବା ଉଚିତ୍। ପ୍ରତି ରାତିରେ ଲୋକଙ୍କୁ ହତ୍ୟା କରାଯିବା ଉଚିତ୍।ପୂର୍ବରୁ, ବେନ୍-ଗଭିର୍ ଏବଂ ଅନ୍ୟାନ୍ୟ ଇସ୍ରାଏଲୀ ଅଧିକାରୀମାନେ ସମାନ ମନ୍ତବ୍ୟ ପାଇଁ କଡ଼ା ସମାଲୋଚନାର ଶିକାର ହୋଇଛନ୍ତି। ଏହି ମନ୍ତବ୍ୟଗୁଡ଼ିକ ମଧ୍ୟରୁ ଅନେକକୁ ଜାତିସଂଘ ବିଶ୍ୱ ଅଦାଲତରେ ନରସଂହାର ଉଦ୍ଦେଶ୍ୟର ପ୍ରମାଣ ଭାବରେ ଉପସ୍ଥାପିତ କରାଯାଇଛି। ତେବେ ଇସ୍ରାଏଲ ଗାଜାରେ ନରସଂହାର କରିବାକୁ ଅସ୍ୱୀକାର କରୁଛି।୨୦୨୩ ମସିହାରେ ହମାସର ନିଷ୍ଠୁର ଆକ୍ରମଣ ପରେ ଇସ୍ରାଏଲୀମାନଙ୍କ ମଧ୍ୟରେ ବେନ୍-ଗ୍ୱିର୍ଙ୍କ ଭଳି ଲୋକମାନେ ଅଧିକ ଲୋକପ୍ରିୟ ହୋଇଛନ୍ତି। ହମାସ ଆକ୍ରମଣରେ ପ୍ରାୟ ୧୨୦୦ ଲୋକ ପ୍ରାଣ ହରାଇଥିଲେ ଏବଂ ୨୫୧ ଜଣଙ୍କୁ ବନ୍ଧକ କରାଯାଇଥିଲା।ବେନ୍-ଗ୍ୱିର୍ ଦେଶର ସାମରିକ ବାହିନୀକୁ ନିୟନ୍ତ୍ରଣ କରନ୍ତି ନାହିଁ ଏବଂ ଗାଜା ଉପରେ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଇପାରିବେ ନାହିଁ, କିନ୍ତୁ ଇସ୍ରାଏଲର ଅତି ଦକ୍ଷିଣପନ୍ଥୀ ମଧ୍ୟରେ ଦଶନ୍ଧି ଧରି କାମ କରିବା ପରେ, ସେ ବର୍ତ୍ତମାନ ଦେଶର ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରୁ ଜଣେ। ଇସ୍ରାଏଲର ସୁରକ୍ଷା ବ୍ୟବସ୍ଥାର ପ୍ରମୁଖ ଅଂଶ, ଦେଶର ଜେଲ୍ ଏବଂ ଜାତୀୟ ପୁଲିସ ବାହିନୀ ପରିଚାଳନା ଉପରେ ତାଙ୍କର ଯଥେଷ୍ଟ ନିୟନ୍ତ୍ରଣ ଅଛି। ପୂର୍ବରୁ ପାଲେଷ୍ଟାଇନୀ କଏଦୀମାନଙ୍କ ପାଇଁ ଖାଦ୍ୟ ରାସନ୍ ହ୍ରାସ କରିବାକୁ ଆହ୍ୱାନ କରିଥିଲେ। ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଇସ୍ରାଏଲ ପ୍ରାୟ ପ୍ରତିଦିନ ଗାଜା ଉପରେ ଆକ୍ରମଣ କରୁଛି। ଅକ୍ଟୋବରରେ ଯୁଦ୍ଧବିରାମ ଚୁକ୍ତି କାର୍ଯ୍ୟକାରୀ ହେବା ପରଠାରୁ ଏହି ଆକ୍ରମଣରେ ୧,୨୫୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି।

# ଡ୍ରଗ୍ ଟେଷ୍ଟରେ ପଜିଟିଭ୍ ଆଉ ଦୁଇ ଏୟାର ଇଣ୍ଡିଆ ପାଇଲଟ୍

ନୂଆଦିଲ୍ଲୀ : ଏୟାର ଇଣ୍ଡିଆର ସଙ୍କଟ ଶେଷ ହେବାର ନା ଧରୁନି। ଏୟାର ଇଣ୍ଡିଆର ଏକ ବିମାନ ଟର୍ବୁଲାନ୍ସ ଘଟଣା ପରେ, ପାଇଲଟଙ୍କ ବ୍ୟବସ୍ଥାକୁ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଏବେ ଆଉ ଦୁଇ ଜଣ ପାଇଲଟଙ୍କର ଡ୍ରଗ୍ ପରୀକ୍ଷା ରିପୋର୍ଟ ପଜିଟିଭ୍ ଆସିଛି। ଏହି ଦୁଇ ପାଇଲଟଙ୍କ ଚୂଡ଼ାନ୍ତ ପରୀକ୍ଷା ଫଳାଫଳ ଅପେକ୍ଷାରେ ଥିବା ବେଳେ, ଚୂଡ଼ାନ୍ତ ରିପୋର୍ଟ ଆସିବା ପର୍ଯ୍ୟନ୍ତ ସେମାନଙ୍କୁ ଡ୍ୟୁଟି ତଥା ଫ୍ଲାଇଟ୍ ରୋଷ୍ଟରରୁ ହଟାଇ ଦିଆଯାଇଛି। ପ୍ରାରମ୍ଭିକ ଡ୍ରଗ୍ ପରୀକ୍ଷାରେ ଦୁଇ ପାଇଲଟ୍ଙ୍କର ନମୁନା ପରୀକ୍ଷା ପଜିଟିଭ୍ ଆସିଛି। ଚୂଡ଼ାନ୍ତ ପରୀକ୍ଷଣ ରିପୋର୍ଟ ଆସିବାକୁ ୨୪ ରୁ ୪୮ ଘଣ୍ଟା କିମ୍ବା ତା'ଠାରୁ ଅଧିକ ସମୟ ଲାଗିପାରେ। ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ହିଁ ଦୁଇ ପାଇଲଟ୍ଙ୍କ ବିରୋଧରେ ପରବର୍ତ୍ତୀ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ ତାହା ସ୍ପଷ୍ଟ ହେବ। ଇତିମଧ୍ୟରେ ଏୟାର ଇଣ୍ଡିଆରେ କାର୍ଯ୍ୟରତ ୫ ହଜାରରୁ ଅଧିକ ପାଇଲଟଙ୍କ ମଧ୍ୟରୁ ୩୦୦ରୁ ଅଧିକ ପାଇଲଟଙ୍କର ଡ୍ରଗ୍ ପରୀକ୍ଷା କରାଯାଇଛି। ପୂର୍ବରୁ, ଫୁକେଟରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ଏକ ବିମାନ ଟର୍ବୁଲାନ୍ସର ସମ୍ମୁଖୀନ ହେବା ପରେ, ଏୟାର ଇଣ୍ଡିଆ କହିଥିଲା ଯେ, ସମସ୍ତ ପାଇଲଟଙ୍କ ପାଇଁ ଡ୍ରଗ୍ ପରୀକ୍ଷା କରାଯିବ।

# ଚେଇସ୍ତା କୋଚର ନଜ୍ ପୁରସ୍କାର ୨୦୨୬

ନୂଆଦିଲ୍ଲୀ : ଇଣ୍ଡିଆନ୍ ସ୍କୁଲ୍ ଅଫ୍ ପବ୍ଲିକ୍ ପଲିସି (ଆଇଏସ୍ପିପି) ଏବଂ ଚେଇସ୍ତା କୋଚର ଫାଉଣ୍ଡେସନର ସହଭାଗିତାରେ ଚେଇସ୍ତା କୋଚର ନଜ୍ ପୁରସ୍କାର ୨୦୨୬ ଅନୁଷ୍ଠିତ ହୋଇଥିଲା । ଗ୍ରାମାଂଚଳ ଏବଂ ସ୍ୱଳ୍ପ ଆୟକାରୀ ପିତାମାତାଙ୍କୁ ସେମାନଙ୍କ ପିଲାମାନଙ୍କର ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନକୁ ମଜବୁତ କରିବାରେ ସାହାଯ୍ୟ କରିବା ପାଇଁ ହ୍ୱାଟ୍ସଆପ୍, ଏସ୍ଏମ୍ଏସ୍ ଏବଂ ସ୍ୱୟଂଚାଳିତ କଲ୍ ମାଧ୍ୟମରେ, ପାଠ୍ୟକ୍ରମ-ସଂଯୁକ୍ତ ମାଇକ୍ରୋ-ଲର୍ଣ୍ଣିଂ ବ୍ୟବହାର କରୁଥିବା ଏକ ସରକାରୀ ଡିଜିଟାଲ୍ ପ୍ୟାରେଂଟାଲ୍ ଏନଗେଜମେଂଟ ପ୍ରୋଗ୍ରାମ "ପ୍ରକାଶକ' ପାଇଁ ଓଡିଶାର ବିନାୟକ ଆଚାର୍ଯ୍ୟଙ୍କ ପ୍ରତିନିଧିତ୍ୱ କରୁଥିବା ଥିଙ୍କଜୋନ୍ କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ନୀତି ନିର୍ମାତା, ଆଚରଣଗତ ବୈଜ୍ଞାନିକ, ଶିକ୍ଷାବିତ୍, ସାମାଜିକ ଉଦ୍ୟୋଗୀ ଏବଂ ଜନନେତାମାନଙ୍କୁ ଏକତ୍ରିତ କରି ବ୍ୟାବହାରିକ ବିଜ୍ଞାନର ଅଭିନବ ପ୍ରୟୋଗକୁ ପାଳନ କରିବା ପାଇଁ ଏକତ୍ରିତ ହୋଇଥିଲେ ଯାହା ସମଗ୍ର ଭାରତରେ ବାସ୍ତବ ବିଶ୍ୱ ସାର୍ବଜନୀନ ନୀତି ଏବଂ ବିକାଶ ଆହ୍ୱାନର ସମାଧାନ କରିଥାଏ । ନୀତି ନିର୍ଦ୍ଧାରଣରେ ବ୍ୟାବହାରିକ ବିଜ୍ଞାନର ଭୂମିକା ଉପରେ ଆଲୋକପାତ କରି ଡକ୍ଟର ଅଶୋକ ଲାହିରୀ କହିଛନ୍ତି, "ସାର୍ବଜନୀନ ନୀତିରେ ଭାରତର ପରବର୍ତ୍ତୀ ଦିଗ କେବଳ ଉନ୍ନତ ଯୋଜନା ପ୍ରସ୍ତୁତ କରିବା ନୁହେଁ, ବରଂ ନାଗରିକମାନେ ପ୍ରକୃତରେ କିପରି ବ୍ୟବହାର କରୁଛନ୍ତି ସେ ବିଷୟରେ ଯୋଜନା ପ୍ରସ୍ତୁତ କରିବା । ବ୍ୟକ୍ତିଗତ ସ୍ୱାଧୀନତା ଛଡ଼ାଇ ନନେଇ ପସନ୍ଦ ଉପସ୍ଥାପନ କରିବାର ପଦ୍ଧତିକୁ ସୂକ୍ଷ୍ମ ଭାବରେ ପରିବର୍ତ୍ତନ କରି ନଜ୍ ଏହି ବ୍ୟବଧାନକୁ ଦୂର କରିବାରେ ସାହାଯ୍ୟ କରିପାରିବ। ସେ ବ୍ୟାବହାରିକ ଅଡିଟ୍, କ୍ଷେତ୍ର ପରୀକ୍ଷଣ ଏବଂ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିର ସମ୍ଭାବନା ଉପରେ ଆଲୋକପାତ କରିଥିଲେ ଯାହା କାର୍ଯ୍ୟ କରୁଥିବା ହସ୍ତକ୍ଷେପ ପରୀକ୍ଷଣ, ମାପ ଏବଂ ଦ୍ରୁତ ଗତିରେ ମାପ କରିଥାଏ, ଯାହା ଶାସନକୁ ଅଧିକ ନାଗରିକ କୈନ୍ଦ୍ରିକ, ଫଳାଫଳ-ଆଧାରିତ ଏବଂ ଆର୍ଥିକ ଦୃଷ୍ଟିରୁ ଦକ୍ଷ କରିଥାଏ ।'

# ତ୍ୱିଶା ଶର୍ମା ମୃତ୍ୟୁ ମାମଲା : ସିବିଆଇର ଚାର୍ଜସିଟ୍ ଦାଖଲ



ଭୋପାଳ : ମଧ୍ୟପ୍ରଦେଶର ଭୋପାଳରେ ତ୍ୱିଶା ଶର୍ମା ମୃତ୍ୟୁ ମାମଲାରେ ସିବିଆଇ ଏକ ବଡ଼ ଖୁଲାସା କରିଛି। ସିବିଆଇ ୬୩୬ ପୃଷ୍ଠାର ଏକ ଚାର୍ଜସିଟ୍ ଦାଖଲ କରି ଏହାକୁ ଏକ ଆତ୍ମହତ୍ୟା ବୋଲି ପ୍ରକାଶ କରିଛି। ସିବିଆଇ କହିଛି ଯେ, ତ୍ୱିଶାଙ୍କ ଦ୍ୱିତୀୟ ପୋଷ୍ଟମର୍ଟମ୍ ରିପୋର୍ଟରେ ମଧ୍ୟ ଆତ୍ମହତ୍ୟାକୁ ନିଶ୍ଚିତ କରାଯାଇଛି।ତ୍ୱିଶା ଶର୍ମାଙ୍କ ପରିବାର ପ୍ରାରମ୍ଭିକ ପୋଷ୍ଟମର୍ଟମ ରିପୋର୍ଟକୁ ବିରୋଧ କରି କହିଥିଲେ ଯେ ତଥ୍ୟ ସହିତ ହେରଫେର୍ କରାଯାଇଛି। ତ୍ୱିଶାଙ୍କ ବାପାମାଆ ଏବଂ ଭାଇ ଅଭିଯୋଗ କରିଥିଲେ, ପୋଷ୍ଟମର୍ଟମ ପୂର୍ବରୁ ତାଙ୍କ ଅଭିଯୁକ୍ତ ଶାଶୁ ଗିରିବାଳାଙ୍କ ପ୍ରଭାବ ଯୋଗୁଁ ତଥ୍ୟ ସହିତ ହେରଫେର୍ କରାଯାଇଥିଲା। ସେମାନେ ସନ୍ଦେହ କରୁଥିଲେ ଯେ ତ୍ୱିଶାଙ୍କୁ ହତ୍ୟା କରାଯାଇଛି। ତ୍ୱିଶାଙ୍କ ପରିବାରର ଆପତ୍ତି ପରେ, ଜବଲପୁର ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଦିଲ୍ଲୀର ଏମସର ଏକ ଦଳ ଭୋପାଳରେ ପହଞ୍ଚି ଏମସରେ ପୁନର୍ବାର ତ୍ୱିଶାଙ୍କ ପୋଷ୍ଟମର୍ଟମ୍ କରାଯାଇଥିଲେ। ତେବେ ଦ୍ୱିତୀୟ ପୋଷ୍ଟମର୍ଟମ୍ ରିପୋର୍ଟ ମଧ୍ୟ ଆତ୍ମହତ୍ୟାକୁ ନିଶ୍ଚିତ କରିଛି। ମଡେଲ-ଅଭିନେତ୍ରୀ ତ୍ୱିଶା ଶର୍ମାଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ସିବିଆଇ ସମର୍ଥ ସିଂହ ଏବଂ ଗିରିବାଳା ସିଂହଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ପୂର୍ବରୁ ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ତ୍ୱିଶା ଶର୍ମାଙ୍କ ଯୌତୁକ ଜନିତ ମୃତ୍ୟୁ ଅଭିଯୋଗରେ ଅଭିଯୁକ୍ତ ଅବସରପ୍ରାପ୍ତ ଜିଲ୍ଲା ବିଚାରପତି ଗିରିବାଳା ସିଂହ ଏବଂ ତାଙ୍କ ପୁଅ ସମର୍ଥ ସିଂହଙ୍କ ନ୍ୟାୟିକ ହାଜତକୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ନିୟମିତ ମାଜିଷ୍ଟ୍ରେଟ ଛୁଟିରେ ଥିବାରୁ ଜଣେ ଡ୍ୟୁଟି ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ କୋର୍ଟର ଶୁଣାଣି କରାଯାଇଥିଲା। ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଭୟ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ।ତ୍ୱିଶା ଶର୍ମାଙ୍କ ପରିବାରର ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ଶୁଭାଙ୍ଗୀ ଦୀକ୍ଷିତ କହିଛନ୍ତି ଯେ ତଦନ୍ତ ଏବେ ବି ଜାରି ରହିଛି ବୋଲି ସିବିଆଇର ଯୁକ୍ତି ଶୁଣିବା ପରେ କୋର୍ଟ ସେମାନଙ୍କ ନ୍ୟାୟିକ ହାଜତ ବୃଦ୍ଧି ପାଇଁ ସିବିଆଇର ଆବେଦନକୁ ମଞ୍ଜୁର କରିଛନ୍ତି। କୋର୍ଟ ଶୁଣାଣି ସମୟରେ, ଅଭିଯୁକ୍ତମାନେ ସ୍ୱର ନମୁନା ପ୍ରଦାନ କରିବାରେ ସହଯୋଗ କରି ନଥିବା ସିବିଆଇର ଅଭିଯୋଗକୁ ବିରୋଧ କରିଥିଲେ। ପ୍ରତିପକ୍ଷ ମଧ୍ୟ ଅଭିଯୋଗ କରିଥିଲେ ଯେ ସ୍ୱର ନମୁନା ସଂଗ୍ରହ ପ୍ରକ୍ରିୟା ସମୟରେ ତଦନ୍ତକାରୀ ସଂସ୍ଥା ଅଧିକାରୀଙ୍କ ଆଚରଣ ଅନୁଚିତ ଥିଲା ଏବଂ କୋର୍ଟ ସମ୍ମୁଖରେ ଏହା ଉପରେ ଆପତ୍ତି ଉଠାଇଥିଲେ। ତ୍ୱିଶାଙ୍କର ମେ' ୧୨ରେ ମୃତ୍ୟୁ ଘଟିଥିଲା। ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ୩୩ ବର୍ଷ ବୟସ୍କା ତ୍ୱିଶା ୯ ଡିସେମ୍ବର ୨୦୨୫ରେ ସମର୍ଥଙ୍କୁ ବିବାହ କରିଥିଲେ।

## ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ୨୦୨୬

# ପ୍ରଥମ ବିଜୟ ଲକ୍ଷ୍ୟରେ ଭାରତୀୟ ମହିଳା ଦଳ

ଆମଷ୍ଟେଲଭିନ୍, ୧୭।୮ (ଏଜେନ୍ସି): ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ୨୦୨୬ରେ ନିଜର ପ୍ରଥମ ବିଜୟ ହାସଲ କରିବା ଲକ୍ଷ୍ୟରେ ଭାରତୀୟ ମହିଳା ହକି ଦଳ ଅଗଷ୍ଟ ୧୮ ତାରିଖରେ ଆମଷ୍ଟେଲଭିନର ୱାଗେନର ହକି ଷ୍ଟାଡିୟମରେ ପୁଲ୍ ଡି'ର ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ଭାରତ ଚଚୀନ୍ ବିପକ୍ଷରେ ୨-୨ ଗୋଲର ଲଢୁଆ ଡ୍ର' ସହ ନିଜର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଥିଲା। ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ଚୀନ୍ ବିପକ୍ଷରେ ଭାରତୀୟ ଦଳ ଦୃଢ଼ତା, ଧୈର୍ଯ୍ୟ ଓ ଆକ୍ରମଣାତ୍ମକ ମନୋଭାବର ଚମତ୍କାର ପ୍ରଦର୍ଶନ କରିଥିଲା। ଚୀନ୍ ବିପକ୍ଷରେ ଭାରତ ଆତ୍ମବିଶ୍ୱାସର ସହ ମ୍ୟାଚ୍ ଆରମ୍ଭ କରିଥିଲା। ନଭନୀତ ଓ ଦୀପିକା ନିଜର ଚମତ୍କାର ଫର୍ମ ଜାରି ରଖି ଭାରତ ପାଇଁ ଗୋଲ୍ ସ୍କୋର କରିଥିଲେ। ଚୀନ୍ ଦୁଇଥର ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ ମଧ୍ୟ ଭାରତୀୟ ଦଳର ରକ୍ଷଣାତ୍ମକ ଶୃଙ୍ଖଳା ଓ ଲଢୁଆ ମନୋଭାବ ତାଙ୍କୁ ଏକ ମୂଲ୍ୟବାନ ପଏଣ୍ଟ ହାସଲ କରିବାରେ ସହାୟତା କରିଥିଲା। ଏହି ଫଳାଫଳ ଭାରତକୁ ଦକ୍ଷିଣ



### ଆଜି ପୁଲ୍ ଡି'ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ

ଆଫ୍ରିକା ବିପକ୍ଷ ମ୍ୟାଚ୍ ପୂର୍ବରୁ ଆତ୍ମବିଶ୍ୱାସ ଦେବ। ତେବେ ସକାରାତ୍ମକ ଗତିକୁ ତିନି ପଏଣ୍ଟରେ ପରିଣତ କରିବାର ଗୁରୁତ୍ୱକୁ ମଧ୍ୟ ଏହା ସ୍ପଷ୍ଟ କରିଛି। ଅନ୍ୟପକ୍ଷରେ, ଦକ୍ଷିଣ ଆଫ୍ରିକା ନିଜର ପ୍ରଥମ ପୁଲ୍ ଡି' ମ୍ୟାଚ୍‌ରେ ଇଂଲଣ୍ଡଠାରୁ ୦-୪ ଗୋଲରେ ପରାସ୍ତ ହେବା ପରେ ଜୋରଦାର ପ୍ରତ୍ୟାବର୍ତ୍ତନ କରିବାକୁ ଚାହିଁବ। ଇଂଲଣ୍ଡ ବର୍ତ୍ତମାନ ପୁଲର ଶୀର୍ଷରେ ରହିଥିବା ବେଳେ ଭାରତ ଓ ଚୀନ୍ ନିଜର ପ୍ରଥମ ମ୍ୟାଚ୍ ଡ୍ର' କରିବା ପରେ ସମାନ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ପ୍ରଥମ ପର୍ଯ୍ୟାୟର ପ୍ରତ୍ୟେକ ପୁଲରୁ ଶୀର୍ଷ ଦୁଇଟି ଦଳ ପରବର୍ତ୍ତୀ ନକ୍‌ଆଉଟ୍ ପର୍ଯ୍ୟାୟକୁ ଯିବାରୁ ପ୍ରତ୍ୟେକ ପଏଣ୍ଟର ଗୁରୁତ୍ୱ ବଢ଼ିଯାଇଛି। ତେଣୁ ଭାରତ ଜାଣିଛି ଯେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ବିଜୟ ତାଙ୍କର ପରବର୍ତ୍ତୀ ପର୍ଯ୍ୟାୟର ଯୋଗ୍ୟତା ଆଶାକୁ ଆହୁରି ମଜବୁତ କରିପାରିବ। ତେବେ ମୁଖ୍ୟ ପ୍ରଶିକ୍ଷକ ସ୍ଜୋର୍ଡ ମାରିଜ୍ନେ ତାଙ୍କ ଖେଳାଳିମାନଙ୍କୁ ପଏଣ୍ଟର ଗଣିତ ଉପରେ ଧ୍ୟାନ ନ ଦେବାକୁ କହିଛନ୍ତି। ମାରିଜେନ କହିଛନ୍ତି, "ଆମେ ଗଣିତ କିମ୍ବା କିଏ କାହାକୁ ହରାଉଛି, ସେଥିରେ ଧ୍ୟାନ ଦେଉନାହୁଁ। ଆମ ପାଇଁ ସବୁଠାରୁ ଜରୁରୀ ହେଉଛି ନିଜ ଉପରେ ଏବଂ ନିଜର ଶକ୍ତି ଉପରେ ଧ୍ୟାନ ଦେବା।" ସେ ଆହୁରି କହିଛନ୍ତି, "ଆମେ (ଚୀନ୍ ବିପକ୍ଷରେ) ସୁଯୋଗ ସୃଷ୍ଟି କରିଥିଲୁ। ଏହା ଏକ ସକାରାତ୍ମକ ଦିଗ ଥିଲା। ମୋତେ ଲାଗୁଛି, ରକ୍ଷଣାତ୍ମକ ଭାବେ ଆମେ ବହୁତ ଦୃଢ଼ ଥିଲୁ। ଆମକୁ ଡବଲ୍ ଟର୍ଣ୍ଣଓଭର ଉପରେ କାମ କରିବାକୁ ପଡ଼ିବ । ବଲ୍ ଜିତିବା ଏବଂ ତାହାକୁ ନିଜ ନିୟନ୍ତ୍ରଣରେ ରଖିବା। ଏହି କ୍ଷେତ୍ରରେ ଆମେ ଆହୁରି ଭଲ କରିପାରିବୁ।" ସେ ଯୋଗ କରିଛନ୍ତି, "ଏବେ ଆମେ ଦକ୍ଷିଣ ଆଫ୍ରିକାକୁ ଭେଟିବୁ ଏବଂ ମୁଁ ଝିଅମାନଙ୍କୁ କହିଛି ଯେ କୌଣସି ଭାବେ ଏହି ମ୍ୟାଚ୍‌କୁ ହାଲୁକା ଭାବେ ନେବା ନାହିଁ। ଦକ୍ଷିଣ ଆଫ୍ରିକା ମଧ୍ୟ ଏକ ଭଲ ଦଳ ତେଣୁ ଆମକୁ ଏହି ମ୍ୟାଚ୍ ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ।" "ଭାରତ ପାଇଁ ଚୀନ୍ ବିପକ୍ଷରେ ଯେଉଁ ତୀବ୍ରତା ଓ ଧୈର୍ଯ୍ୟ ଦେଖାଇଥିଲା, ତାହାକୁ ବଜାୟ ରଖିବା ସହ ଆକ୍ରମଣାତ୍ମକ ତୃତୀୟାଂଶରେ ଅଧିକ ସୁଯୋଗକୁ ଗୋଲରେ ପରିଣତ କରିବାକୁ ପଡ଼ିବ। ନଭନୀତ ଓ ଦୀପିକାଙ୍କ ଟୁର୍ଣ୍ଣାମେଣ୍ଟର ଆରମ୍ଭରୁ ଭଲ ଫର୍ମ ଦଳ ପାଇଁ ଏକ ବଡ଼ ଆତ୍ମବିଶ୍ୱାସର ଉତ୍ସ ହେବ । ଏଥିସହ ଚାପ ମଧ୍ୟରେ ଦଳର ଦୃଢ଼ତା ପୁଣିଥରେ ପରୀକ୍ଷା ହେବ । ଅନ୍ୟପକ୍ଷରେ, ପ୍ରଥମ ମ୍ୟାଚ୍‌ର ପରାଜୟ ପରେ ଦକ୍ଷିଣ ଆଫ୍ରିକା ଜୋରଦାର ପ୍ରତିକ୍ରିୟା ଦେବାକୁ ଚାହିଁବ । ଏହି ଦଳ ପାଇଁ ମଧ୍ୟ ଏବେ ପ୍ରତ୍ୟେକ ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଭାରତ ଏକ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଆଶା କରିପାରେ।ଚୀନ୍ ବିପକ୍ଷରେ ଦେଖାଇଥିବା ବିଶ୍ୱାସ, ଭୋକ ଓ ଲଢୁଆ ମନୋଭାବରୁ ଭାରତୀୟ ଦଳ ଆତ୍ମବିଶ୍ୱାସ ନେବ। ଏବେ ବିଶ୍ୱକପ୍‌ର ପ୍ରଥମ ବିଜୟ ଉପରେ ନଜର ରଖି ଭାରତ ସେହି ଭିତ୍ତିକୁ ଆହୁରି ମଜବୁତ କରିବା, ତିନିଟି ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ ହାସଲ କରିବା ଏବଂ ରୋମାଞ୍ଚକ ପୁଲ୍ ଡି'ରେ ନିଜ ସ୍ଥିତିକୁ ଆହୁରି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିବ।

## ଜୁନିଅର ରାଜ୍ୟ କବାଡି ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର, ୧୭।୮ (ସବ୍ୟୁ) : ଚଳିତ ମାସ ଅଗଷ୍ଟ ୧୩ ରୁ ୧୬ ତାରିଖ, ୨୦୨୬ ଯାଏଁ ସ୍ଥାନୀୟ ଟାଇମ୍ସ ସ୍କଲାର୍ସ, ଗୁରୁକୁଳ, ଭୁବନେଶ୍ୱରଠାରେ ଆୟୋଜିତ '୫୨ତମ ଜୁନିଅର ରାଜ୍ୟ କବାଡ଼ି ପ୍ରତିଯୋଗିତା' ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ସମାରୋହରେ ସୂର୍ଯ୍ୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଖେଳାଳୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।ବାଳକ ବିଭାଗରେ ବିଜେତା ଖୋର୍ଦ୍ଧା ଦଳକୁ ପୁରସ୍କାର ସହ ୩୦,୦୦୦ ଟଙ୍କା ମୁଦ୍ରା ରାଶି, ଦ୍ୱିତୀୟସ୍ଥାନ ବାଲେଶ୍ୱରକୁ ପୁରସ୍କାର ସହ ୨୦,୦୦୦ଟଙ୍କା ମୁଦ୍ରା ରାଶି, ତୃତୀୟସ୍ଥାନ ଗଞ୍ଜାମକୁ ପୁରସ୍କାର ସହ ୧୦,୦୦୦ ଟଙ୍କା ମୁଦ୍ରା



ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ବିଜେପିର ଉପସଭାପତି ଶ୍ରୀ ଗୋଲକ ମହାପାତ୍ର, ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି, ପତ୍ରିଭା ଶତପଥୀ, ମୁକ୍ତା ସାହୁ, ପୂର୍ବତନ ସାଂସଦ ଡ. ପ୍ରସନ୍ନ କୁମାର ପାଟଶାଣୀ, ଟାଇମ୍ସ ସ୍କଲାର ଗୁରୁକୁଳର ଅଧ୍ୟକ୍ଷ ଡ. ସାରଦା ପ୍ରସାଦ ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ମହାପାତ୍ର, ଓଡ଼ିଶା କବାଡ଼ି ଆସୋସିଏସନର ଅବୈତନିକ ସଚିବ ଅଜୟ କୁମାର ବେହେରା, ଚିନ୍ମୟ ମହାନ୍ତି, ଯୁଗ୍ମ ସମ୍ପାଦକ ରାଶି, ଚତୁର୍ଥ ସ୍ଥାନ ସମ୍ବଲପୁରଙ୍କୁ ଟ୍ରଫି ମିଳିଥିଲା ।ବାଳିକା ବିଭାଗରେ ବିଜେତା ସମ୍ବଲପୁର ଦଳକୁ ପୁରସ୍କାର ସହ ୩୦,୦୦୦ ଟଙ୍କା ମୁଦ୍ରା ରାଶି, ଦ୍ୱିତୀୟସ୍ଥାନ ପୁରୀ ଦଳକୁ ପୁରସ୍କାର ସହ ୨୦,୦୦୦ ଟଙ୍କା ମୁଦ୍ରା ରାଶି, ତୃତୀୟସ୍ଥାନ ଭୁବନେଶ୍ୱର ଦଳକୁ ପୁରସ୍କାର ସହ ୧୦,୦୦୦ ଟଙ୍କା ମୁଦ୍ରା ରାଶି, ଚତୁର୍ଥ ସ୍ଥାନ ଆର.ଏଲ୍.ସି., ରାଉରକେଲାଙ୍କୁ ଟ୍ରଫି ମିଳିଥିଲା । ଏହି ପ୍ରତିଯୋଗିତାରେ ମୋଟ୍ ୩୦ ଜିଲ୍ଲାରୁ ଖେଳାଳୀମାନେ ଅଂଶଗ୍ରହଣ କରିଥିଲେ ।

## ଫାଓ ଫୁଟବଲ : ପୋଲିସ ଟିମକୁ ସମ୍ବର୍ଦ୍ଧିତ କଲେ ଡିଜିପି

କଟକ, ୧୭।୮ (ସବ୍ୟୁ) : ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଫାଓ ଫୁଟବଲ ଲିଗରେ ଚମ୍ପିଆନ୍ ହୋଇଥିବା ଓଡ଼ିଶା ପୁଲିସ ଫୁଟବଲ ଦଳ ଆଜି ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଡିଜିପି ଶ୍ରୀ ମିଶ୍ର ଚାମ୍ପିଅନ ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷତାର ଭୂୟସୀ ପ୍ରଶଂସା କରିଛନ୍ତି। ଡିଜିପି ଶ୍ରୀ ମିଶ୍ର କହିଛନ୍ତି ଯେ, ଓଡ଼ିଶା ପୁଲିସ କ୍ରୀଡ଼ାବିତମାନେ ନିଜର ପ୍ରତିଭା, ଶୃଙ୍ଖଳା ଓ ନିଷ୍ଠା ଦ୍ୱାରା ପୁଲିସ ବାହିନୀର ଗୌରବ ବୃଦ୍ଧି କରୁଛନ୍ତି। ଫାଓ ଫୁଟବଲ ଲିଗ୍‌ରେ ଏହି ସଫଳତା ଅନ୍ୟ କ୍ରୀଡ଼ାବିତମାନଙ୍କୁ ମଧ୍ୟ ଉଚ୍ଚକୋଟିର କ୍ରିଡା ପ୍ରଦର୍ଶନ ପାଇଁ ପ୍ରେରଣା ଯୋଗାଇବ। ଭବିଷ୍ୟତରେ ଓଡ଼ିଶା ପୋଲିସ କ୍ରୀଡ଼ାବିତମାନେ ଆହୁରି ଅନେକ ସଫଳତା ହାସଲ କରି ରାଜ୍ୟ ପୋଲିସ ବାହିନୀ ପାଇଁ ଗୌରବ ଆଣିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।ଉଲ୍ଲେଖଯୋଗ୍ୟ ଯେ, ଅଗଷ୍ଟ ୧୬ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ




ଅନୁଷ୍ଠିତ ଫାଓ ଫୁଟବଲ ଲିଗର ଫାଇନାଲ ମ୍ୟାଚରେ ଓଡ଼ିଶା ପୋଲିସ ୫-୧ ଗୋଲ୍‌ରେ ୟଙ୍ଗ ଉତ୍କଳ କ୍ଲବକୁ ପରାସ୍ତ କରି ଚମ୍ପିଆନ୍ ହୋଇଥିଲା ।ଫାଇନାଲ ମ୍ୟାଚରେ ଓଡ଼ିଶା ପୁଲିସ ପକ୍ଷରୁ ପୁରୁଷୋତ୍ତମ କେରକେଟା ଦୁଇଟି ଗୋଲ୍ ସ୍କୋର କରିଥିବା ବେଳେ ଲଖାଇ ମୁର୍ମୁ, ରାଇସେନ ଟୁଡୁ ଓ ବିଜୟ ବେହେରା ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ । ଦଳର ଏହି ଚମତ୍କାର ପ୍ରଦର୍ଶନ ଓଡ଼ିଶା ପୁଲିସର କ୍ରୀଡ଼ା ଦକ୍ଷତା ଓ ଟିମ୍ ସ୍ପିରିଟ୍‌ର ଉତ୍କୃଷ୍ଟ ନିଦର୍ଶନ । ଚମ୍ପିଆନ୍ ହେବା ସହ ଓଡ଼ିଶା ପୋଲିସ ଦଳ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ହାସଲ କରିଛି ।ଆଜିର ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର , ଆଇଜିପି (କାର୍ମିକ) ପ୍ରବୀଣ କୁମାର ଓ କ୍ରୀଡା ଅଧିକାରୀ ନୀଳମାଧବ ସ୍ୱାଇଁ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ଇଷ୍ଟଜୋନ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ପାଇଁ ଓଡିଶା ଦଳ ଘୋଷଣା

ଭୁବନେଶ୍ୱର,୧୭/୮ (ସବ୍ୟୁ) : ସେପ୍ଟେମ୍ବର ମାସ ୩ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଇଷ୍ଟଜୋନ ବ୍ୟାଡମିଣ୍ଟନ ଚାମ୍ପିଅନସିପ ପାଇଁ ଓଡିଶା ଦଳ ଘୋଷଣା ହୋଇଛି । ଏହି ଚୟନ ପ୍ରକ୍ରିୟା ଓଡିଶା ଷ୍ଟେଟ ବ୍ୟାଡମିଣ୍ଟନ ଆସୋସିଏସନ ଦ୍ୱାରା ପଞ୍ଜିକୃତ ଖେଳାଳିମାନେ ହାସଲ କରିଥିବା ରେଙ୍କିଙ୍ଗ ପଏଣ୍ଟ ସହ ଏକ ସିଲେକ୍ସନ ଟ୍ରାଏଲକୁ ନେଇ ଖେଳାଳି ଚୟନ କରାଯାଇଥାଏ । ଇଷ୍ଟ ଜୋନର ୬ ଟି ରାଜ୍ୟ ଓଡିଶା, ଝାରଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ ଓ ଉତ୍ତରାଖଣ୍ଡ ଖେଳାଳିମାନଙ୍କୁ ନେଇ ଏହି ପ୍ରତିଯୋଗିତା ଉଭୟ ଟିମ୍ ଇଭେଣ୍ଟ ଓ ଇଣ୍ଡିଭିଜୁଏଲ ଚମ୍ପିୟାନସିପ୍ ଅନୁଷ୍ଠିତ ହେବ। ଓଡିଶାର ଜୁନିୟର ଦଳରେ ସୌମ୍ୟଜିତ ସାହୁ, ଦିବ୍ୟମ୍ କେଜ୍ରିୱାଲ, ଶୁଭ୍ରକେତନ ମଲ୍ଲିକ, ନିମିସା ଓଝା, ସ୍ୱାତି ନାୟକ, ଅମ୍ବିକା ମିଶ୍ର ଚୟନ ହୋଇଥିବା ବେଳେ ସିନିୟର ଦଳରେ ତହସିବ୍ ଖାନ, ଦିବ୍ୟମ କେଜ୍ରିୱାଲ, ଜୈସ ଅଗ୍ରୱାଲ, ଅଭିଜିତ ମହାରଣା, ତନ୍ମୟ କୁମାର ସାହୁ, ଶୁଭ୍ରକେତନ ମଲ୍ଲିକ, କଲଗା ଜଗଦିଶ, ତୁମି ବାକ୍ଟି, ହର୍ଷିତା ରାଉତ, ଆଶ୍ରିୟ ଜି. ବିରୋପ, ନିମିଶା ଓଝା, ସ୍ୱାତି ନାଏକ, ଅମ୍ବିକା ମିଶ୍ର, ସ୍ୱିଟିପ୍ରିୟା ପ୍ରଧାନ ପ୍ରମୁଖ ଖେଳାଳି ସ୍ଥାନ ପାଇଛନ୍ତି। ଦିବ୍ୟମ କେଜ୍ରିୱାଲ, ଶୁଭ୍ରକେତନ ମଲ୍ଲିକ, ନିମିଶା ଓଝା, ଅମ୍ବିକା ମିଶ୍ର ଓ ସ୍ୱାତି




ନାୟକ ଉଭୟ ଜୁନିୟର ଓ ସିନିୟର ଦଳରେ ଖେଳିବା ପାଇଁ ଚୟନ ହୋଇଛନ୍ତି । ଏହି ଚାମ୍ପିଅନସିପରେ ଦଳ ବାଳକ ସିଙ୍ଗିଲ୍ସ, ବାଳିକା ସିଙ୍ଗିଲ୍ସ, ବାଳକ ଡବଲ୍ସ, ବାଳିକା ଡବଲ୍ସ, ମିକ୍ସ ଡବଲ୍ସ ବିଭାଗର ଉଭୟ ସିନିୟର ଏବଂ ଜୁନିୟର କେଟାଗୋରିରେ ପ୍ରତିଯୋଗିତା କରିବ । ଓସ୍ବା ସଂପାଦକ ତଥା ଚୟନ କମିଟି ଆବାହକ ନିଳିନ କୁମାର, ଚୟନ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ପଟ୍ଟନାୟକ ଚୁଡାନ୍ତ ଦଳ ଘୋଷଣା କରିଥିଲେ । ଏହି ଚୟନ କମିଟିରେ ଅନ୍ୟମାନଙ୍କ ମଧ୍ୟରେ ବର୍ଷିୟାନ ବ୍ୟାଡମିଣ୍ଟନ ଖେଳାଳି ତଥା କୋଚ କମଲ ଦାସ, ବିଜୟ କୁମାର ବାଗ, ଜୟପ୍ରକାଶ ସିଂ, ମନୋରଂଜନ ପଣ୍ଡା, ବିବେକ କର, ଶୁଭ୍ରତା କାନୁନଗୋ, ସୋମେନ ଶେଖର ଦାଶ ପ୍ରମୁଖ ସଦସ୍ୟ ଅଛନ୍ତି। ଇଷ୍ଟଜୋନ ଚାମ୍ପିଅନସିପରେ ଉତ୍ତମ ଖେଳ ପ୍ରଦର୍ଶନ ପାଇଁ ଭୁବନେଶ୍ୱର ଠାରେ ଓଡିଶା ଦଳ ୧୭ ରୁ ୩୦ ପର୍ଯ୍ୟନ୍ତ ଏକ କୋଚିଂ କାର୍ଯ୍ୟକ୍ରମ ଚାଲିବ। ଏହି କ୍ୟାମ୍ପକୁ ଖେଳାଳିମାନଙ୍କୁ ଜାତୀୟ ସ୍ତରର ଜଣାଶୁଣା କୋଚମାନେ ତାଲିମ ପ୍ରଦାନ କରିବେ । ବିଗତ ବର୍ଷମାନଙ୍କର ଇଷ୍ଟଜୋନ ଚାମ୍ପିଅନସିପରେ ଓଡିଶା ଦଳ ଉତ୍ତମ ପ୍ରଦର୍ଶନ କରିଥିବାରୁ ଏ ବର୍ଷ ମଧ୍ୟ ଦଳ ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ଚୟନ କମିଟି ଆବାହକ ନଳିନ କୁମାର ଜଣାଇଛନ୍ତି ।

### ଗୋଲଡ଼େନ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଲିପିଲୋଇ ଚାମ୍ପିଅନ, ପୁରୁଣା କଟକ ରନର୍ସଅପ

ଆଠମଲ୍ଲିକ, ୧୭/୮ (ସବ୍ୟୁ) : ଆଠମଲ୍ଲିକ ବ୍ଲକ ନଅଗାଁ ପଞ୍ଚାୟତ ଲିପିଲୋଇ ଖେଳ ପଡିଆରେ ଏକ ଦିବସିୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ସର୍ବମୋଟ ଆଠଟି ଦଳ ଭାଗ ନେଇଥିଲେ। ଲିପିଲୋଇ ଗୋଲଡେନ କ୍ଲବ ସହିତ ପୁରୁଣା କଟକ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟ ରେ କେହି କାହାରିକୁ ଗୋଲ ଦେଇ ପାରି ନଥିଲେ। ଯାହା ଫଳରେ ରେଫରୀଙ୍କ ନିଷ୍ପତ୍ତି ଅନୁଯାୟୀ ଟାଇବ୍ରେକର ସାହାଯ୍ୟ ନିଆ ଯାଇଥିଲା । ଟାଇବ୍ରେକରେ ଲିପିଲୋଇ ଚାମ୍ପିଅନ ହୋଇଥିବା ବେଳେ ପୁରୁଣା କଟକ ରନର୍ସ ଅପ ଘୋଷିତ ହୋଇଥିଲା । ମୁଖ୍ୟ ରେଫରୀ ଭାବରେ ସୁଜିତ ମାହାର, ଲାଇନ୍ସ ମ୍ୟାନ ଭାବରେ ପପୁନ ବେହେରା, ଅର୍ଜୁନ ନାଏକ, ଚତୁର୍ଥ ରେଫରୀ ଭାବରେ ସୁଶୀଲ ବେହେରା ଦାୟିତ୍ୱ ତୁଲାଇ ଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ସରପଞ୍ଚ ବିଶ୍ୱମ୍ବର ବେହେରା, ସଂମ୍ମାନିତ ଅତିଥି ଭାବରେ ଲିପିଲୋଇ ଗ୍ରାମ୍ୟ କମିଟି ସଭାପତି ହୃଦାନନ୍ଦ କଅଁର, ସମ୍ପାଦକ ରୁପେଶ ମହାରଣା, ପ୍ରଶାନ୍ତ ଦନ୍ତା, ଶିକ୍ଷକ ମନ୍ମଥ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ଚାମ୍ପିଅନ ଲିପିଲୋଇ ଓ ରନର୍ସ ଅପ ପୁରୁଣାକଟକ ଦଳକୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଓ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା ।

## ୨୨ରେ 'ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର ସିଲଭର୍' ମିଟ୍

ଭୁବନେଶ୍ୱର, ୧୭।୮ (ସବ୍ୟୁ): ଓଡ଼ିଶାର କ୍ରୀଡ଼ା ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି। ଆସନ୍ତା ଅଗଷ୍ଟ ୨୨ ତାରିଖରେ ଭୁବନେଶ୍ୱରର ପ୍ରସିଦ୍ଧ କଳିଙ୍ଗ ଷ୍ଟାଡିୟମରେ ପ୍ରସିଦ୍ଧ 'ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର ସିଲଭର୍ ମିଟ୍' ଅନୁଷ୍ଠିତ ହେବ । ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଭାରତୀୟ ଆଥଲେଟିକ୍ସ ମହାସଂଘ ଏବଂ ୱାର୍ଲ୍ଡ ଆଥଲେଟିକ୍ସର ମିଳିତ ସହଯୋଗରେ ଏହି ବିଶାଳ ପ୍ରତିଯୋଗିତା ଆୟୋଜିତ ହେଉଛି । ଗତବର୍ଷ ଏହା ବ୍ରୋଞ୍ଜ ସ୍ତରର ହୋଇଥିବା ବେଳେ, ଏଥର ଏହାକୁ ସିଲଭର୍ ସ୍ତରକୁ ଉନ୍ନୀତ କରାଯାଇଛି। ୨୦୨୮ ମସିହାରେ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ବିଶ୍ୱ ଏବଂ ଏସୀୟ ଇନଡୋର ଆଥଲେଟିକ୍ସ ଚାମ୍ପିଅନସିପ୍ ପାଇଁ ଏହା ଏକ ପ୍ରମୁଖ ପ୍ରସ୍ତୁତି ପର୍ଯ୍ୟାୟ। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ଆଜି ଦେଶକୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ।ଏହି ଦିନିକିଆ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ୨୭ ଟି ଦେଶରୁ ମୋଟ ୧୮୮ ଜଣ ଆଥଲେଟ୍ ଅଂଶଗ୍ରହଣ କରିବେ । ଏଥିମଧ୍ୟରେ ୯୯ ଜଣ ବିଦେଶୀ ଖେଳାଳିଙ୍କ ସହ ୮୮ ଜଣ ଭାରତୀୟ ଆଥଲେଟ୍ ନିଜର ପ୍ରତିଭା ଦେଖାଇବାର ସୁଯୋଗ ପାଇବେ । ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା ଏବଂ ବ୍ରାଜିଲ ଭଳି ଦେଶରୁ ବଡ଼ ଦଳ ଏହି ମିଟ୍‌ରେ ଭାଗ ନେଉଛନ୍ତି। ଏହି ପ୍ରତିଯୋଗିତାରେ ପୁରୁଷ ଓ ମହିଳାଙ୍କ ପାଇଁ ସମାନ ଭାବେ ୯ଟି ଲେଖାଏଁ, ମୋଟ ୧୮ଟି ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟ ଅନୁଷ୍ଠିତ ହେବ । କୃତି ପ୍ରତିଯୋଗୀଙ୍କ ପାଇଁ ଆକର୍ଷଣୀୟ ନଗଦ ପୁରସ୍କାର ସହ ଗୁରୁତ୍ୱପୂର୍ଣ୍ଣ ୱାର୍ଲ୍ଡ ର୍‍ୟାଙ୍କିଂ ପଏଣ୍ଟ ମଧ୍ୟ ରହିଛି, ଯେଉଁଥିରେ ପ୍ରଥମ ସ୍ଥାନ ପାଇଁ ୧,୬୦୦ ଡଲାର, ଦ୍ୱିତୀୟ ସ୍ଥାନ ପାଇଁ ୧,୨୦୦ ଡଲାର ଏବଂ ତୃତୀୟ ସ୍ଥାନ ପାଇଁ ୯୦୦ ଡଲାର ପ୍ରଦାନ କରାଯିବ ।ଏହି ପ୍ରତିଯୋଗିତାର ମୁଖ୍ୟ ଆକର୍ଷଣ ପାଲଟିବେ ବିଶ୍ୱ ର୍‍ୟାଙ୍କିଂର ଶ୍ରେଷ୍ଠ ୫୦ ଜଣଙ୍କ ମଧ୍ୟରେ ଥିବା ୩୬ ଜଣ ପ୍ରସିଦ୍ଧ ଆଥଲେଟ୍ । ପ୍ୟାରିସ୍ ୨୦୨୪ ଓଲମ୍ପିକ୍ସର ୪୦୦ ମିଟର ବ୍ରୋଞ୍ଜ ପଦକ ବିଜେତା ମୁଜାଲା ସାମୁକୋଙ୍ଗା ଏବଂ ନାଇଜେରିଆର ଶଟପୁଟ୍ ତାରକା ଚୁକୱେବୁକା ଏନେକୱେଚି ନିଜର କ୍ରୀଡ଼ା




ନୈପୁଣ୍ୟ ପ୍ରଦର୍ଶନ କରିବେ। ଆଜି ଭୁବନେଶ୍ୱରରେ ଅନୁଷ୍ଠିତ ସମ୍ବାଦଦାତା ସମ୍ମିଳନୀରେ କ୍ରୀଡ଼ା ନିର୍ଦ୍ଦେଶକ ଡା. ୟେଦୁଲା ବିଜୟ ସୂଚନା ଦେଇଛନ୍ତି ଯେ, ସାଧାରଣ ଜନତା, ଛାତ୍ରଛାତ୍ରୀ ଓ କ୍ରୀଡ଼ାପ୍ରେମୀଙ୍କୁ ଉତ୍ସାହିତ କରିବା ପାଇଁ କଳିଙ୍ଗ ଷ୍ଟାଡିୟମକୁ ପ୍ରବେଶ ସମ୍ପୂର୍ଣ୍ଣ ମାଗଣା ରଖାଯାଇଛି। ସେହିପରି ୱାର୍ଲ୍ଡ ଆଥଲେଟିକ୍ସର ଉପ-ସଭାପତି ଡ. ଆଦିଲେ ସୁମାରିୱାଲା ଓଡ଼ିଶା ସରକାରଙ୍କ ଯୋଗଦାନକୁ ପ୍ରଶଂସା କରିବା ସହ ଏହି ସିଲଭର ମିଟ୍ ଅତ୍ୟନ୍ତ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହେବ ବୋଲି ପ୍ରକାଶ କରିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ଓ ଯୁବସେବା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଅଶୋକ କୁମାର ପଣ୍ଡା, ଏବଂ ଏଏଫଆଇର କୋଷାଧ୍ୟକ୍ଷ ଶ୍ରୀ ବି. ଇ. ଷ୍ଟାନଲି ମଧ୍ୟ ଉପସ୍ଥିତ ଥିଲେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଇମେଲ୍: classifiedsamaya@gmail.com

### ଏଫ୍‌ଆଇଏଚ୍ ହକି ପୁରୁଷ ବିଶ୍ୱକପ୍ ୨୦୨୬

# ଜାତୀୟ ଦଳରେ ସ୍ଥାନ ପାଇଲେ ବେଦାନ୍ତ କଳିଙ୍ଗ ଲାନ୍ସର୍ସର ୮ ଖେଳାଳି

ଭୁବନେଶ୍ୱର, ୧୭।୮ (ସବ୍ୟୁ) : ବର୍ତ୍ତମାନର ହକି ଇଣ୍ଡିଆ ଲିଗ୍ ଚାମ୍ପିଅନ୍ ବେଦାନ୍ତ କଳିଙ୍ଗ ଲାନ୍ସର୍ସର ୮ ଜଣ ଖେଳାଳି ୨୦୨୬ ଏଫ୍‌ଆଇଏଚ୍ ହକି ପୁରୁଷ ବିଶ୍ୱକପରେ ଭାରତ, ବେଲଜିୟମ୍ ଓ ଅଷ୍ଟ୍ରେଲିଆର ଜାତୀୟ ଦଳ ପକ୍ଷରୁ ଖେଳିବା ପାଇଁ ଚୟନିତ ହୋଇଛନ୍ତି। ବେଲଜିୟମ୍ ଓ ନେଦରଲ୍ୟାଣ୍ଡସରେ ଆସନ୍ତା ଅଗଷ୍ଟ ୧୫ରୁ ୩୦ ପର୍ଯ୍ୟନ୍ତ ଏହି ପ୍ରତିଷ୍ଠିତ ପ୍ରତିଯୋଗିତା ଆୟୋଜିତ ହେବ। ଗତ ଜାନୁଆରୀରେ କଳିଙ୍ଗ ହକି ଷ୍ଟାଡିୟମରେ ଆୟୋଜିତ ଫାଇନାଲରେ ରାଞ୍ଚି ରୟାଲ୍ସକୁ ୩-୨ ଗୋଲରେ ପରାସ୍ତ କରି ଲାନ୍ସର୍ସ ନିଜର ଦ୍ୱିତୀୟ ଏଚ୍‌ଆଇଏଲ ଟାଇଟଲ୍ ଜିତିଥିଲା। ସମଗ୍ର ସିଜନରେ ଦଳ ସର୍ବଶ୍ରେଷ୍ଠ ରକ୍ଷଣଭାଗ ଏବଂ ସର୍ବାଧିକ ପେନାଲ୍ଟି କର୍ଣ୍ଣର ରୂପାନ୍ତରଣ ହାର ରେକର୍ଡ କରିଥିଲା। ଭାରତୀୟ ଦଳରେ ପ୍ୟାରିସ୍ ୨୦୨୪ ଅଲିମ୍ପିକ୍ସର ବ୍ରୋଞ୍ଜ ପଦକ ବିଜେତା ଡିଫେଣ୍ଡର ସଞ୍ଜୟ




ଏବଂ ଟୋକିଓ ୨୦୨୦ ଅଲିମ୍ପିକ୍ସର ବ୍ରୋଞ୍ଜ ପଦକ ବିଜେତା ଫରୱାର୍ଡ ଦିଲପ୍ରୀତ ସିଂହ ସ୍ଥାନ ପାଇଛନ୍ତି। ସହ-ଆୟୋଜକ ବେଲଜିୟମ୍ ଦଳରେ ଲାନ୍ସର୍ସର ଅଧିନାୟକ ଆର୍ଥର ଭାନ୍ ଡୋରେନ୍ ଏବଂ ଡ୍ରାଗ୍-ଫ୍ଲିକ୍ ବିଶେଷଜ୍ଞ ଆଲେକ୍ସାଣ୍ଡର ହେଣ୍ଡ୍ରିକ୍ସଙ୍କୁ ସ୍ଥାନ ମିଳିଛି। ଉଭୟେ ଟୋକିଓ ୨୦୨୦ ଅଲିମ୍ପିକ୍ସର ସ୍ୱର୍ଣ୍ଣ ପଦକ ବିଜେତା ଏବଂ ରିଓ ୨୦୧୬ ଅଲିମ୍ପିକ୍ସର ରୌପ୍ୟ ପଦକ ବିଜେତା। ଏହି ଏଚ୍‌ଆଇଏଲ ସିଜନରେ ହେଣ୍ଡ୍ରିକ୍ସ ୧୨ଟି ଗୋଲ କରି ଲାନ୍ସର୍ସର ସର୍ବାଧିକ ଗୋଲଦାତା ଥିଲେ। ଅଷ୍ଟ୍ରେଲିଆ ଦଳରେ ଗୋଲକିପର ଜେଡ୍ ସ୍ନୋଡେନ୍, ମିଡଫିଲ୍ଡର ଲିଆମ୍ ହେଣ୍ଡରସନ୍, ଫରୱାର୍ଡ କ୍ରେଗ୍ ମାରାଇସ୍ ଏବଂ ରିଜର୍ଭ ଖେଳାଳି କୁପର ବର୍ନ୍ସଙ୍କୁ ସାମିଲ କରାଯାଇଛି। ବେଲଜିୟମ୍ ୱାଭେରରେ ପୁଲ୍-ବି, ଅଷ୍ଟ୍ରେଲିଆ ଆମେଲ୍ସଭିନରେ ପୁଲ୍-ସି ଏବଂ ଭାରତ ପୁଲ୍-ଡିରେ ପ୍ରତିଦ୍ୱନ୍ଦ୍ୱିତା କରିବ। କ୍ରସ୍‌ଓଭର କିମ୍ବା ନକ୍‌ଆଉଟ୍ ପର୍ଯ୍ୟାୟରେ ଏହି ତିନି ଦଳ ଏବଂ ସେମାନଙ୍କ ଲାନ୍ସର୍ସ ସହ ଖେଳାଳିଙ୍କ ମଧ୍ୟରେ ମୁକାବିଲା ହେବାର ସମ୍ଭାବନା ରହିଛି। ବେଦାନ୍ତ ଆଲୁମିନିୟମ୍ ମେଟାଲ୍ ଲିମିଟେଡ୍‌ର ସିଇଓ ରାଜେଶ କୁମାର କହିଛନ୍ତି, "ବିଶ୍ୱ ହକିର ସର୍ବୋଚ୍ଚ ପ୍ରତିଯୋଗିତା ପାଇଁ ଆମର ୮ ଜଣ ଖେଳାଳିଙ୍କ ଚୟନ ସମଗ୍ର ବେଦାନ୍ତ କଳିଙ୍ଗ ଲାନ୍ସର୍ସ ପରିବାର ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ଏହା ଶ୍ରେଷ୍ଠତା, ଶୃଙ୍ଖଳା ଏବଂ ବିଶ୍ୱସ୍ତରୀୟ ଦକ୍ଷତାର ସମନ୍ୱୟରେ ଏକ ଶକ୍ତିଶାଳୀ ଦଳ ଗଠନ ପ୍ରତି ଆମର ପ୍ରତିବଦ୍ଧତାର ପ୍ରତିଫଳନ। ଆମର ଖେଳାଳିମାନେ ନିଜ ନିଜ ଦେଶକୁ ପ୍ରତିନିଧିତ୍ୱ କରୁଥିବା ଏବଂ ସମ୍ଭବତଃ ପରସ୍ପର ବିରୋଧରେ ଖେଳୁଥିବା ଦେଖିବା ବିଶ୍ୱର ଏବଂ ଓଡ଼ିଶାର ହକିପ୍ରେମୀମାନଙ୍କ ପାଇଁ ଏକ ଅବିସ୍ମରଣୀୟ ଅନୁଭବ ହେବ।" ୨୦୨୬ ଏଫ୍‌ଆଇଏଚ୍ ହକି ପୁରୁଷ ବିଶ୍ୱକପ୍ ଦୁଇଟି ଭେନ୍ୟୁ—ୱାଭେରର ବେଲଫିଅସ୍ ହକି ଆରେନା ଏବଂ ଆମ୍ଷ୍ଟେଲଭିନ୍‌ର ୱାଗେନର ଷ୍ଟାଡିୟମରେ ଆୟୋଜିତ ହେବ। ପ୍ରଥମଥର ପାଇଁ ଏହି ବିଶ୍ୱକପ୍ ଦୁଇଟି ଦେଶ ମିଳିତ ଭାବେ ଆୟୋଜନ କରୁଛନ୍ତି। ୧୬ଟି ଦେଶକୁ ୪ଟି ପୁଲରେ ବିଭକ୍ତ କରାଯାଇ ଟାଇଟଲ୍ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି